# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଅଗଷ୍ଟ ୨୫/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Balasore, Saturday, August 25 / 2018 (Career & Appointment) | ★★★★

୪୪ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ମେଡିଆ ଗୁଜବକୁ ଭୟ କରେନାହିଁ: ଆଲିଆ

ରଣବୀରଙ୍କ ସହ ସମ୍ପର୍କକୁ ନେଇ ଯେଉଁଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଆଦୌ ବିଚଳିତ ନ ଥିବା ପ୍ରକାଶ କରିଛନ୍ତି।

୦୨

୧୫

## ଦେବାଶିଷ ଜାତୀୟ ଜୁନିୟର ଚୟନକର୍ତ୍ତା

ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓଡ଼ିଶାର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି।




DSPL-134

14005/13/0025/1819



ପୁଞ୍ଜିନିବେଶ ପାଇଁ ଦେଶର ଏକ ପ୍ରମୁଖ ସ୍ଥାନ ରୂପେ ଓଡ଼ିଶା କ୍ରମାଗତ ଭାବେ ରହିଆସିଛି । କେବଳ ପୁଞ୍ଜିନିବେଶ କାହିଁକି, ଓଡ଼ିଶା ଏବେ ସଂଖ୍ୟାଧିକ ଗୌରବର ଅଧିକାରୀ । ଓଡ଼ିଶା ଏବଂ ଓଡ଼ିଶାବାସୀ ହାସଲ କରିଥିବା କୃତିତ୍ୱର ଏହି ସଫଳ କାହାଣୀଗୁଡ଼ିକୁ ମୁଁ ଆପଣଙ୍କ ସମ୍ମୁଖରେ ସଗର୍ବେ ଉପସ୍ଥାପନ କରୁଛି । ଆସନ୍ତୁ, ଓଡ଼ିଶାର ଏହି ବିଜୟ ଯାତ୍ରାରେ ସାମିଲ୍ ହେବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କର ଉପଲବ୍ଧି ଓ ସଫଳତାକୁ ମାନ୍ୟତା ଦେବାପାଇଁ ଏକ ନୂତନ ଅଭିଯାନ

www.iamodisha.info କିମ୍ବା WhatsApp No.7978927908 ଜରିଆରେ ନିଜର ଏବଂ ନିକଟତମ ଲୋକଙ୍କର ଏହି ଅଭିଯାନ ସମ୍ପର୍କିତ ଆଲେଖ୍ୟ ସେୟାର୍ କରି ଏହି ଅଭିଯାନରେ ସାମିଲ ହୁଅନ୍ତୁ । ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୧୮ ଅବସରରେ ସବୁଠାରୁ ପ୍ରେରଣାଦାୟୀ ଏବଂ ପ୍ରଭାବଶାଳୀ ଆଲେଖ୍ୟକୁ ସମ୍ମାନିତ କରାଯିବ ।

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Download Mobile App 'MakeInOdisha' from | Follow us on


# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ଆସନ୍ତା ଶିକ୍ଷାବର୍ଷରୁ ଅର୍ଥାତ୍ ୨୦୧୯ରୁ ସୁପର ସ୍ପେଶିଆଲିଷ୍ଟ ଡାକ୍ତରୀ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ମାଷ୍ଟର ଡିଗ୍ରୀ ଆଣ୍ଡ୍ ମାଷ୍ଟର ଅଫ୍ ସର୍ଜରି(ଏମ୍‌ଡି ଆଣ୍ଡ୍ ଏମ୍‌ଏସ୍)ରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବେ। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି ବୋଲି ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଛନ୍ତି।



ଶନିବାର ଏମ୍ସ ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏ ନେଇ ଶୁକ୍ରବାର ଏମ୍ସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଥିଲେ, ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେବେ। ଏହି ଅବସରରେ ୫ ଛାତ୍ରୀଛାତ୍ରଙ୍କୁ ୨୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏମ୍‌ବିବିଏସ୍‌ରେ ୩ ☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

**ପାର୍ଶ୍ୱପ୍ରବେଶକୁ ବିରୋଧ**

### ଆଜିର ମନ୍ତବ୍ୟ

" ମୁଁ ହୃଦୟର କଥା କୁହେ, କାରଣ ମନ କଥା କହିବା ତାଙ୍କ ଅନ୍ୟ କାହା ପାଖରେ ଅଛି।
–ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନାରତ । (ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା–୫)

# ବିଧାନ ପରିଷଦ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ରାଜ୍ୟ ସରକାର ବିଧାନ ପରିଷଦ ଗଠନ ପାଇଁ ଆଉ ଦୁଇପାଦ ଆଗେଇଛନ୍ତି। ଉଚ୍ଚସଦନର ରୂପରେଖ କିପରି ହେବ ସେ ନେଇ ମଧ୍ୟ ଶେଷ ସ୍ପର୍ଶ ଦିଆଯାଇଛି। ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅନୁମୋଦନ ପରେ ଆସନ୍ତା ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ଏ ନେଇ ଏକ ସଂକଳ୍ପ ପାରିତ କରାଯିବ। ପରେ ଭାରତୀୟ ସମ୍ବିଧାନର ଧାରା ୧୬୯ ଅନୁଯାୟୀ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ଏହାକୁ ପଠାଯିବ। ପାର୍ଲାମେଣ୍ଟରେ ଏ ନେଇ ଏକ ବିଲ୍ ଆଗତ ହେବ । ପାର୍ଲାମେଣ୍ଟର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯିବ। ରାଷ୍ଟ୍ରପତି ଏହା ଉପରେ ମୋହର ମାରିବା ପରେ ବିଧାନ ପରିଷଦ ଗଠନ ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିବେ। ଏହା ଏକ ଲମ୍ବା ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପରିଷଦ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଆସନ୍ତା ବିଧାନସଭାରେ ପରିଷଦ ଗଠନ ନେଇ ସର୍ବସମ୍ମତ ସଂକଳ୍ପ ଗୃହୀତ କରାଇ କେନ୍ଦ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।

**କ୍ୟାବିନେଟ ନିଷ୍ପତ୍ତି**

- ଆସନ୍ତା ବିଧାନସଭା ଅଧିବେଶନରେ ଆସିବ ସଂକଳ୍ପ
- ୬ ବର୍ଷ କାର୍ଯ୍ୟକାଳ, ୪୯ ସଭ୍ୟ ରହିବେ
- ଏହା ଏକ ଥଇଥାନ ସଂସ୍ଥା ହେବ: କଂଗ୍ରେସ

କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ସରକାର ବିଧାୟକ ନୃସିଂହ ସାହୁଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ମନୋହର ରନ୍ଧାରୀ, କଂଗ୍ରେସ ବିଧାୟକ ଭୁଜବଳ ମାଝି ଏବଂ ଭାଜପା ବିଧାୟକ ନୀତିଶ ଗଙ୍ଗଦେବ ସଦସ୍ୟ ରହିଛନ୍ତି। ସେମାନେ ୪ଟି ରାଜ୍ୟ କର୍ଣ୍ଣାଟକ, ବିହାର, ମହାରାଷ୍ଟ୍ର ଓ ତେଲେଙ୍ଗାନା ଗସ୍ତ କରି ସେଠାରେ ଥିବା ବିଧାନ ☞ପୃଷ୍ଠା–୪

■ କଳଙ୍କିତ ହେଲା ପବିତ୍ର ସମ୍ପର୍କ

# ଝିଆରୀଙ୍କୁ ବଳାତ୍କାର କରି ପୋଲିସ ଏଏସ୍‌ଆଇ ଗିରଫ

ଭାପୁର, ୨୪।୮ (ଡି.ଏନ୍.ଏ.)

ଦାଦା ଝିଆରୀ ଭଳି ପବିତ୍ର ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଏଭଳି ଲଜ୍ଜାଜନକ ଘଟଣା ଘଟିଛି ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରେ। ଜଣେ ପୋଲିସ ଅଫିସର ତାଙ୍କ ଝିଆରୀଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ଦାଦାଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ବାଣିଗୋଚ୍ଛା ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି ବ୍ରଜବନ୍ଧୁ ମଲ୍ଲିକ (୫୦)। ସେ ଫତେଗଡ ଥାନା ବନମାଳୀପୁର ପଞ୍ଚାୟତ ଅଞ୍ଚଳର ତାଙ୍କ ବଡଭାଇଙ୍କ ନାବାଳିକା ଝିଅଙ୍କୁ ବିଭିନ୍ନ ସମୟରେ ବଳାତ୍କାର କରିଆସୁଥିଲେ। ଫଳସ୍ୱରୂପ ନାବାଳିକା ଜଣକ ଏବେ ୬ ମାସର ଗର୍ଭବତୀ। ଦାଦାଙ୍କ ଏହି ଅନୈତିକ ସମ୍ପର୍କ ନେଇ ନାବାଳିକା ଗୁରୁବାର ନୟାଗଡ ଶିଶୁ ମଙ୍ଗଳ ସମିତିରେ ଅଭିଯୋଗ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟମାନେ ଏ ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଫତେଗଡ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଫତେଗଡ ଥାନା ଅଧିକାରୀ ଆଶୁତୋଷ ମିଶ୍ର ଶୁକ୍ରବାର ଏ ନେଇ ୧୬୨/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଏଏସ୍‌ଆଇ ବ୍ରଜବନ୍ଧୁଙ୍କୁ ଗିରଫ କରିଛନ୍ତି। ଉଭୟ ଦାଦା ଓ ଝିଆରୀଙ୍କ ଡାକ୍ତରୀମାଇନା କରାଇ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ବ୍ରଜବନ୍ଧୁଙ୍କ ସ୍ତ୍ରୀ ଫତେଗଡ ଥାନାରେ ପହଞ୍ଚି ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଓ ତାଙ୍କୁ ଘରୋଇ କଳି, ଜମିବାଡି ଭାଗବଣ୍ଟାକୁ ନେଇ ମିଥ୍ୟା ମାମଲାରେ ଫସାଯାଇଛି। ତାଙ୍କ ଝିଆରୀଙ୍କୁ ଯେଉଁ ଅଭିଯୁକ୍ତ ଗର୍ଭବତୀ କରିଛନ୍ତି ତାଙ୍କ ନାମ ଲୁଚାଯାଇଛି ବୋଲି କହିଛନ୍ତି।

■ ମହିଳାଙ୍କ ଉପରକୁ ମାଡ଼ିଲା ଭାଜପା ଏମ୍‌ପିଙ୍କ ଗାଡ଼ି

# ଜଣେ ମୃତ, ଜଣେ ଗୁରୁତର

ଗୁଣ୍ଟୁର, ୨୪।୮

ଦୁଇଜଣ ମହିଳାଙ୍କ ଉପରକୁ ମାଡ଼ିଗଲା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଜି.ଭି.ଏଲ୍. ନରସିଂହ ରାଓଙ୍କ ଗାଡ଼ି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଅନ୍ତର୍ଗତ ତାଡେପଲ୍ଲୀ ନିକଟବର୍ତ୍ତୀ କୋଲାନୁକୋଣ୍ଡା ଗ୍ରାମରେ ଶୁକ୍ରବାର ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପ୍ରାଥମିକ ରିପୋର୍ଟ ମୁତାବକ, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାବେଳେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇ ପଥଚାରୀଙ୍କ ଉପରକୁ ଚଢ଼ାଇ ଦେଇଥିଲେ। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମୟରେ ଏମ୍‌ପି ନରସିଂହ ମଧ୍ୟ ଗାଡ଼ିରେ ବସିଥିଲେ। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ସେ ତୁରନ୍ତ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି।



**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସପ୍ତାହ ମଧ୍ୟରେ ୩୩.୨ ନିୟୁତ ଡଲାର ହ୍ରାସ ଘଟି ୪୦୦.୮୪୭ ବିଲିୟନ ଡଲାରକୁ ଖସିଛି। ଏହାର ପୂର୍ବବର୍ତ୍ତୀ ସପ୍ତାହରେ ଏଥିରେ ୧.୮୨୨ ବିଲିୟନ ଡଲାର ହ୍ରାସ ଘଟି ୪୦୦.୮୮୧ ବିଲିୟନ ଡଲାର ରହିଥିଲା। – **ଆର୍‌ବିଆଇ ତଥ୍ୟ**





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | |
|---|---|---|
| Gold 24 CT - ₹ | 30,500/- | 10gm. |
| Gold 22 CT - ₹ | 29,500/- | 10gm. |
| Silver Rate - ₹ | 380/- | / 10gm. |
| Making Charge - ₹ | 100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
24.08.2018
Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers



"ସମଗ୍ର ଦେଶରେ ଏବେ ଅରାଜକତା ଚାଲିଛି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଭାଜପା ଦାୟୀ। ଲୋକମାନେ କ'ଣ ଖାଇବେ, ତାହା ମଧ କ'ଣ ଗୈରିକ ଦଳ ନିଷ୍ପତ୍ତି ନେବ।

- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବିବାଦ
## ବିରୋଧୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ/କଲିକତା, ୨୪।୮(ପି.ଟି.):** ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୨୦,୦୦୦ରୁ ଅଧିକ ପଞ୍ଚାୟତ ଆସନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ। ସେଥିରେ ଅଧିକାଂଶ ପ୍ରାର୍ଥୀ ଥିଲେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର। ତେବେ ପଞ୍ଚାୟତ ନିର୍ବାଚନକୁ ରଦ୍ଦ କରିବା ଲାଗି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ଏହାକୁ ମଝିରେ ଅଟକାଯାଇ ପାରିବ ନାହିଁ ବୋଲି ଏହାର ଆଇନଗତ ସମାଧାନ ଦିଗକୁ ଆଲୋକପାତ କରି ଅଦାଲତ କହିଛନ୍ତି। ଏହାସହ ଇମେଲ୍ ଏବଂ ହ୍ୱାଟ୍ସଆପ୍ ଇଲେକ୍ଟ୍ରୋନିକ୍ସ ମାଧମରେ ନାମାଙ୍କନପତ୍ର ଦାଖଲ କରିବା ନେଇ କଲିକତା ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନକୁ ଦେଇଥିବା ନିର୍ଦ୍ଦେଶନାମାକୁ ମଧ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତା ବିଶିଷ୍ଟ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି।

## ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୪।୮(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟର ବେଳେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଟଳିପଡ଼ିଥିବା ଆତଙ୍କବାଦୀ ହେଉଛନ୍ତି ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସଦସ୍ୟ। ଜଣେ ପୋଲିସ ମୁଖପାତ୍ରଙ୍କ କହିବା ଅନୁଯାୟୀ, କୋକେରନାଗ ଅଞ୍ଚଳର ଭୈଲୁଠାରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିବା ପରେ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଗୁଳି ବିନିମୟ ବେଳେ ଉକ୍ତ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ତାଙ୍କଠାରୁ ବିପୁଳ ଅସ୍ତ୍ର ଜବତ ହୋଇଛି।

## ପେରୁରେ ଶକ୍ତିଶାଳୀ ଭୂକମ୍ପ

**ୱାଶିଂଟନ୍,୨୪।୮(ପି.ଟି.):** ବ୍ରାଜିଲ ସୀମାନ୍ତରେ ପୂର୍ବ ପେରୁରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତାର ୭.୧ ରହିଥିଲା। ଦେଶର ଆଇବେରିଆ ସହରଠାରୁ ୧୪୦ କିଲୋମିଟର ପଶ୍ଚିମରେ ଏହାର ଉତ୍ପତ୍ତିସ୍ଥଳ। ଏହା ୬୦୯ କି.ମି. ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

## 'କିସିଂ ବାବା' ଗିରଫ

**ମୋରିଗାଓଁ,୨୪।୮:** ଯୌନ ନିର୍ଯାତନା ଅଭିଯୋଗରେ ବନ୍ଧାହେଲେ 'ଚୁମ୍ବନ ବାବା' (କିସିଂ ବାବା)। ଆସାମର ମୋରିଗାଓଁ ଅନ୍ତର୍ଗତ ଭୋରାଲ୍‌ଟୁପ୍ ଗ୍ରାମର ବାବା ରାମପ୍ରକାଶ ଚୌହାନ୍ ମାନସିକ ଏବଂ ଶାରୀରିକ କଷ୍ଟ ଦୂର କରିବା ଆଳରେ ମହିଳାଙ୍କୁ ଚୁମ୍ବନ ଏବଂ ଆଲିଙ୍ଗନ କରିଥାନ୍ତି। ବାବାଙ୍କ ଏଭଳି ବ୍ୟବହାର ଯୋଗୁ ଅନୁଗାମୀମାନେ ତାଙ୍କୁ 'କିସିଂ ବାବା' ବୋଲି କହୁଥିଲେ। ନିଜକୁ ଭଗବାନ ବୋଲାଉଥିବା ରାମପ୍ରକାଶ ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରୁଥିଲେ। ଗ୍ରାମରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମହିଳାମାନେ ଉକ୍ତ ମନ୍ଦିରକୁ ଯାଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ। ତାଙ୍କର ଏଭଳି ବ୍ୟବହାର ସମ୍ପର୍କରେ ଖବର ପାଇବା ପରେ ପୋଲିସ ସତର୍କ ହୋଇଯାଇଥିଲା। ଅଗଷ୍ଟ ୨୨ରେ ଭୋରାଲ୍‌ଟୁପ୍ ଗ୍ରାମରୁ ତାଙ୍କୁ ଗିରଫ କରାଯାଇଥିଲା। ବାବା ଚୌହାନ୍‌ଙ୍କ ମା'ଙ୍କୁ ମଧ ଗିରଫ କରାଯାଇଛି।

### [ଇତିହାସର ଆଇନାରେ]
## ଅଗଷ୍ଟ ୨୫ର ପ୍ରମୁଖ ଘଟଣା

୧୯୩୩ ଅଗଷ୍ଟ ୨୫ରେ ଚାଇନାର ସିଚୁଆନ୍ ପ୍ରଦେଶ ଅନ୍ତର୍ଗତ ମାଓ କାଉଣ୍ଟିର ଡିକ୍ସି ସହରରେ ଭୟାବହ ଭୂକମ୍ପ ଘଟିଥିଲା। ଏଥିରେ ପ୍ରାୟ ୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

୧୯୯୧ ଅଗଷ୍ଟ ୨୫ରେ ସୋଭିଏଟ୍ ୟୁନିୟନଠାରୁ ବେଲାରୁସ୍ ସ୍ୱାଧୀନତା ହାସଲ କରିଥିଲା। ସୋଭିଏଟ୍ ୟୁନିୟନ୍ ଭାଙ୍ଗିଯିବା ସମୟରେ ୧୯୯୦ ଜୁଲାଇ ୨୭ରେ ବେଲାରୁସ୍ ପାର୍ଲାମେଣ୍ଟ ସାର୍ବଭୌମତ୍ୱ ଘୋଷଣା କରିଥିଲା। ଏହାର ପ୍ରାୟ ୫ବର୍ଷ ପରେ ପୂର୍ବ ୟୁରୋପର ଏହି ଦେଶ ସ୍ୱାଧୀନ ହୋଇଥିଲା।

### କେରଳ ବନ୍ୟାକୁ ନେଇ ରାଜନୈତିକ ଉଷ୍ମତା
# ସଙ୍କଟବେଳେ ନାଟ

**ନୂଆଦିଲ୍ଲୀ/କୋଚି, ୨୪।୮(ପି.ଟି.)**

ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବରେ ରଣଭୂମି ପାଲଟିଥିବା କେରଳରେ ଏବେ ଲୋକେ ଜୀବନଜୀବିକା ପାଇଁ ବାଟ ଖୋଜୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଏବଂ କ୍ଷୁଧା ମେଣ୍ଟାଇବାକୁ ଆହାର ପାଇଁ ଅନ୍ୟର ହାତକୁ ଚାହିଁରହିଛନ୍ତି। ଏଭଳି ସଙ୍କଟ ଦେଇ କେରଳୀମାନେ କାଳାତିପାତ କରୁଥିବାବେଳେ ବନ୍ୟାକୁ ନେଇ ଜୋର୍ ଧରିଛି ରାଜନୀତି ନାଟ। ବିଦେଶୀ ପାଣ୍ଠିକୁ ନେଇ ରାଜନୈତିକ ପାଣିପାଗ ଉଷ୍ମ ଥିବାବେଳେ ଶୁକ୍ରବାର ଏକ ଭିନ୍ନ ମୋଡ଼ ଆସିଛି। କେରଳକୁ କେତେ ପରିମାଣରେ ଆର୍ଥିକ ସହାୟତା ଯୋଗାଇଦିଆଯିବ ସେ ନେଇ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିନାହିଁ। ତେଣୁ ପାଣ୍ଠି ଦାନ ସମ୍ପର୍କରେ ଘୋଷଣାର ପ୍ରଶ୍ନ ଉଠୁନାହିଁ ବୋଲି ୟୁଏଇ ଦୂତାବାସର ଜଣେ ଅଧିକାରୀ କହିଛନ୍ତି। ତାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଘେରିଛି ବିରୋଧୀ ଭାଜପା। ୟୁଏଇ ୭୦୦ କୋଟି ଟଙ୍କା ସହାୟତା ଦେବାକୁ ଘୋଷଣା କରି ନ ଥିଲା ବେଳେ ବିଜୟନ୍ ଆପେ ଆପେ କହିବୁଲୁଛନ୍ତି। ତାଙ୍କୁ ଏ ସୂଚନା କିଏ ଦେଇଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି।

### ବିଦେଶୀ ପାଣ୍ଠିକୁ ନେଇ ବାକ୍‌ଯୁଦ୍ଧ


ଅହମ୍ମଦ ଅଲ୍‌ବାନ୍ନମ୍


ପିନାରାୟୀ ବିଜୟନ

- ଆର୍ଥିକ ସହାୟତା ଘୋଷଣା କରିନି ୟୁଏଇ
- ସ୍ପଷ୍ଟ କଲେ ଆରବ ରାଷ୍ଟ୍ରଦୂତ
- କେରଳ ମୁଖ୍ୟମନ୍ତ୍ରୀ ଲଜ୍ଜିତ
- ବିଜୟନ୍‌ଙ୍କୁ ଘେରିଲା ଭାଜପା
- କେଉଁଠୁ ପାଇଲ ସୂଚନା, ଉତ୍ତର ଦିଅ

ନିକଟରେ କେରଳ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସୂଚନା ଦେଇଥିଲେ ଯେ, କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୟୁଏଇ ୭୦୦ କୋଟି ଟଙ୍କା ଦେବ। କାତାର ଓ ମାଳଦ୍ୱୀପ ମଧ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେବା ପରେ କେରଳର ଶାସକ ଏଲ୍‌ଡିଏଫ୍, କଂଗ୍ରେସ ଓ ଅନ୍ୟଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। କାଦୁଅଫିଙ୍ଗା ଚାଲିଥିଲାବେଳେ ଶୁକ୍ରବାର ୟୁଏଇ ଆମ୍ବାସାଡର ଅହମ୍ମଦ ଅଲ୍‌ବାନ୍ନମ୍ ଯେଉଁ ଖୁଲାସା କଲେ, ତାହା ବିଜୟନ୍‌ଙ୍କୁ ଲଜ୍ଜିତ କରିଛି। ଅଲ୍‌ବାନ୍ନମ୍ କହିଛନ୍ତି, କେରଳବାସୀଙ୍କୁ ରିଲିଫ୍ ସହାୟତା ଯୋଗାଇବା ପାଇଁ ୟୁଏଇ ସରକାର କେବଳ ଏକ ଜାତୀୟ ଜରୁରିକାଳୀନ କମିଟି ଗଠନ କରିଛନ୍ତି। କୌଣସି ଆର୍ଥିକ ସହାୟତା ବିଷୟରେ ସରକାରୀ ସ୍ତରରେ ଘୋଷଣା ହୋଇନାହିଁ। ୟୁଇଏ ସରକାର କେରଳ ବିପନ୍ନଙ୍କୁ କେଉଁ ପ୍ରକାର ସହଯୋଗ କରିବେ, ତାହା ଆଗାମୀ କିଛିଦିନ ମଧରେ ସ୍ପଷ୍ଟ ହୋଇଯିବ। ୟୁଏଇ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟ ପରେ କେରଳର ଭାଜପା ମୁଖ୍ୟ ପି.ଏସ୍. ଶ୍ରୀଧରନ୍ ପିଲ୍ଲାଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ୟୁଏଇ କୌଣସି ପ୍ରକାର ଘୋଷଣା କରି ନ ଥିବାବେଳେ ବିଜୟନ୍ କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି ଚଳାଇଛନ୍ତି। ସେ କେଉଁ ସୂତ୍ରରୁ ଏଭଳି ମିଥ୍ୟା ସୂଚନା ପାଇଲେ, ତାହାର ଜବାବ ଦିଅନ୍ତୁ। ଚଳିତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀରେ ବିଜୟନ୍ କହିଥିଲେ ଯେ, ମଧପ୍ରାଚ୍ୟର ପ୍ରମୁଖ ବ୍ୟବସାୟୀ ଏମ୍.ଏ. ୟୁସୁଫ୍ ତାଙ୍କୁ ୟୁଏଇର ସହାୟତା ବିଷୟରେ ସୂଚନା ପ୍ରଦାନ କରିଥିଲେ।

### ମାମଲା ଶୁଣାଣିର ସିଧା ପ୍ରସାରଣ
# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨୪।୮(ପି.ଟି.)**

କୋର୍ଟରୁମ୍‌ରେ ମାମଲାର ବିଚାର ଚାଲିଥିବାବେଳେ ଟେଲିଭିଜନରେ ଏହାର ସିଧା ପ୍ରସାରଣ ନେଇ ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହା ସପକ୍ଷରେ ଟିପ୍ପଣୀ ଦେଇ ରାୟ ସଂରକ୍ଷିତ ରଖିଛନ୍ତି।

ଦେଶର ସାଧାରଣ ଜନତା ଘରେ ବସି ଟିଭି ଚ୍ୟାନେଲରେ ଖେଳ, ଲୋକ ସଭା/ ରାଜ୍ୟ ସଭାରେ ଗୃହକାର୍ଯ୍ୟ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଭଳି କୋର୍ଟରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଦେଖିପାରିବେ। ଖୁବ୍‌ଶୀଘ୍ର ଏହା ସତରେ ପରିଣତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟରୁମ୍‌ଗୁଡ଼ିକରେ ଅଯଥା ଭିଡ଼ କମାଇବା ପାଇଁ 'ଖୋଲା କୋର୍ଟ'ର ଧାରଣାକୁ କାର୍ଯ୍ୟକାରୀ କରାଇ ଏହାକୁ ବାସ୍ତବ ରୂପ ଦେବାକୁ ଚାହୁଁଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ନେଇ ଗାଇଡ୍‌ଲାଇନ୍ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଶୁକ୍ରବାର ସୁପ୍ରିମକୋର୍ଟରେ ଉପସ୍ଥାପନ କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, କୋର୍ଟରୁ ସିଧା ପ୍ରସାରଣ କରାଗଲେ କିଛି ଅସୁବିଧା ହେବ ନାହିଁ। ପ୍ରଥମେ ଏହାକୁ ଆରମ୍ଭ କରାଯାଉ ଓ ଆଗକୁ ଏହା କିପରି ଚାଲୁଛି ଦେଖାଯାଉ। ଆମେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରିପାରିବା ବୋଲି ଖଣ୍ଡପୀଠ କହିଛନ୍ତି। ଆର୍ଟର୍ନି ଜେନେରାଲ ବେଣୁଗୋପାଳ କହିଥିଲେ, ସାମ୍ବିଧାନିକ ବିଶେଷତ୍ୱ ବହନ କରୁଥିବା ମାମଲାଗୁଡ଼ିକର ସିଧା ପ୍ରସାରଣ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇପାରେ। ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନଙ୍କ ଅଦାଲତ ଏବଂ ସାରା ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଏହି ପ୍ରେଜେକ୍ଟର ସଫଳତା ଉପରେ ନିର୍ଭର କରେ। ବ୍ୟକ୍ତିଗତ ଗୋପନୀୟତା ବା ଜାତୀୟ ନିରାପତ୍ତା ଭଳି ସମ୍ବେଦନଶୀଳ ମାମଲାର ବିଚାର ବେଳେ କିମ୍ବା ଆଇନଜୀବୀ ଦୁର୍ବ୍ୟବହାର ଦେଖାଇଲେ ବିଚାରପତି ଶବ୍ଦକୁ ଶୁଣି ନ ହେବା ଭଳି ଶକ୍ତିହୀନ (ମ୍ୟୁଟ୍) କରିପାରିବେ। ଏଥିସକାଶେ ଲାଇଭ୍ ଷ୍ଟ୍ରିମିଂକୁ ୭୦ ସେକେଣ୍ଡ ବିଳମ୍ବ କରାଯିବା ଉଚିତ। ସମସ୍ତ ପକ୍ଷ, ଖବରଦାତା, ଆଇନଜୀବୀ ଓ ପରିଦର୍ଶକମାନେ ଯେପରି ସିଧା ପ୍ରସାରଣ ଦେଖିପାରିବେ ସେଥିପାଇଁ ଅଦାଲତ ପରିସରରେ ଏକ ମିଡିଆ ରୁମ୍ ପ୍ରତିଷ୍ଠା କରାଗଲେ ଭିଡ଼ ହ୍ରାସ ପାଇବ ବୋଲି ବେଣୁଗୋପାଳ ପ୍ରସ୍ତାବ ଦେଇଥିଲେ। ପ୍ରକାଶ ଯେ, ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ, ରାଜସ୍ଥାନର ଯୋଧପୁରସ୍ଥିତ ନ୍ୟାଶନାଲ ଲ ୟୁନିଭର୍ସିଟି ଛାତ୍ର ସ୍ୱପ୍ନିଲ ତ୍ରିପାଠୀ ଏବଂ ଅନ୍ୟ କେତେଜଣ ଆବେଦନକାରୀ ସିଧା ପ୍ରସାରଣ ପାଇଁ ପିଟିଶନ ଦାଏର କରିଥିଲେ।

### କୋର୍ଟରୁମ୍‌ରେ ଭିଡ଼ କମିବ

- ପ୍ରସ୍ତାବ ସପକ୍ଷରେ କେନ୍ଦ୍ର ସରକାର
- ସିଜେଆଇଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ
- ସଫଳ ହେଲେ ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ହୋଇପାରେ ସିଧା ପ୍ରସାରଣ



# ୩୩ ଦୋଷୀ: ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ, ୨୪।୮(ପି.ଟି.)**

### ମିର୍ଚପୁର ଦଳିତ ହତ୍ୟା ମାମଲା

ମିର୍ଚପୁର ଦଳିତ ହତ୍ୟା ମାମଲାରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ୩୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରୁ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ତଳକୋର୍ଟ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଦୋଷୀ ପ୍ରମାଣ କରାଯାଇଛି। ଏମାନଙ୍କ ଦଣ୍ଡ ଅବଧି ଭିନ୍ନ ଭିନ୍ନ ରହିଛି। ସ୍ୱାଧୀନତାର ୭୧ ବର୍ଷ ପରେ ବି ଅନୁସୂଚିତ ଜାତିର ଲୋକଙ୍କ ପ୍ରତି ଅତ୍ୟାଚାର ଥମୁ ନାହିଁ ବୋଲି ଜଷ୍ଟିସ୍ ମୁରଲୀଧର ଏବଂ ଜଷ୍ଟିସ୍ ଆଇ.ଏସ୍. ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୦ ଏପ୍ରିଲରେ ହରିୟାଣାର ହିସାର ଜିଲା ଅନ୍ତର୍ଗତ ମିର୍ଚପୁର ଗ୍ରାମରେ ଜାଟ୍ ଓ ଦଳିତ ସମ୍ପ୍ରଦାୟ ମଧ୍ୟରେ ହିଂସା ଘଟିଥିଲା। ଏପ୍ରିଲ ୧୯, ୨୦ ଓ ୨୧ରେ ବାଲ୍ମୀକି ସମ୍ପ୍ରଦାୟର ଲୋକଙ୍କୁ ଜାଟ୍‌ମାନେ ଅନେକ ଅତ୍ୟାଚାର କରିଥିଲେ। ଜଣେ ୬୦ ବର୍ଷୀୟ ଦଳିତ ବ୍ୟକ୍ତିଙ୍କ ଘରେ ଜାଟ୍‌ମାନେ ନିଆଁ ଲଗାଇଦେବାରୁ ସେ ଓ ତାଙ୍କର ଦିବ୍ୟାଙ୍ଗ ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ହତ୍ୟା ମାମଲାରେ ୨୦୧୧ ସେପ୍ଟେମ୍ବର ୨୪ରେ ତଳକୋର୍ଟ ୯୭ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଦୁଇ ଦୋଷୀଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ୧୩ ଦୋଷୀ ତଳକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫୁରସତ

# ସାଟେଲାଇଟ୍ କହିବ ବରଫ ତରଳିବାର କାରଣ

**ୱାଶିଂଟନ୍:** ନାସା ଆସନ୍ତା ମାସରେ ଲେଜର-ବାହୁଯୁକ୍ତ ସାଟେଲାଟ୍ ମହାକାଶକୁ ଛାଡ଼ିବ। ପୃଥିବୀର ମେରୁ ଅଞ୍ଚଳରେ ବରଫ ପର୍ବତ କିପରି ଏତେ ଦ୍ରୁତଗତିରେ ତରଳୁଛି ସେ ସମ୍ପର୍କରେ ଏହା ଅନୁଧ୍ୟାନ କରିବ।

ଏଇ କିଛିବର୍ଷ ହେଲା ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ଅପ୍ରତ୍ୟାଶିତ ଭାବରେ ବରଫ ଖଣ୍ଡ ତରଳିବା ଯୋଗୁ ବିଶ୍ୱ ସ୍ତରରେ ସମୁଦ୍ରପତ୍ତନ ବର୍ଷକୁ ୧ ମିଲିମିଟରରୁ ଊର୍ଦ୍ଧ୍ୱ ବୃଦ୍ଧି ପାଉଛି। ବରଫ ଖଣ୍ଡ ଏତେ ଦ୍ରୁତଗତିରେ ତରଳିବାର କାରଣ କ'ଣ ସେ ସମ୍ପର୍କିତ ତଥ୍ୟ ଏହି ସାଟେଲାଇଟ୍ ଦ୍ୱାରା ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏହାକୁ ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨ (ଆଇସ୍‌ସାଟ୍-୨) କୁହାଯାଉଛି। ଏହି ସାଟେଲାଇଟ୍‌କୁ ସେପ୍ଟେମ୍ବର ୧୫ରେ କାଲିଫର୍ନିଆର ଭାଣ୍ଡେନବର୍ଗ ଏୟାରଫୋର୍ସ ବେସ୍‌ରୁ ଲଞ୍ଚ୍ କରାଯିବ। ଆଇସ୍‌ସାଟ୍-୨ ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ସମୁଦ୍ରପତ୍ତନଠାରୁ ବରଫଖଣ୍ଡର ଉଚ୍ଚତା ବର୍ଷକୁ କେତେ ହ୍ରାସ ପାଉଛି ତାହା ମାପ କରିପାରିବ। ଏହି ସାଟେଲାଇଟ୍‌ର ନୂତନ ପର୍ଯ୍ୟବେକ୍ଷଣଭିତ୍ତିକ ଜ୍ଞାନକୌଶଳ ଦ୍ୱାରା ବରଫଖଣ୍ଡ ତରଳିବା ଏବଂ ଏହାଦ୍ୱାରା ସମୁଦ୍ରପତ୍ତନ କିପରି ବୃଦ୍ଧି ପାଉଛି ତାହା ବୈଜ୍ଞାନିକଙ୍କୁ ଜଣାଇ ଦେଇପାରିବ ବୋଲି ନାସାର ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଆର୍ଥ ସାଇନ୍ସ ଡିଭିଜନ୍ ନିର୍ଦ୍ଦେଶକ ମାଇକେଲ୍ ଫ୍ରେଲିଚ ପ୍ରକାଶ କରିଛନ୍ତି।



# ପିଲାଙ୍କ ପଢ଼ାସାଥୀ ରୋବୋ

**ୱାଶିଂଟନ:** ବୈଜ୍ଞାନିକମାନେ ଏକ ନୂଆ ରୋବୋ (ଯନ୍ତ୍ର ମାନବ) ବିକଶିତ କରିଛନ୍ତି। ଏହା ପିଲାଙ୍କ ପଢ଼ାସାଥୀ ହୋଇ ପାରିବ। ପିଲା ପଢୁଥିବା ବେଳେ ଏହା ଧ୍ୟାନର ସହିତ ଶୁଣି ମଣିଷ ଭଳି ପ୍ରତିକ୍ରିୟା କରିପାରିବ। ଏହି ରୋବୋର ନାମ 'ମିନି' ରଖାଯାଇଛି। ବୈଜ୍ଞାନିକମାନେ ଏଥିପାଇଁ ଏକ ପରୀକ୍ଷା କରିଥିଲେ। ଦୁଇ ସପ୍ତାହ ଧରି ରୋବୋ ସହିତ ପଢ଼ିବା ପରେ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ଆମେରିକାର ୱିସ୍‌କନସିନ୍-ମାଡିସନ୍ ୟୁନିଭର୍ସିଟିର ଗ୍ରାଜୁଏଟ୍ ଛାତ୍ର ଯୋସେଫ୍ ମାଇକେଲ କହନ୍ତି, ରୋବୋ ସହିତ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପ୍ରଶ୍ନ କରାଯାଇଥିଲା। ରୋବୋ ଖୁବ୍ ମଜାଳିଆ ଏବଂ ସାଦାସିଧା ବୋଲି ସେମାନେ ବର୍ଣ୍ଣନା କରିଥିଲେ। ସେମାନେ ପୁଣିଥରେ ରୋବୋ ସାଥିରେ ପଢ଼ିବାକୁ ଖୁବ୍ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଉକ୍ତ ରୋବୋ ପିଲାଙ୍କ ବହିପଢ଼ା ଶୁଣିବା ସହିତ ପ୍ରତିକ୍ରିୟା ପ୍ରକାଶ କରେ।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୫.୮ |
| ଚାନ୍ଦବାଲି | ୩୫.୨ | ୨୬.୭ |
| କଟକ | ୩୩.୬ | ୨୫.୦ |
| ପାରାଦ୍ୱୀପ | ୩୩.୩ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୦ |
| ଗୋପାଳପୁର | ୩୩.୫ | ୨୮.୩ |
| ପୁରୀ | ୩୪.୦ | ୨୭.୪ |
| ଅନୁଗୋଳ | ୩୨.୧ | ୨୩.୪ |
| ବାରିପଦା | ୩୩.୬ | ୨୭.୫ |
| ଝାରସୁଗୁଡ଼ା | ୩୦.୮ | ୨୬.୦ |
| କେନ୍ଦୁଝର | ୩୧.୭ | ୨୪.୦ |
| ସମ୍ବଲପୁର | ୨୯.୮ | ୨୩.୧ |
| ସୁନ୍ଦରଗଡ଼ | ୩୪.୦ | ୨୦.୦ |
| ହୀରାକୁଦ | ୩୦.୧ | ୨୧.୯ |
| ତାଳଚେର | ୩୨.୫ | ୨୬.୦ |
| ଭବାନୀପାଟଣା | ୨୯.୪ | ୨୪.୨ |
| ବଲାଙ୍ଗୀର | ୩୦.୦ | ୨୪.୭ |
| କୋରାପୁଟ | ୨୩.୨ | ୨୦.୦ |
| ଫୁଲବାଣୀ | ୨୬.୦ | ୨୨.୬ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୨୮.୫ | ୨୩.୦ |
| ସୋନପୁର | ୨୯.୨ | ୨୪.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | ୩୨.୫ | ୨୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ମିଡିଆ ଗୁଜବକୁ ଭୟ କରନ୍ତି ନାହିଁ
## ଆଲିଆ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଅଭିନୟ ପାଇଁ ଯେତିକି ଚର୍ଚ୍ଚାରେ, ତାହାଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଅଭିନେତା ରଣବୀର କପୁରଙ୍କ ସହିତ ଗୁଜବକୁ ନେଇ। ଏକ ଖାନ୍‌ଦାନ୍ ପରିବାରରୁ ଆସିଥିବା ଆଲିଆ କହନ୍ତି, ଖୁବ୍ ପିଲାଦିନରୁ ସେ ଗଣମାଧ୍ୟମର ସାମ୍ନା କରି ଆସିଛନ୍ତି। ତେବେ ରଣବୀରଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଯେଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ସେ ଆଦୌ ବିଚଳିତ ନୁହନ୍ତି। ମୁଁ ଏକ ଖାନ୍‌ଦାନ୍ ପରିବାରରେ ବଢ଼ିଆସିଛି। ଯେଉଁ ପରିବାର ଅନେକ ସମୟରେ ଗଣମାଧ୍ୟମ ଚର୍ଚ୍ଚାରେ ରହିଆସିଛି। ପିଲାଦିନରୁ ଅଭିନୟ କ୍ଷେତ୍ରରେ ସ୍ୱୀକୃତି ପାଇଛି ଏବଂ ବିଭିନ୍ନ ଗଣମାଧ୍ୟମରେ ଏଥିପାଇଁ ଚର୍ଚ୍ଚା ହୋଇଛି। ମୁଁ ଗଣମାଧ୍ୟମ ସହ ନିବିଡ ଭାବରେ ଜଡିତ। ତେଣୁ ବର୍ତ୍ତମାନ ଏହାଦ୍ୱାରା ସେତେ ପ୍ରଭାବିତ ନୁହେଁ। ଯେଉଁ ଚରିତ୍ରରେ ଅଭିନୟ କରିବି ତାହା ଯେଭଳି ଦର୍ଶକମାନଙ୍କ ଉପରେ ଦୃଢ଼ ଏବଂ ସକାରାତ୍ମକ ପ୍ରଭାବ ପକାଏ ତାହା ଉପରେ ଗୁରୁତ୍ୱ ଦେଉଛି ବୋଲି ଆଲିଆ ପ୍ରକାଶ କରିଛନ୍ତି। ସେ ପ୍ରଥମକରି କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ।

## ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ଭୁବନେଶ୍ୱରରୁ ସୁରଟ ବିମାନ ସେବା

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ସେବା ପ୍ରଦାନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କୁ ଚିଠି ଲେଖିଛନ୍ତି। ଲକ୍ଷାଧିକ ଓଡ଼ିଆ ପରିବାର ସୁରଟରେ ବସବାସ କରୁଛନ୍ତି। ସେମାନେ ବୟନ ଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନସେବା ନାହିଁ। ଦୁଇଟି ସହର ମଧ୍ୟରେ ଯାତ୍ରା କରିବା ପାଇଁ ଅନେକ ସମୟ ଲାଗୁଛି। ଜରୁରିକାଳୀନ ପରିସ୍ଥିତି ସମୟରେ ସୁରଟରେ ରହୁଥିବା ଓଡ଼ିଆମାନେ ଓଡ଼ିଶାରେ ଠିକ୍ ସମୟରେ ପହଞ୍ଚିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଭୁବନେଶ୍ୱର ଓ ସୁରଟ ମଧ୍ୟରେ ବିମାନ ସେବା ଆରମ୍ଭ ହେଲେ ଦୁଇଟି ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ତେଣୁ ୨ ସହର ମଧ୍ୟରେ ବିମାନ ଚଳାଚଳ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେହିପରି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ଖୁବ୍‌ଶୀଘ୍ର ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଓ କଲୋମ୍ବୋକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରାଯିବ। ବ୍ୟାଙ୍କକ୍‌କୁ ବନ୍ଦ ହୋଇଥିବା ବିମାନ ସେବା ପୁଣି ଥରେ ଆରମ୍ଭ କରିବାକୁ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିବା ସେ କହିଛନ୍ତି। ଏହାସହ ଆଗାମୀ ୨୦୨୧ ସୁଦ୍ଧା ବିଦେଶର ୧୦ଟି ସ୍ଥାନକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସୁବିଧା ଉପଲବ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତିନ ଭାନୁଦାସ ଜାଓ୍ୱଲେ କହିଛନ୍ତି।




# ୨ ଯନ୍ତ୍ରୀ, ଠିକାଦାରଙ୍କୁ ଜେରା

## ଟିଟୋ ଗିରଫ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୨୪।୮:** ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ ଉସମାନ ଅଲ୍ଲୀ ଗିରଫ ମାମଲାରେ କେନ୍ଦ୍ରାପଡ଼ା ଜିଲାର ଉଠା ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୨ ନିର୍ବାହୀ ଯନ୍ତ୍ରୀ ଏବଂ ଜଣେ ଠିକାଦାରଙ୍କୁ ଶୁକ୍ରବାର ଜେରା କରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଏସ୍‌ଟିଏଫ କେସ ନଂ. ୧୦/୧୮ର ଅଭିଯୋଗକାରିଣୀ ଜଗତସିଂହପୁର ଜିଲା କୁଜଙ୍ଗ ଥାନା କୁଜଙ୍ଗର ସରୋଜିନୀ ମିଶ୍ରଙ୍କ ଅଭିଯୋଗ ଶୁଣାଣି କରିଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ରାଉତଙ୍କ ୨ ଜଣିଆ ଟିମ୍ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତି ଓ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଦ୍ୟାଭୂଷଣ ନାୟକଙ୍କୁ ପଚରାଉଚୁରା କରିଥିଲେ। ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଟେଣ୍ଡର ପେପର କିଣାରେ ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ କରିଥିଲେ। ସେହିପରି ପୁରୁଷୋତ୍ତମପୁର ଗ୍ରାମର ଠିକାଦାର ରଞ୍ଜନ ସାମଲଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରିଥିଲେ। ଏହି ଟିମ ପୁରୁଷୋତ୍ତମପୁରରେ ସରୋଜିନୀଙ୍କ ଜମି ଜବରଦଖଲ ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ। ସରୋଜିନୀ କହିଥିଲେ ଯେ, ୨୦୧୪ରେ ସେ ପୁରୁଷୋତ୍ତମପୁରରେ ୩୬ ଗୁଣ୍ଠ ଜମି କିଣିଥିଲେ। ଏହି ଗ୍ରାମର କମଳାକାନ୍ତ ଚଇନି(ଟିଟୋଙ୍କ ସହଯୋଗୀ) ସେହି ଜମିରେ ବାଲି, ଗୋଡ଼ି ଜମାଇ ରଖିଛନ୍ତି। ଏପରି କି ଉକ୍ତ ଜମି ବିକ୍ରି ନ କରିବା ପାଇଁ ତାଙ୍କୁ ଧମକ ଦିଆ ଯାଇଥିବା ସେ ମାସକ ପୂର୍ବେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଟିମ୍‌କୁ ସବିଶେଷ ତଥ୍ୟ ଯୋଗାଇ ଦିଆ ଯାଇଥିବା ସରୋଜିନୀ ପ୍ରକାଶ କରିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ରୋଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ପାହାଳ NH-5 ଠାରୁ ୬୦୦ ମିଟର ଦୂରତାରେ ୮୦ଫୁଟ ରୋଡକୁ ଲାଗି ଓ ୩୦ଫୁଟ ଇଣ୍ଟରନାଲ୍ ରୋଡଥାଇ ଜାଗା ବିକ୍ରି ହେଉଛି। 9438361586, 9439914523. D-8025

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8027

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 Lakhs Contact: 9937059891, 8 9 0 8 3 1 2 3 1 5 , 8908292617.** D-8063

Yellowzone ଘରବାରି plot ଝାରପଡ଼ା back side ମହାଦେବ ନଗରରେ ମିଳୁଛି। 8480447967. D-63076

Gharabari plot available near Kateni chhak adjacent Chandaka- Pitapalli highway, 5km from SUM Hospital Rs 550/- Psqft. Contact: 8339076535. D-63479




Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8062

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63593

Now Matrimonial ads. only on Wednesday & Sunday
Book 1 Get 1 FREE




All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38524

### LOST

ମୁଁ ଶ୍ରୀ ସୁଶାନ୍ତ କୁମାର ସାହୁ, ପିତା- ଗୋପାଳ ଚନ୍ଦ୍ର ସାହୁ, ରୂପା ଆପାର୍ଟମେଣ୍ଟ, ସତ୍ୟନଗର ଭୁବନେଶ୍ୱର। ମୁଁ କିଣିଥିବା ପୁରୀଘର କବଲା ନଂ- ୩୯୧୬, ୩୯୧୭, ତା୨୯।୦୮।୨୦୦୬ ଏବଂ LIC ବଣ୍ଡ ଏବଂ ମୋ ସ୍ୱାକ୍ଷର ଥିବା ସାଦା କାଗଜ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହି ନମ୍ବରରେ 9776170960 ଯୋଗାଯୋଗ କରନ୍ତୁ। ଯଦି କୌଣସି ବ୍ୟକ୍ତି ଉପର ଲିଖିତ ଡକ୍ୟୁମେଣ୍ଟସ୍‌କୁ ଅପବ୍ୟବହାର କରନ୍ତି ତେବେ ମୁଁ ଏଥିପାଇଁ କୌଣସି ପ୍ରକାରର ଦାୟୀ ରହିବି ନାହିଁ। ଧ-୮୦୨୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit before the Notary Bhubaneswar Dated 23.08.18. I Saubhagyalaxmi Dei, Resident of Gangotri Nagar, Sisupalgarh, Bhubaneswar have changed my name from Saubhagyalaxmi Dei to Saubhagyalaxmi Dutta for all future purposes. D-8056

### ନିରୁଦ୍ଦିଷ୍ଟ



**ସୁବ୍ରତ କୁମାର ଗଜେନ୍ଦ୍ର** (୨୧), ସା- କାଳିକାବାଡି, ବ୍ରହ୍ମଗିରି, ପୁରୀ, ଉତ୍ତମ ସ୍ୱାସ୍ଥ୍ୟ, ଶ୍ୟାମଳ ରଙ୍ଗ, ଉଚ୍ଚତା- ୫.୬ଇଞ୍ଚ, କଳା ହାପ୍‌ପ୍ୟାଣ୍ଟ, ଧଳା ଗଞ୍ଜି କେଉଁଆଡେ ଚାଲିଯାଇଛନ୍ତି। ଯଦି କିଏ ଏହାଙ୍କର ସନ୍ଧାନ ପାଆନ୍ତି ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ଆଇ.ଆଇ.ସି, ବ୍ରହ୍ମଗିରି ଥାନା, ପୁରୀ, ଫୋ: 06752235530, 9937919886. D-8061

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ**
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ। ଧ-୬୬୭୮୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀଧର ଦାସ**
ତିରୋଧାନ: ତା ୦୬।୦୮।୨୦୧୭
(ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ)
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀ ସାଇନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ: ବଳରାମ ପ୍ରସାଦ (ବସଲା ସାହି) କାଣ୍ଡସର (ସାଇ ନଗର) ଅନୁଗୋଳ। ଧ-୮୦୩୩

### ଶ୍ରଦ୍ଧାଞ୍ଜଳି

ଏକାଦଶତମ ଶ୍ରାଦ୍ଧବାର୍ଷିକୀ



**√ ଦେବେନ୍ଦ୍ରନାଥ ଦାସ**
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ଶିବ ପବିତ୍ରାରୋପଣ ଚତୁର୍ଦ୍ଦଶୀ ୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୮୦୩୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପାର୍ବତି ନାୟକ**
ଖଣ୍ଡଗିରି, କୋଳଥିଆ
ଆବିର୍ଭାବ: ୨୦ ଜୁନ୍, ୧୯୬୪
ତିରୋଧାନ: ୧୫ ଅଗଷ୍ଟ, ୨୦୧୮
ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟ ପରାୟଣତା ଓ ଧାର୍ମିକ ଉପଦେଶ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ସେହି ପ୍ରେରଣା ଦେଉଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୮୦୩୪

### 6th Birthday Wish



(Anshu)
**Aaryan Anshuman**
Ratilo, Nimapada, Puri
Wish you a very very Happy Birthday from: Grand Father, Grand Mother and Family.
D-64103

## କୋର୍ଟରୁ ଅଭିଯୁକ୍ତ ଫେରାର

ଭଞ୍ଜନଗର,୨୪।୮(ଡି.ଏନ.ଏ.)- ଗଞ୍ଜାମ ଜିଲା ଗାଙ୍ଗପୁର ଥାନାରେ ଜଣେ ଅଭିଯୁକ୍ତ ଗୁରୁବାର ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ଘଟିବାର କିଛି ଘଣ୍ଟା ପରେ ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟାରେ ବୁଗୁଡ଼ା ଥାନା ଅଞ୍ଚଳର ଜଣେ ହତ୍ୟା ଅଭିଯୁକ୍ତ ଭଞ୍ଜନଗର କୋର୍ଟ ପରିସରରୁ ଫେରାର ହୋଇଯାଇଛନ୍ତି। ସେ ହେଲେ କବିସୂର୍ଯ୍ୟନଗର ଥାନା କୁଆଁନନ୍ଦ ଗ୍ରାମର ମନୋଜ ନାହାକ।

# ଏମ୍‌ସର ବାଲେଶ୍ୱର ସାଟେଲାଇଟ୍ ହସ୍ପିଟାଲ ଶିଳାନ୍ୟାସ ଆଜି

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଭୁବନେଶ୍ୱର ଏମ୍‌ସ ପକ୍ଷରୁ ବାଲେଶ୍ୱରରେ ହେବାକୁ ଥିବା ସାଟେଲାଇଟ୍ ହସ୍ପିଟାଲର ଶନିବାର ଶିଳାନ୍ୟାସ ହେବ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇ ଏହାର ଶିଳାନ୍ୟାସ କରିବେ। ସମ୍ମାନିତ ଅତିଥିଭାବେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ଏବଂ ରେମୁଣା ବିଧାୟକ ଗୋବିନ୍ଦ୍ର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ, ବାଲେଶ୍ୱରସ୍ଥିତ ୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାମପଦାଠାରେ ଏହି ସାଟେଲାଇଟ୍ ହସ୍ପିଟାଲ ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାର ୩୪ କୋଟି ଟଙ୍କା ବ୍ୟୟ କରିବେ। ଉକ୍ତ ହସ୍ପିଟାଲ ୩୦୦ ଶଯ୍ୟା ବିଶିଷ୍ଟ ହେବ। ୨୦୧୬ରେ ଏମ୍‌ସ ଭୁବନେଶ୍ୱରର ପ୍ରଥମ ଗଭର୍ନିଂ ବଡି ବୈଠକରେ ବାଲେଶ୍ୱରରେ ଗୋଟିଏ ସାଟେଲାଇଟ୍ ହସ୍ପିଟାଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆବଶ୍ୟକ ୨୪ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଉକ୍ତ ଜମିରେ ନିର୍ମାଣ ହେବାକୁ ଥିବା ସାଟଲାଇଟ୍ ହସ୍ପିଟାଲ ପାଇଁ ୨୦୧୭ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୧.୭୯ କୋଟି ଟଙ୍କା ପ୍ରାଥମିକ ଭାବେ ମଞ୍ଜୁର କରାଯାଇଥିଲା। ଅପରପକ୍ଷରେ ସାଟେଲାଇଟ୍ ହସ୍ପିଟାଲ ବିଲଡିଂ ନିର୍ମାଣ ହୋଇ ନ ଥିଲେ ମଧ୍ୟ ସେଠାରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଓପିଡିରେ ରୋଗୀ ସେବା ଉପଲବ୍ଧ ହୋଇଛି। ଆଇଡିଆରର ଏକ କୋଠାରୀରେ ଓପିଡି ଚାଲିଛି। ସପ୍ତାହର ପ୍ରତି ଶନିବାର ଏମ୍‌ସ ଭୁବନେଶ୍ୱରରୁ ୩ ଜଣ ଡାକ୍ତର ଯାଇ ସେଠାରେ ରୋଗୀ ଦେଖୁଛନ୍ତି।

### ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ

# ପାପଡ଼ାହାଣ୍ଡି ସଂଗ୍ରାମ ଉପରେ ପ୍ରକାଶ ପାଇବ ସ୍ୱତନ୍ତ୍ର ପୁସ୍ତକ



ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ଉତ୍ସବରେ ଅତିଥିଗଣ।

ଭୁବନେଶ୍ୱର,୨୪।୮(ବ୍ୟୁରୋ)

୧୯୪୨ ଅଗଷ୍ଟ ବିପ୍ଳବ ସମୟରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ସଙ୍ଗଠିତ ସଂଗ୍ରାମ ଓ ତା'ର ପରିଣତି ଉପରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ପୁସ୍ତକ ପ୍ରକାଶ କରାଯିବ। ଏହାଦ୍ୱାରା ପାପଡ଼ାହାଣ୍ଡି ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଆମ ଉତ୍ତରପିଢ଼ିମାନେ ଅବଗତ ହୋଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ଏହାସହ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ ନିମନ୍ତେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

୧୯୪୨ ମସିହା ଅଗଷ୍ଟ ୨୪ରେ ଭାରତ ଛାଡ଼ ଡାକରାରେ ଡାବୁଗାଁରେ ଏକ ସମାବେଶ କରିବାକୁ ବହୁ ସରଳ, ନିରୀହ ଆଦିବାସୀ ଜନତା ଯାଉଥିବା ବେଳେ ପୋଲିସର ନିର୍ମମ ଗୁଳିଚାଳନାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ୧୧ଜଣ ପ୍ରାଣ ହରାଇଥିଲେ। ସେହିଭଳି ଚିକିତ୍ସାଧୀନ ଅବସ୍ଥାରେ ୮ଜଣ ଓ କାରାବରଣ କରୁଥିବା ଅବସ୍ଥାରେ ୨୪ଜଣ ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିଲା। ଶତାଧିକ ଆହତ ହୋଇଥିଲେ। ଏହି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ ରହିଥିବା ବେଳେ ଏହାକୁ ପରବର୍ତ୍ତୀ ସମୟରେ ପାପଡ଼ାହାଣ୍ଡି ସଂଗ୍ରାମ କୁହାଗଲା ବୋଲି ଏମ୍‌ପି ବଳଭଦ୍ର ମାଝି, ଝିନ୍ନ ହିକକା, ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଧାୟକ ମାନସ ମାଡକାମୀ ପ୍ରମୁଖ କହିଥିଲେ।

### ପ୍ରଥମ ପୃଷ୍ଠାରୁ...

## ବିଧାନ ପରିଷଦ ...

ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଭ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହିତ ନୂତନ ବିଧାନ ପରିଷଦ ଗଠନ, ସଭ୍ୟ ଚୟନ, ସମାଜର ବିଭିନ୍ନ ବର୍ଗରୁ ସଭ୍ୟମାନଙ୍କର ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଏହି କମିଟି ସେମାନଙ୍କର ସୁପାରିସ ଓ ମତାମତ ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ରାଜ୍ୟ ସରକାର ଉକ୍ତ ତାକୁ ଗ୍ରହଣ କରିବା ସହ ବିଧାନ ପରିଷଦ ଗଠନ ପାଇଁ କ୍ୟାବିନେଟ ମୋହର ମାରି ସବୁଜ ସଙ୍କେତ ଦେଇଛନ୍ତି। ବିଧାନସଭା ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ ବିଧାନ ପରିଷଦରେ ରହିବେ। ଅର୍ଥାତ୍ ଓଡିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ ହୋଇଥିବାରୁ ବିଧାନ ପରିଷଦ ସଦସ୍ୟ ସଂଖ୍ୟା ୪୯ ହେବ। ସେମାନଙ୍କ ମଧ୍ୟରୁ ୧୬ ଜଣ ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ଏବଂ ୧୬ ଜଣ ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ସେହିପରି ୯ ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବାକୁ ଥିବାବେଳେ ୪ଜଣ ଶିକ୍ଷକ ଓ ୪ ଜଣ ଗ୍ରାଜୁଏଟ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଏହାର କାର୍ଯ୍ୟକାଳ ରାଜ୍ୟ ସଭା ଭଳି ୬ବର୍ଷ ରହିବ। ବିଧାନସଭା ସଦସ୍ୟଙ୍କ ଭଳି ପରିଷଦର ସଦସ୍ୟମାନେ ସମାନ ସୁବିଧା ଓ ସୁଯୋଗ ଉପଭୋଗ କରିବେ। ବିଧାନ ପରିଷଦ ଗଠନ ହେଲେ କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର, ଜମ୍ମୁ-କଶ୍ମୀର, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ସହ ଓଡିଶା ଦୁଇ ସଦନ ବିଶିଷ୍ଟ ରାଜ୍ୟରେ ପରିଣତ ହେବ। ବିଧାନ ପରିଷଦ ପରିଚାଳନା ପାଇଁ ବାର୍ଷିକ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ବିଧାନ ପରିଷଦର ଅଧିବେଶନ ପୁରୁଣା ବିଧାନ ସୌଧ କୋଠାରେ ଅନୁଷ୍ଠିତ ହେବ ।

ତେବେ ରାଜ୍ୟ ସରକାରଙ୍କ ବିଧାନ ପରିଷଦ ଗଠନକୁ ବିରୋଧୀ ଦଳ କଡା ବିରୋଧ କରିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ କଂଗ୍ରେସ ମୂଳରୁ ବିଧାନ ପରିଷଦ ପରିକଳ୍ପନାକୁ ବିରୋଧ କରି ଆସିଛି। ଏବେ ବି ତାହା ଅବ୍ୟାହତ ରହିଛି । ରାଜ୍ୟ ସରକାର ବିଧାନସଭା ଠିକ୍ ଭାବେ ଚଳାଇପାରୁ ନାହାନ୍ତି। ବିଧାନସଭାରେ ଉପସ୍ଥାପନ କମ ରହୁଛି। ପ୍ରୋସିଡିଂ ଦେଇପାରୁ ନାହାନ୍ତି। ଏହା ଏକ ଥଇଥାନ ସଂସ୍ଥା ହେବ। ଗ୍ରାମାଞ୍ଚଳରେ ପିଇବା ପାଣି ମିଳୁନି, ଡାକ୍ତରଖାନାରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ବିଧାନ ପରିଷଦ ଗଠନ କରିବାରେ କିଛି ମାନେ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ଆଜି ଆସୁଛନ୍ତି ...

ଛାତ୍ରୀଛାତ୍ର ଥିବାବେଳେ ବି.ଏସ୍ ନର୍ସିଂରେ ୨ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ମିଳିବ। ଏମ୍‌ବିବିଏସ୍‌ରେ ଅନଘା ମେନୋନ ଶ୍ରେଷ୍ଠ ଡାକ୍ତର ପୁରସ୍କାର ଏବଂ ବି.ଏସ୍ ନର୍ସିଂରେ ଶିବାନୀ ଓ ସିମରାଟ କୌର ଶ୍ରେଷ୍ଠ ନର୍ସ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପ୍ରତିଦିନ ଏମ୍‌ସ ବହିର୍ବିଭାଗକୁ ୩୦୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେଥିରୁ ୮୦% ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବାବେଳେ ୨୦% ବାହାର ରାଜ୍ୟରୁ ଆସୁଛନ୍ତି। ହସ୍ପିଟାଲରେ ମୋଟ ଶଯ୍ୟା ୯୭୨ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୨୨ ଶଯ୍ୟା ଚିକିତ୍ସା ପାଇଁ କାର୍ଯ୍ୟକ୍ଷମ ହୋଇପାରିଛି। ଅବଶିଷ୍ଟ ଶଯ୍ୟା ଚଳିତବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଆଗକୁ ୨୫ ମଡୁଲାର ଅସ୍ତ୍ରୋପଚାରାଗାର ହସ୍ପିଟାଲରେ ଉଦ୍‌ଘାଟନ ହେବ। ଏଗୁଡିକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇସିୟୁରେ ମଧ୍ୟ ଶଯ୍ୟା ବୃଦ୍ଧି କରାଯାଇ ୧୧୨ କରାଯିବ।

ଏହାବ୍ୟତୀତ ନାଲ୍‌କୋ ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟ ରହିବା ପାଇଁ ୫୬୦ ଶଯ୍ୟା ବିଶିଷ୍ଟ ଏକ ଧର୍ମଶାଳା କୋଠା ନିର୍ମାଣ ହେବ। ଏଥିପାଇଁ ୨୬ କୋଟି ଟଙ୍କା ନାଲ୍‌କୋ ବ୍ୟୟ କରିବ। ଧର୍ମଶାଳା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଶନିବାର ସମାବର୍ତ୍ତନ ଉତ୍ସବରେ ଏହାର ଶିଳାନ୍ୟାସ କରାଯିବ। ଏନ୍‌ଟିପିସି ପକ୍ଷରୁ ଏମ୍‌ସରେ ବର୍ନ ଟ୍ରିଟ୍‌ମେଣ୍ଟ ୟୁନିଟ୍(ବିଟିୟୁ) ଖୋଲାଯିବ। ଏଥିପାଇଁ ଏନ୍‌ଟିପିସି ୧୪ କୋଟି ଟଙ୍କା ଖର୍ଚ୍ଚ କରିବ। ବିଟିୟୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ୧୦ କୋଟି ଟଙ୍କା ବ୍ୟୟରେ ଏମ୍‌ସରେ ଏକ ଟ୍ରମା କେୟାର ବିଲ୍ଡିଂ ନିର୍ମାଣ କରିବ। ଉକ୍ତ ଟ୍ରମା କେୟାର ବର୍ତ୍ତମାନ ଟ୍ରମା କେୟାରଠାରୁ ବଡ ହେବ। ଏଥିପାଇଁ ପେଟ୍ରୋନେଟ୍ ଏଲଏନଜି ଏବଂ ଏମ୍‌ସ ମଧ୍ୟରେ ବୁଝାମଣା ପ୍ରକ୍ରିୟା ଚାଲିଛି ବୋଲି ନିର୍ଦ୍ଦେଶିକା କହିଛନ୍ତି।

ଅନ୍ୟପଟେ ଭୁବନେଶ୍ୱର ଏମ୍‌ସରେ ଡାକ୍ତର କମ୍ ଥିବା ନେଇ ସିଏଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏହାକୁ ନେଇ ନିର୍ଦ୍ଦେଶିକା କୁହନ୍ତି, ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୩୫୦ ପଦବୀ ପୂରଣ ପାଇଁ ରହିଛି। ତେବେ ୨୦୧୪ରୁ ୨୦୧୮ ମଧ୍ୟରେ ୧୮୦ ପଦବୀ ପୂରଣ କରାଯାଇଛି। ଆଗକୁ ମଧ୍ୟ ନିଯୁକ୍ତି ଦିଆଯିବ। ମୋଟ ପଦବୀରୁ ୬୧% ପୂରଣ କରାଯାଇଛି। ସମ୍ମିଳନୀରେ ଏମ୍‌ସର ଅଧ୍ୟକ୍ଷ ଏମ୍‌ସର ଅଧ୍ୟକ୍ଷ ଡ. ସଚ୍ଚି ମହାନ୍ତି, ଡିନ୍ ବିକାଶ ଭାଟିଆ ଏବଂ ରେଜିଷ୍ଟ୍ରାର ବି.ବି. ମିଶ୍ର ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତୃତୀୟାଧିପତି ଚତୁର୍ଥଭାବସ୍ଥ ହେତୁ ବନ୍ଧୁମିଳନରୁ ଖୁସି ହେବେ କିନ୍ତୁ ଶେଷ ପର୍ଯ୍ୟାୟରେ ମତପାର୍ଥକ୍ୟର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ସାମାନ୍ୟ କାରଣରୁ ବିତର୍କ ଲାଗି ମାନସିକ ଅବସ୍ଥା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ଥିଲେ ମଧ୍ୟ ସମାଧାନର ରାସ୍ତା ମଧ୍ୟ ଖୋଜିବାରେ ଲାଗି ପଡିବେ।

**ବୃଷ** ଚନ୍ଦ୍ରକ୍ଷେତ୍ରସ୍ଥ ତୃତୀୟରେ ବୁଧ ପ୍ରଭାବରୁ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ବନ୍ଧୁସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି। ଯେତେ ଭଲକାମ କଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଅସୁବିଧାକୁ ଜଣାଇଲେ ମଧ୍ୟ ଉପରିସ୍ଥ କର୍ମଚାରୀମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମିଥୁନ** କର୍ମଭାବ ଶୁକ୍ରଙ୍କ ଦୃଷ୍ଟିରେ ରହିଥିବାରୁ ଆନୁଷଙ୍ଗିକ ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। କଳେବଳେ କୌଶଳେ ପ୍ରାପ୍ୟ ଅର୍ଥ ପାଇବା ସକାଶେ ଚେଷ୍ଟାକରି ସଫଳତା ହାସଲ କରିବେ। ଅଫିସରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଷଷ୍ଠାଧିପ ବୃହସ୍ପତି ଚତୁର୍ଥଭାବରେ ରହି ପାରିବାରିକ ସମସ୍ୟାରେ ହନ୍ତସନ୍ତ କରିପାରନ୍ତି। କର୍ମକ୍ଷେତ୍ରର କେତେକ ଅସଜଡା କାମକୁ ନେଇ ମାନସିକ ସ୍ଥିତି କ୍ରମଶଃ ଜଟିଳ ହୋଇପଡିବ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ସିଂହ** ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ଅସ୍ଥିରତା ଦୂର କରିବା ବିଷୟରେ ପ୍ରିୟବନ୍ଧୁଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିସ୍ଥିତିବଶତଃ ମନ ନ ଥିଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା** ବହୁତ ଦିନରୁ ରହିଯାଇଥିବା କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବେ। ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ ଓ ଜମାରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା** ଧୈର୍ଯ୍ୟ ଓ ସ୍ଥିରତା ବଳରେ ଅସାଧ୍ୟ ସାଧନ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଆକସ୍ମିକ ଭାବରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ମନସ୍ତାପ କରିବାକୁ ପଡିପାରେ। ଆଶା କରୁଥିବା ସ୍ଥାନରୁ ବନ୍ଧୁମାନଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ।

**ବିଛା** ପାରସ୍ପରିକ ଆଲୋଚନା ମାଧ୍ୟମରେ ପ୍ରତ୍ୟେକ କାମକୁ ସହଜରେ ସମ୍ପନ୍ନ କରିପାରିବେ। ବନ୍ଧୁମାନେ ସହଯୋଗର ହାତ ବଢାଇବେ, ଫଳରେ କାର୍ଯ୍ୟ ସାଧିତ ହେବା ସହଜହେବ। ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। କଚେରି ମାମଲା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଅଷ୍ଟମସ୍ଥ ବୁଧ ସହ ରାହୁଙ୍କ ସଂଯୋଗ କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ତଥା ଅସହଯୋଗରୁ ଚିନ୍ତିତ ରହିବେ।

**ମକର** ଆଜି ପରିସ୍ଥିତିର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ମଙ୍ଗଳ ଦ୍ୱାଦଶସ୍ଥ ହେତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ଜମିଜମା, ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ନିର୍ମାଣ, ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ନୂତନ କର୍ମାରମ୍ଭ ସାଙ୍ଗକୁ ଅର୍ଥଲାଭ ଯୋଗୁ ମନ ପ୍ରଫୁଲ୍ଲ ରହିବ। ସାଙ୍ଗଠନିକ ସ୍ତରରେ ସହକର୍ମୀଙ୍କ ସାହାଯ୍ୟ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନିଜ ଇଚ୍ଛା ଅନୁଯାୟୀ କାମ ହାସଲ କରି ଦିନଟିକୁ ଆନନ୍ଦର ସହ ବିତାଇବେ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶନିବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ଚକ୍ଷୁଦାନପକ୍ଷ ଆରମ୍ଭ (ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮) ରାଶି ନକ୍ଷତ୍ର ମଘା-ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଶରଣଂ, ଦିବା ଘ୧୧।୪୬ମି. ଗତେ ଘ୧।୨୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୬ମି. ମଧ୍ୟେ ଅମୃତବେଳା । ସକାଳ ଘ୬।୫୧ମି. ଗତେ ଘ୮।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୧ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।






ଆଠବର୍ଷର ଶ୍ରେଷ୍ଠ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି।

# ଲୋକଙ୍କୁ ଭଲ ପାଇଲେ ନେତୃତ୍ୱ ନେଇପାରିବ: ମୁଖ୍ୟମନ୍ତ୍ରୀ

## ସମ୍ମାନିତ ହେଲେ ୨୪ ବିଧାୟକ

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ):** ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନ ପ୍ରତିନିଧିମାନେ ଲୋକଙ୍କ ସହ ଅଧିକ ସମୟ ବିତାଇବା ଦରକାର। ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଆଶା ଓ ବିଶ୍ୱାସରେ ନାଗରିକମାନେ ଭୋଟ ଦେଇଛନ୍ତି। ଏହି ବିଶ୍ୱାସ ପ୍ରତି ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ ରହିବାକୁ ପଡ଼ିବ। ବିଧାନସଭାର ସଦସ୍ୟମାନେ ପ୍ରଚଳିତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ ବିନା ଭୟ ଓ ପକ୍ଷପାତିତାରେ ଦାୟିତ୍ୱ ସମ୍ପାଦନ କରିବା ଉଚିତ। ବିଧାୟକମାନଙ୍କୁ ଏଭଳି ଗୁରୁବାଣୀ ଶୁଣାଇଛନ୍ତି ବିଧାନସଭାର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭା ପରିସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରେଷ୍ଠ ବିଧାୟକ ସମ୍ମାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମେ ଲୋକମାନଙ୍କୁ ଭଲ ନ ପାଇଲେ ନେତୃତ୍ୱ ନେଇପାରିବ ନାହିଁ। ରାଜନୀତିରେ ଅଧିକରୁ ଅଧିକ ଯୁବ ଓ ଉତ୍ତମ ବ୍ୟକ୍ତି ଯୋଗ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ସମ୍ମାନିତ ହୋଇଥିବା ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂସଦୀୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ଜଣ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ପଣ୍ଡିତ ନୀଳକଣ୍ଠ ସମ୍ମାନ, ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ଓ ଉତ୍କଳମଣି ଗୋପବନ୍ଧୁ ସମ୍ମାନ ପ୍ରଦାନ କରିଛନ୍ତି।

୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯାଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ୨୦୦୯ ପାଇଁ ଶ୍ରେଷ୍ଠ ବିଧାୟକ ବିଷ୍ଣୁ ଚରଣ ଦାସ, ୨୦୧୦ ଅରୁଣ କୁମାର ସାହୁ, ୨୦୧୧ ପ୍ରଭାତ କୁମାର ବିଶ୍ୱାଳ, ୨୦୧୨ ପ୍ରଫୁଲ୍ଲ ମାଝି, ୨୦୧୩ ଅମର ପ୍ରସାଦ ଶତପଥୀ, ୨୦୧୪ ପ୍ରମିଳା ମଲ୍ଲିକ, ୨୦୧୫ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ୨୦୧୬ ପାଇଁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସୁରେନ୍ଦ୍ର ନାଥ ନାଏକ, ୨୦୧୦ ବିମ୍ବାଧର କୁଅଁର, ୨୦୧୧ ନିତ୍ୟାନନ୍ଦ ପ୍ରଧାନ, ୨୦୧୨ ଉମେଶ ଚନ୍ଦ୍ର ସ୍ୱାଇଁ, ୨୦୧୩ ବିକ୍ରମ କେଶରୀ ବର୍ମା, ୨୦୧୪ ରାଜେନ୍ଦ୍ର ଢୋଲକିଆ, ୨୦୧୫ ସୁରେନ୍ଦ୍ର ପରମାଣିକ ଏବଂ ୨୦୧୬ ପାଇଁ ଚକ୍ରଧର ପାଇକଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସଞ୍ଜୟ ଦାସବର୍ମା, ୨୦୧୦ ପ୍ରୀତିରଞ୍ଜନ ଘଡାଇ, ୨୦୧୧ ସମୀର ରଞ୍ଜନ ଦାଶ, ୨୦୧୨ ପ୍ରଶାନ୍ତ କୁମାର ମୁଦୁଲି, ୨୦୧୩ ବିଜୟ କୁମାର ମହାନ୍ତି, ୨୦୧୪ ରାସେଶ୍ୱରୀ ପାଣିଗ୍ରାହୀ, ୨୦୧୫ ଦିବ୍ୟ ଶଙ୍କର ମିଶ୍ର ଏବଂ ୨୦୧୬ ପାଇଁ ପ୍ରଦୀପ ପୁରୋହିତଙ୍କୁ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ସର୍ବକାଳୀନ ଶ୍ରେଷ୍ଠ ବିଧାୟକମାନଙ୍କୁ ୧ ଲକ୍ଷ, ପୂର୍ବତନ ବିଧାୟକଙ୍କୁ ୭୫ ହଜାର ଓ ପ୍ରଥମ ଥର ନିର୍ବାଚିତ ହୋଇଥିବା ଶ୍ରେଷ୍ଠ ବିଧାୟକମାନଙ୍କୁ ୫୦ ହଜାର ଟଙ୍କା ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଛି।

■ ଆରମ୍ଭ ହେଲା ଓଡ଼ିଶା ବିକାଶ ସମାବେଶ-୨୦୧୮

# 'ପ୍ରାକୃତିକ ସମ୍ବଳ ଭରପୂର ଥାଇ ବି ଓଡ଼ିଶା ପଛୁଆ'

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ସାମାଜିକ ଅସମାନତା, ଅପପୁଷ୍ଟି ଓ ଶିକ୍ଷାଦାନ ବ୍ୟବସ୍ଥାରେ ଗୁଣାତ୍ମକ ମାନ ହ୍ରାସ ବିକାଶ ମାର୍ଗର ମୁଖ୍ୟ ପ୍ରତିବନ୍ଧକ। ପ୍ରାକୃତିକ ସମ୍ବଳରେ ଭରପୂର ତଥା ସଂସ୍କୃତି ଓ ପରମ୍ପରା ସମୃଦ୍ଧ ଓଡ଼ିଶା ଆଜି ବି ପଛୁଆ ରାଜ୍ୟ ଭାବେ ପରିଗଣିତ। ରାଜ୍ୟରେ ପ୍ରତି ୧୦ଜଣ ଶିଶୁରେ ୪ଜଣ ଅପପୁଷ୍ଟି ଅଥବା ବୟସାନୁପାତିକ ମାନସିକ ଅନଗ୍ରସରର ଶିକାର ଅଛନ୍ତି। ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି ବୋଲି ଭାରତ ସରକାରଙ୍କ ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର କହିଛନ୍ତି। ଶୁକ୍ରବାର ରେଲୱେ ଅଡିଟୋରିୟମ୍‌ରେ ଆୟୋଜିତ ଓଡ଼ିଶା ବିକାଶ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସେ ଏହା କହିଥିଲେ।

ଓଡ଼ିଶା ବିକାଶ ସମାବେଶରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ସାମାଜିକ ଅନୁଷ୍ଠାନ, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଗୋଷ୍ଠୀ ସଙ୍ଗଠନ, ବିଶ୍ୱବିଦ୍ୟାଳୟ ଆଦି ସମାଜର ପ୍ରତ୍ୟେକ ବର୍ଗ ପ୍ରତିନିଧିଙ୍କ ପାଇଁ ଏହି ସମାବେଶ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଆଲୋଚନା, ସମାଲୋଚନା ଓ ସ୍ଥିତିର ତର୍ଜମା ମାଧ୍ୟମରେ ହିଁ ପ୍ରକୃତ ବିକାଶର ବାଟ ବାହାରିପାରିବ। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ବିଏଡ୍ କଲେଜ କିମ୍ବା ଶିକ୍ଷକ ତାଲିମ ନେଇ କଲେଜ ଖୋଲୁନାହିଁ। ତେଣୁ ବିଏଡ୍ କରୁଥିବା ଆମ ରାଜ୍ୟର ପିଲାମାନଙ୍କର ଖର୍ଚ୍ଚ କର୍ନାଟକ ଓ ଅନ୍ୟ ରାଜ୍ୟରେ ହେଉଛି। ଓଡ଼ିଶାର ଏକ ତୃତୀୟାଂଶ ଲୋକ ଘର ଛାଡ଼ି ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଯଦି ଓଡ଼ିଶାରେ ଶିଳ୍ପାୟନର ଉପକରଣ ବଢ଼ିଛି, ତେବେ ରାଜ୍ୟରେ ଓଡ଼ିଆ ଲୋକଙ୍କୁ କାହିଁକି କାମ ମିଳୁନି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ରାଜ୍ୟରେ ଥିବା ୪୦ ପ୍ରତିଶତ ଆଦିବାସୀ ସମାଜର ଉନ୍ନତି ପାଇଁ ଏକ କଂକ୍ରିଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବା ଆବଶ୍ୟକ। ୨୦୨୨କୁ ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପୂରିବ। ସେହିଭଳି ୨୦୩୬ ବେଳକୁ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହେବାର ୧୦୦ବର୍ଷ ପୂରଣ କରିବ। ତେଣୁ ୨୦୨୨ରୁ ୨୦୩୬ ହେଉଛି ଓଡ଼ିଶାର ସମ୍ଭାବନା ଓ ଆହ୍ୱାନର ସମୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଅନ୍ୟତମ ଅତିଥି ଗୋଷ୍ଠୀସ୍ତରୀୟ ଗବେଷଣା ଏବଂ ସାମାଜିକ ଦାୟିତ୍ୱ ଓ ୟୁନେସ୍କୋର ସହ ଅଧ୍ୟକ୍ଷ ଡ. ରାଜେଶ ଟଣ୍ଡନ କହିଲେ, ବର୍ତ୍ତମାନ ବିଶ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସରକାରଙ୍କ ସହ ସାମାଜିକ ଅନୁଷ୍ଠାନ ଏବଂ ଗୋଷ୍ଠୀସ୍ତରର ସଙ୍ଗଠନଗୁଡ଼ିକ ମିଳିତ ପ୍ରୟାସ କରିବା ଜରୁରୀ। ସମାଜ ସଂସ୍କାରକ ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଲେ, ସ୍ୱାଧୀନତାର ସାତ ଦଶନ୍ଧି ପରେ ରାଜ୍ୟର ଅପହଞ୍ଚ ଜିଲାଗୁଡ଼ିକ ଏବେ ବି ବିକାଶର ବହୁ ଦୂରରେ। ଏହି ଅଞ୍ଚଳଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ କେବଳ ସଶକ୍ତୀକରଣ, ସଚେତନ ଓ ଲୋକମାନଙ୍କ ସହଭାଗିତାରେ ସମ୍ଭବ ହୋଇପାରିବ।

# 'ସହନଶୀଳତାର ପ୍ରତୀକ ବାଜପେୟୀ'



ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଉପସ୍ଥିତ ବିଭିନ୍ନ ଦଳର ନେତା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୪।୮(ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଶୁକ୍ରବାର ଦଳମତ ନିର୍ବିଶେଷରେ ବହୁ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା। ଏମାନଙ୍କ ସମେତ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶାସକ ଦଳର ବହୁ ମନ୍ତ୍ରୀ ଓ ବିଧାୟକ, ବାମପନ୍ଥୀନେତାମାନେ ଉପସ୍ଥିତ ଥିଲେ। ସ୍ମୃତିଚାରଣ ଅବସରରେ ବାଜପେୟୀଙ୍କ ବିଷୟରେ ନେତାମାନଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀଙ୍କ ବିୟୋଗ ଦେଶ ଏବଂ ବ୍ୟକ୍ତିଗତ ଭାବେ ମୋ ପାଇଁ ଏକ ବିରାଟ କ୍ଷତି। ମୋ ରାଜନୀତି ଜୀବନର ପ୍ରାରମ୍ଭିକ ସମୟରେ ବାଜପେୟୀଙ୍କ ସହ ସମ୍ପର୍କ ସବୁଦିନ ପାଇଁ ମନେ ରହିବ। ରାଜନୀତିରେ ଆଦର୍ଶ ଓ ସହନଶୀଳତାର ସେ ଥିଲେ ଅନନ୍ୟ ପ୍ରତୀକ। ମେଣ୍ଟ ସରକାର ପରିଚାଳନାର କଳା ତାଙ୍କୁ ଭଲରେ ଜଣା ଥିଲା। ଓଡିଶା ପାଇଁ ତାଙ୍କର ବିଶାଳ ହୃଦୟ ରହିଥିଲା। ଓଡିଶାର ଲୋକମାନେ ମଧ୍ୟ ତାଙ୍କୁ ବହୁତ ଭଲ ପାଉଥିଲେ। ଆମେ ସମସ୍ତେ ତାଙ୍କୁ ହରାଇ ମ୍ରିୟମାଣ। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବାଜପେୟୀଙ୍କ ଅସ୍ଥିକଳସ ଦିଲ୍ଲୀରୁ ଆଣି ଆସିବା ପରେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ପୁରୀ ମହୋଦଧିରେ ବିସର୍ଜନ କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୫ଟାରେ ଦଳ ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଥିଲେ ଯେ, ତାଙ୍କ ସହ ମୋର ଦୀର୍ଘଦିନର ସମ୍ପର୍କ। ୧୯୯୯ ମହାବାତ୍ୟା ସମୟରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁ ଘଟିଥିଲା, ଲୋକମାନଙ୍କ ଘରଦ୍ୱାର ଭାଙ୍ଗିଗଲା, ୧୪ ଜିଲା ବହୁମାତ୍ରାରେ ପ୍ରଭାବିତ ହୋଇଥିବା କଥା ବାଜପେୟୀ ଜାଣିବା ପରେ ଓଡିଶାକୁ ନବନିର୍ମାଣ କରାଯିବ ବୋଲି କହିଥିଲେ। ରାଜ୍ୟକୁ ୭ଲକ୍ଷ ଇନ୍ଦିରାଆବାସ ଦେବା ସହ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀ ଥିଲେ ଭାରତର ରାଜନୈତିକ ଆକାଶର ଦ୍ୱିତୀୟ ଧ୍ରୁବତାରା। ଧ୍ରୁବତାରା ଦେଖି ଯେପରି ଦିଗ ଜାଣି ହୁଏ ସେପରି ବାଜପେୟୀଙ୍କୁ ଅନୁସରଣ କରି ଦଳମତ ନିର୍ବିଶେଷରେ ଆମେ ସମସ୍ତେ ରାଜନୈତିକ ଶିଷ୍ଟାଚାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରୀୟବାଦ ଜାଣୁଥିଲୁ। କ୍ଷମତାରେ ରହି ମଧ୍ୟ ସେ କ୍ଷମତାରୁ ନିଜକୁ ଦୂରେଇ ରଖିବାରେ ନିପୁଣ ଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ, ୩ଟି ଘଟଣା ମୋର ସବୁବେଳ ପାଇଁ ମନେରହିବ। ମଧୁସୂଦନ ଲ କଲେଜରେ ଛାତ୍ର ଥିଲାବେଳେ ବାଜପେୟୀ ସେଠାକୁ ଆସିଥିଲେ। ସେଠାରେ ତାଙ୍କ ଭାଷଣ ଶୁଣିବାକୁ ସୁଯୋଗ ମିଳିଥିଲା। ଏହାପରେ ଜାଣିବାକୁ ମିଳିଥିଲା, ତାଙ୍କର ଏବଂ ମୋର ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର ତାଙ୍କ ଭାଷଣ ମୋ ଉପରେ ବହୁ ପ୍ରଭାବ ପକାଇଥିଲା। ପଶ୍ଚିମ ଓଡିଶାରେ ମରୁଡି ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ସେତେବେଳେ ବିଧାନସଭା ସଦସ୍ୟ ଥିବାରୁ ତାଙ୍କୁ ଭେଟିବାର ସୁଯୋଗ ପାଇଥିଲି। ସେ କିନ୍ତୁ ସରକାରୀ ରିପୋର୍ଟ ଅନୁଯାୟୀ ଓଡିଶାକୁ ମରୁଡି ସହାୟତା ଦେବାର ଆବଶ୍ୟକତା ନ ଥିବା କହିଲେ। ଫଳରେ ତାଙ୍କୁ ମୁଁ ବହୁ କଟୁ କଥା ଶୁଣାଇଥିଲି। ମାତ୍ର ସେ ରାଗି ନ ଥିଲେ ବରଂ ଆମ ଦାବି ଅନୁଯାୟୀ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇବାକୁ ପଦକ୍ଷେପ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ବାଜପେୟୀ ଜଣେ ବିଶ୍ୱସ୍ତରୀୟ ନେତା ଥିଲେ। ମହାବାତ୍ୟା ପରେ ଓଡିଶା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କ୍ରାନ୍ତିକାରୀ ମନ୍ତବ୍ୟ ଦେଇଥିଲେ। ଓଡିଶାର ପୁନର୍ନିର୍ମାଣ ଲାଗି ଅର୍ଥର ଅଭାବ ରଖି ନ ଥିଲେ। ସ୍ୱାଧୀନତା ପରେ ରାଜ୍ୟରେ ମାତ୍ର ୧୬୦୦ କିମି ଜାତୀୟ ରାଜପଥ ହୋଇଥିବା ବେଳେ ବାଜପେୟୀଙ୍କ ସମୟରେ ଆଉ ୧୬ଶହ କିମି ଜାତୀୟ ରାଜପଥ ହୋଇଥିଲା। ସ୍ୱାଧୀନତା ପରେ ଦେଶର ସବୁଠାରୁ ବଡ ସମସ୍ୟା କଶ୍ମୀର। କଶ୍ମୀରକୁ ଯଦି କେହି ଭଲରେ ବୁଝିଛନ୍ତି ସେ ହେଉଛନ୍ତି ବାଜପେୟୀ। ପୂର୍ବରୁ ସର୍ବଦଳୀୟ ସ୍ମୃତିସଭାରେ ୩ଜଣ ବ୍ୟକ୍ତିତ୍ୱ ଗୁଲାମନବୀ ଆଜାଦ, ଫାରୁକ୍ ଅବଦୁଲା, ମେହେବୁବା ମୁଫ୍‌ତି ସମାନ କଥା କହି ଏହାର ପ୍ରମାଣ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ମାନ ମର୍ଯ୍ୟାଦା ବୃଦ୍ଧି କରିବାରେ ସେ ମୁଖ୍ୟ ଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।



ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ପାର୍ଶ୍ୱପ୍ରବେଶକୁ ବିରୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରଙ୍କ ଯୁଗ୍ମସଚିବ-ସ୍ତରୀୟ ପଦପଦବୀରେ ନିଯୁକ୍ତି କ୍ଷେତ୍ରରେ ପାର୍ଶ୍ୱପ୍ରବେଶକୁ ଅନୁମତି ଦେବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ନେଇ ନିଶ୍ଚୟ ସମସ୍ତେ ଉତ୍ସାହିତ ନାହାନ୍ତି। ଏ ପ୍ରସ୍ତାବରେ ତ ବାବୁମାନେ ଆଦୌ ଆନନ୍ଦିତ ନୁହନ୍ତି। ଏବେ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ନିଷ୍ପତ୍ତିକୁ ମନମୁଖି ବୋଲି ଅଭିଯୋଗ କରି ଆବେଦନକାରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ପୂର୍ବତନ ସଚିବ ଚନ୍ଦ୍ରପାଲ କହିଛନ୍ତି ଯେ, ଏହାଦ୍ୱାରା ଅମଲାତନ୍ତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ। କାରଣ ଅମଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ମେଧା ଭିତ୍ତିରେ ମନୋନୀତ ହୋଇଥାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଘରୋଇ କ୍ଷେତ୍ରରୁ ପ୍ରଶାସନ ପାଇଁ ବାବୁମାନଙ୍କୁ ମନୋନୟନ କରାଗଲେ, ତାହା ରାଜନୈତିକ ବିଚାର ଦ୍ୱାରା ପ୍ରଭାବିତ ହେବ ଏବଂ ଏଥିରେ 'ସ୍ୱାର୍ଥ-ଦ୍ୱନ୍ଦ୍ୱ' ସୃଷ୍ଟି ହେବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଘରୋଇ କ୍ଷେତ୍ରର ପ୍ରାର୍ଥୀମାନଙ୍କଠାରୁ ଯେଉଁ ଦରଖାସ୍ତ ଆହ୍ୱାନ କରାଯାଇଛି, ସେଥିରେ ଯୁଗ୍ମ ସଚିବ ପଦ ପାଇଁ କୌଣସି ମାନଦଣ୍ଡ ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବୋଲି ଚନ୍ଦ୍ରପାଲ ଅଭିଯୋଗ କରିଛନ୍ତି। ତେବେ ଚନ୍ଦ୍ରପାଲଙ୍କ ଏହି ପଦକ୍ଷେପ କ'ଣ ସରକାରଙ୍କ ନୂଆ ନୀତିର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିବ ? ଏଭଳି ସମ୍ଭାବନାରେ କେନ୍ଦ୍ର ସରକାର କେବେ ବି ଖୁସି ହୋଇ ନ ପାରନ୍ତି।

### ଅସନ୍ତୁଷ୍ଟ ବିହାରୀ ବାବୁ

ବିହାରରେ ଏକ ନୂଆ ନୀତିକୁ ନେଇ ଆଇଏଏସ୍ ଓ ଆଇପିଏସ୍ ମହଲ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିହାର କ୍ୟାଡର ଅଫିସରମାନଙ୍କୁ ନିଜର ବ୍ୟକ୍ତିଗତ ମାମଲାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ସହ ଯୋଗାଯୋଗ ନ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ ଅଫିସର ସେପରି କରିବେ, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ ତାଗିଦ କରାଯାଇଛି। ଅତିରିକ୍ତ ସଚିବ ଦୟାନିଧାନ ପାଣ୍ଡେଙ୍କ ଦ୍ୱାରା ଇସ୍ୟୁ କରାଯାଇଥିବା ଉକ୍ତ ଚିଠିରେ କୁହାଯାଇଛି ଯେ, ବାବୁମାନଙ୍କର କୌଣସି ତ୍ରୁଟିପୂର୍ଣ୍ଣ ଆଚରଣ ସ୍ପୃହଣୀୟ ନୁହେଁ। ଏହି ଆଦେଶନାମା ରାଜ୍ୟ କ୍ୟାଡରର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍ଓଏସ୍ ବାବୁ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଜରୁରୀ ବ୍ୟକ୍ତିଗତ ଓ ଚାକିରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟର ଦ୍ୱାରସ୍ଥ ହେବାକୁ ବାରଣ କରାଯିବା ଦ୍ୱାରା ବିଭିନ୍ନ ସମୟରେ ବାବୁମାନଙ୍କ ଲାଗି ସମସ୍ୟା ସୃଷ୍ଟି ହେବ। ତେବେ ସଚିବାଳୟ ତରଫରୁ କୁହାଯାଇଛି ଯେ, ବ୍ୟକ୍ତିଗତ ମାମଲାର କୌଣସି ଫାଇଲ ସମ୍ବନ୍ଧରେ ସଚିବାଳୟରୁ କିଛି ସୂଚନା ଚାହିଁବା ବାସ୍ତବିକ ତ୍ରୁଟିପୂର୍ଣ୍ଣ ଆଚରଣ। ଏ ପରମ୍ପରା ବନ୍ଦ କରିବାକୁ ରାଜ୍ୟ ସରକାର ଚାହାନ୍ତି। କିନ୍ତୁ ଏଭଳି ସ୍ପଷ୍ଟୀକରଣ ବିହାରୀ ବାବୁମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ।

### ଡିଜିପି ନିଯୁକ୍ତିର ନୂଆ ନିୟମ

ନିକଟରେ ସୁପ୍ରିମ୍‌କୋର୍ଟ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ପୋଲିସ ସଂସ୍କାର ପାଇଁ ଦୀର୍ଘଦିନର ଆବଶ୍ୟକତା ଥିଲା। ସର୍ବୋଚ୍ଚ ନ୍ୟାୟାଳୟର ଏହି ଆଦେଶନାମା ଅନୁସାରେ, ରାଜ୍ୟ ସରକାର କୌଣସି ପୋଲିସ ଅଫିସରଙ୍କୁ କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରିପାରିବେ ନାହିଁ। କାର୍ଯ୍ୟରତ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ୟୁପିଏସ୍‌ସି ସମସ୍ତ ଯୋଗ୍ୟତା ଥିବା ତିନିଜଣ ଅଫିସରଙ୍କର ଏକ ନାମତାଲିକା ପଠାଇବ। ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ଜଣଙ୍କୁ ସର୍ବନିମ୍ନ ଦୁଇବର୍ଷ ପାଇଁ ନିଯୁକ୍ତି ଦେବେ। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହାଦ୍ୱାରା ଡିଜିପି ପଦର ଅମର୍ଯ୍ୟାଦା ହେବ ନାହିଁ ଏବଂ ପୋଲିସ ପ୍ରଶାସନ ଉପରେ ରାଜନୈତିକ ନିୟନ୍ତ୍ରଣକୁ ରୋକାଯାଇପାରିବ। ଅନେକ ଘଟଣାରେ ଦେଖାଯାଇଛି ଯେ, ଅବସରର ଶେଷ ଦିନରେ ରାଜ୍ୟ ସରକାର ଏପରି ନିଯୁକ୍ତିକୁ ନିୟମିତ କରିଦିଅନ୍ତି ଏବଂ ସେ ପୂରା ଦୁଇବର୍ଷ କାର୍ଯ୍ୟ କରନ୍ତି। ପୁଣି କେତେକ ରାଜ୍ୟରେ ଏକାଧିକ ଡିଜିପି ଓ ଅତିରିକ୍ତ ଡିଜିପି ଅଛନ୍ତି, ଯାହା ଅନେକ ବିଶୃଙ୍ଖଳାର କାରଣ ହୋଇଥାଏ। ଉଦାହରଣସ୍ୱରୂପ ପଞ୍ଜାବରେ ୧୧ ଜଣ ଡିଜିପି ଓ ୨୦ ଜଣ ଅତିରିକ୍ତ ଡିଜିପି ପାହ୍ୟାର ଅଫିସର ଅଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ଆଦେଶନାମା ପରେ କର୍ନାଟକରେ ଡିଜିପିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ନ ହୋଇପାରେ। ବର୍ତ୍ତମାନର ଡିଜି ଓ ଆଇଜିପି ନୀଳମଣି ଏନ୍. ରାଜୁ କେବଳ ବରିଷ୍ଠତମ ପୋଲିସ ଅଫିସର ନୁହନ୍ତି, ସେ ମଧ୍ୟ ଦୁଇବର୍ଷର କାର୍ଯ୍ୟକାଳ ଉପଭୋଗ କରିବେ। ଅନୁମାନ କରାଯାଉଥିଲା ଯେ, ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରାଜୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଦ୍ୱିତୀୟ ବରିଷ୍ଠତମ ଆଇପିଏସ୍ ଅଫିସର ତଥା କର୍ନାଟକ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ୍‌ର ଡିଜିପି ଏଚ୍.ସି. କିଶୋର ଚନ୍ଦ୍ରଙ୍କୁ ନିଯୁକ୍ତି ଦେଇପାରନ୍ତି, ଯିଏ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଭାବେ ଜଣାଶୁଣା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ଆଦେଶନାମା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବ।

Email: dilipcherian@gmail.com

### ଚିରନ୍ତନୀ

ସେ କିବା ମୋହରି ଆଶେ
ମୋର ଲାଗି ଏହି ରୂପେ
ଗୀତେ ତା'ର ପ୍ରାଣ ଉଠେ ମାତି।
ବିରହ-ସାଗରେ ଭାସେ
ପୀଡ଼ଇ କି ଛାତି ?
(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | | | D | | | 6 | | | | | 5 | E |
| | B | | C | 9 | | 8 | | A | 4 | | | | 0 | 6 |
| | | | | | | | | | | | E | B | | 1 |
| 0 | | D | | 8 | B | | | | 3 | | 2 | | 9 | |
| | | | A | | | 7 | | 1 | | | | | | |
| | 0 | | | | E | | C | | | 2 | | | D | |
| | 6 | | | B | A | 3 | | 4 | 5 | | | | | |
| | | | | C | | | | | E | B | 1 | | A | |
| | 2 | | | | 7 | 5 | | E | | | 6 | 1 | | 4 |
| 1 | A | 4 | 3 | | 0 | | 9 | B | | C | | | | 5 |
| | | 6 | 5 | | | | 8 | | D | | | | | |
| 8 | 1 | | 0 | | | A | | | | | | D | | |
| | | 9 | | 2 | | | | | | | 0 | | | |
| | 5 | | | | | | D | 7 | | | | | | |
| | | A | | | | | E | 5 | 2 | 7 | 8 | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 5 | 3 | 9 | 0 | 2 | 4 | 6 | 7 | C | A | E | B | 8 |
| B | A | 4 | D | 5 | 6 | 3 | 8 | C | 0 | 9 | E | 7 | 2 | 1 |
| 8 | 6 | 2 | 4 | E | A | 0 | 1 | 7 | 3 | D | B | 5 | 9 | C |
| 3 | C | E | B | 7 | 1 | A | 5 | 9 | 2 | 6 | 8 | D | 4 | 0 |
| 7 | 0 | 9 | 2 | C | 8 | E | B | D | 4 | 5 | 1 | 3 | A | 6 |
| C | 7 | 1 | 8 | 3 | E | 4 | 2 | B | 5 | A | 0 | 9 | 6 | D |
| 5 | 9 | D | 0 | 2 | B | 6 | C | A | E | 8 | 3 | 1 | 7 | 4 |
| 0 | 3 | B | 6 | D | 9 | 8 | 7 | E | C | 1 | 4 | A | 5 | 2 |
| 2 | E | A | 5 | 4 | C | 1 | D | 3 | 6 | 7 | 9 | 0 | 8 | B |
| 6 | 4 | 8 | A | 1 | 7 | 5 | 9 | 0 | B | 2 | D | C | E | 3 |
| A | 8 | 3 | E | 6 | 5 | 9 | 0 | 1 | D | B | 2 | 4 | C | 7 |
| 9 | D | C | 1 | B | 4 | 7 | 6 | 2 | A | 3 | 5 | 8 | 0 | E |
| E | B | 0 | 7 | 8 | 2 | D | 3 | 5 | 9 | 4 | C | 6 | 1 | A |
| 4 | 2 | 7 | 9 | 0 | 3 | C | A | 8 | 1 | E | 6 | B | D | 5 |
| 1 | 5 | 6 | C | A | D | B | E | 4 | 8 | 0 | 7 | 2 | 3 | 9 |

ଗତକାଲିର ଉତ୍ତର

# ଗଧରୁ ମଣିଷ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୯୪ ମସିହାର ଘଟଣା। ଭାରତର ତତ୍କାଳୀନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଓମାନ୍ ଗସ୍ତରେ ଯାଇଥାନ୍ତି। ସେତେବେଳେ ଓମାନ୍‌ର ସୁଲତାନ ଥାନ୍ତି ୱାବସ୍ ବିନ୍ ସୟିଦ୍ ଅଲ ସୟିଦ୍। ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ସ୍ୱୟଂ ବିମାନବନ୍ଦରରେ ଉପସ୍ଥିତ ଥାନ୍ତି। ରାଷ୍ଟ୍ରପତି ଯଥାସମୟରେ ପହଞ୍ଚିଲେ ଓ ଓମାନ୍ ସୁଲତାନ୍ ତାଙ୍କୁ ଭାବପୂର୍ଣ୍ଣ ସ୍ୱାଗତ ଜଣାଇ ପାଛୋଟି ଆଣିଲେ। ରାଷ୍ଟ୍ରପତି ବସିଥିବା କାରକୁ ନିଜେ ଚଳାଇ ତାଙ୍କୁ ଅତିଥିଶାଳାକୁ ଘେନିଆସିଲେ। ସେତେବେଳେ ଏହି ଘଟଣା ଓମାନ୍‌ବାସୀଙ୍କୁ ଚକିତ କରିଥିଲା। କାରଣ କୌଣସି ବାହ୍ୟରାଷ୍ଟ୍ରର ମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ନିଜେ ବିମାନବନ୍ଦରକୁ ଯିବା ସେହି ଦେଶର ପରମ୍ପରାବିରୁଦ୍ଧ ଥିଲା। ଜଣେ ଖବରଦାତା ସୁଲତାନଙ୍କୁ ପଚାରିଲେ- ''ମହାରାଜ! ଆପଣ ନିଜେ ବିମାନବନ୍ଦରକୁ ଯାଇ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ଆମ ଦେଶର ପରମ୍ପରାକୁ ଭାଙ୍ଗିଲେ କାହିଁକି ?'' ଉତ୍ତରରେ ସୁଲତାନ କହିଥିଲେ, ''ମୁଁ ଭାରତରେ ପାଠ ପଢିଥିଲି। ପୁଣେରେ ପଢୁଥିବା ବେଳେ ଶଙ୍କର ଦୟାଲ ଶର୍ମା ଥିଲେ ମୋର ଶିକ୍ଷକ। ଏଣୁ ମୁଁ ଭାରତର ରାଷ୍ଟ୍ରପତିଙ୍କୁ ନୁହେଁ ମୋର ଶିକ୍ଷକ ଶଙ୍କର ଦୟାଲ ଶର୍ମାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରକୁ ଯାଇଥିଲି। ସୁଲତାନ ହୋଇ ବି ସେ ଜଣେ ଛାତ୍ରର କର୍ତ୍ତବ୍ୟ ଭୁଲି ନ ଥିଲେ। ସିଂହାସନରୁ ଓହ୍ଲାଇ ଆସିଥିଲେ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇବା ପାଇଁ।

ବିଡ଼ମ୍ବନାର ବିଷୟ ଯେ ଯେଉଁ ଭାରତଭୂମିରେ ଏହିଭଳି ପରମ୍ପରାର ଜନ୍ମ ହୋଇଥିଲା ଆଜି ସେଠି ଲୋକେ ତାକୁ ହତାଦର କରୁଥିବା ବେଳେ ବିଦେଶରେ ସେହି ପରମ୍ପରା ଅନୁସୃତ ହେଉଛି। ୨୦୦୮ ମସିହାରେ ଜିଗ୍‌ମେ କେଶର ନମ୍ୟାଲ୍ ୱାଙ୍ଗଚକ୍ ଭୁଟାନର ରାଜା ଭାବରେ ଅଭିଷିକ୍ତ ହେବା ପରେ ରାଷ୍ଟ୍ରର ଉନ୍ନତି ନିମିତ୍ତ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥିଲେ। ଶିକ୍ଷକମାନଙ୍କ ସମ୍ମୁଖରେ ସେ ରାଜସିଂହାସନରେ ନ ବସି ଏକ ସାଧାରଣ ଚୌକିରେ ବସୁଥିଲେ। ପ୍ରାଚୀନ ଭାରତରେ ମଧ୍ୟ ରାଜଦରବାରରେ ଗୁରୁଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ଗୁରୁ ରାଜଦରବାରରେ ପ୍ରବେଶ କଲେ ରାଜା ସିଂହାସନରୁ ଉଠିପଡି ସମ୍ମାନ ଜଣାଉଥିଲେ। ଆଜି ସବୁକିଛି ବଦଳିଯାଇଛି। ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀମାନଙ୍କ କୋଠରିକୁ ସେମାନଙ୍କ ଶିକ୍ଷକ ପ୍ରବେଶ କଲେ ତାଙ୍କ ପାଇଁ ଏଭଳି ସମ୍ମାନ ଆଶା କରିବା ଆକାଶକୁସୁମ ସଦୃଶ।

ଆଜି ଆମମାନଙ୍କ ମଧ୍ୟରେ ଅଛନ୍ତି ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ଇତ୍ୟାଦି। ଆମକୁ ଦିନେ ପାଠ ପଢାଇ ମଣିଷ କରିଥିଲେ ଶିକ୍ଷକମାନେ। ମାତ୍ର ଶିକ୍ଷିତ ହୋଇ ଉଚ୍ଚାସନରେ ଅଧିଷ୍ଠିତ ହୋଇଗଲେ ଆମକୁ ମଣିଷ କରିଥିବା ସେହି ଶିକ୍ଷକମାନଙ୍କ କଥା ଆମେ ଭୁଲିଯାଉ। ପଦ ଓ କ୍ଷମତାଜନିତ ଅହଂ-କବଳିତ ହୋଇ ଆମେ ଭୁଲିଯାଉ ସେହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଯିଏ ଆମକୁ 'ଅ, ଆ, କ, ଖ'ରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଭଳି ବି ହୁଏ ଆମେ ଭୋଗବିଳାସରେ ବୁଡି ରହିଥିବାବେଳେ ଆମକୁ ମଣିଷ କରିଥିବା ସେହି ଶିକ୍ଷକ ଦୁଃଖ ଓ ଦୈନ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥାନ୍ତି। ମାତ୍ର ଉଚ୍ଚଶିକ୍ଷିତ ପଦାଧିକାରୀ ମଣିଷ ସେହି ମଣିଷ-ନିର୍ମାତା ଶିକ୍ଷକଙ୍କୁ ବିସ୍ମୃତିର ଗର୍ଭକୁ ନିକ୍ଷେପ କରିଦିଅନ୍ତି। ଏହି ପ୍ରସଙ୍ଗରେ ମନେପଡେ କଥାକାର ଗଣେଶ ପ୍ରସାଦ ପରିଜାଙ୍କ ଏକ କ୍ଷୁଦ୍ରଗଳ୍ପ 'ଗଧ ମଣିଷ ହେଲା'।

ଗାଁ ମୁଣ୍ଡରେ ଛିଡା ହୋଇଥାନ୍ତି ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଗାଁର ଅବଧାନେ ତାକୁ କହୁଥାନ୍ତି- ''ଆରେ, ତୁ ପାଠ ପଢି ଚାକିରି କଲା ପରେ ଅମଣିଷ ହୋଇଗଲୁ। ତୁ ଥିଲୁ ଏକ ଗଧ ଓ ମୁଁ ତୋତେ ମଣିଷ କରିଛି। କାଳେ ମୋତେ ଦଣ୍ଡବତ କରିବାକୁ ପଡିବ ବୋଲି ତୁ ଲୁଚି ପଳାଉଛୁ। ଗୁରୁଙ୍କୁ ସମ୍ମାନ ଦେଖାଇବା କ'ଣ ମଣିଷର ଧର୍ମ ନୁହେଁ?'' ଏସବୁ ଶୁଣୁଥାଏ ପାଖରେ ଛିଡା ହୋଇଥିବା ଗାଁର ଧୋବା। ତା'ର ଥିଲା ଗୋଟିଏ ଗଧ। କିନ୍ତୁ ତା'ର ପିଲାଛୁଆ କେହି ନ ଥିଲେ। ସେ ଭାବିଲା ଅବଧାନେ ଗୋଟିଏ ଗଧକୁ ଯଦି ମଣିଷ କରିଛନ୍ତି, ତା' ଗଧଟିକୁ ଯଦି ମଣିଷ କରିଦିଅନ୍ତେ ତା'ର ଦୁଃଖ ଦୂର ହୋଇଯାନ୍ତା। ସେ ପୁଅଟିଏ ପାଆନ୍ତା ଓ ସେହି ପୁଅ ପାଠପଢି ସେହି ଯୁବକ ଭଳି ବଡ଼ ମଣିଷ ହୁଅନ୍ତା। ସେ ତା' ପରଦିନ ତା' ଗଧଟିକୁ ଧରି ଅବଧାନଙ୍କ ଘରେ ପହଞ୍ଚିଲା ଓ କହିଲା, ଅବଧାନେ! ଆପଣ ମୋ ଗଧଟିକୁ ମଣିଷ କରିଦିଅନ୍ତୁ। ତାକୁ ମୁଁ ପାଠ ପଢାଇ ବଡ ଲୋକ କରିବି। ଅବଧାନେ କହିଲେ, ଆରେ ଗଧକୁ କ'ଣ କେବେ ମଣିଷ କରିହୁଏ ? ଧୋବା କହିଲା, ଗତକାଲି ଆପଣ ଗାଁ ମୁଣ୍ଡରେ ସେହି ଉଚ୍ଚଶିକ୍ଷିତ ଯୁବକଙ୍କୁ ଗଧରୁ ମଣିଷ କରିଛନ୍ତି ବୋଲି କହିବାର ମୁଁ ଶୁଣିଛି। ଆପଣ ଦୟାକରି ମୋତେ ନିରାଶ କରନ୍ତୁ ନାହିଁ। ଅବଧାନେ ମୂର୍ଖ ବା ନିରକ୍ଷର ଅର୍ଥରେ ଗଧ ଶବ୍ଦ ବ୍ୟବହାର କରିଥିଲେ ବୋଲି ଯେତେ ବୁଝାଇଲେ ମଧ୍ୟ ଧୋବା ବୁଝିଲା ନାହିଁ ଓ ତାଙ୍କ ଘରେ ଗଧଟିକୁ ବାନ୍ଧି ଦେଇ ଚାଲିଆସିଲା। ଅନନ୍ୟୋପାୟ ହୋଇ ଅବଧାନେ ଗଧଟିକୁ ରଖିଲେ। ମଝିରେ ମଝିରେ ଧୋବା ଆସି ପଚାରୁଥାଏ, ଆଜ୍ଞା ମୋ ଗଧ ମଣିଷ ହେଲାଣି ? ଅବଧାନେ କହୁଥାନ୍ତି, 'କାମ ଚାଲିଛି।' ଶେଷରେ ଦିନେ ଅବଧାନେ ଧୋବାକୁ କହିଲେ, ତୋ ଗଧ ମଣିଷ ହୋଇଛି। କିନ୍ତୁ ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ଏଣୁ ତୋ ଗଧ ମଣିଷ ହେଲାପରେ ତୋତେ କିମ୍ବା ମୋତେ ଚିହ୍ନିପାରିବ ବୋଲି ମୁଁ ଭାବୁନାହିଁ। ଧୋବା ଜୋର ଦେଇ କହିଲା, ନା ଅବଧାନେ ସେ ନିଶ୍ଚୟ ଆମକୁ ଚିହ୍ନିବ।

ଅବଧାନେ ଧୋବାକୁ ନେଇଗଲେ ଏକ ବିଚାରାଳୟକୁ। ବିଚାରକଙ୍କ ପ୍ରତି ଅଙ୍ଗୁଳି ଦେଖାଇ କହିଲେ, ତୋର ଗଧ ଆଜି ବିଚାରକ ହୋଇ ନ୍ୟାୟ ବିଚାର କରୁଛନ୍ତି। ଧୋବା ଖୁସି ହୋଇ ବିଚାରକଙ୍କୁ ଜୋର ପାଟିରେ ଡାକିଲା। ହେଲେ ବିଚାରକ ତା' କଥାକୁ କର୍ଣ୍ଣପାତ କଲେ ନାହିଁ। ଧୋବା ଭାବିଲା ବୋଧହୁଏ, ଅବଧାନେ ଠିକ୍ କହୁଥିଲେ- ଗଧ ମଣିଷ ହେଲେ ତା'ର ପୂର୍ବକଥା ଭୁଲିଯାଏ। ସେ ଚିନ୍ତାକଲା, ସେ ଯେଉଁ ଦଉଡିରେ ଗଧକୁ ବାନ୍ଧୁଥିଲା, ସେହି ଦଉଡି ତାକୁ ଦେଖାଇଲେ ହୁଏତ ସେ ତାକୁ ଚିହ୍ନିପାରିବ। ଘରୁ ଦଉଡିଟି ଆଣି ଦେଖାଇବା ପରେ ମଧ୍ୟ ବିଚାରକ ତାକୁ କିମ୍ବା ଅବଧାନଙ୍କୁ ଚିହ୍ନିପାରିଲେ ନାହିଁ। ଶେଷରେ ଧୋବା ରାଗିଯାଇ କହିଲା, ''ତୋତେ ପରା ମୁଁ ଏଇ ଦଉଡିରେ ବାନ୍ଧୁଥିଲି। ତୋତେ ଏହି ଅବଧାନେ ପାଠ ପଢାଇ ମଣିଷ କରିଛନ୍ତି। ଆଜି ମଣିଷ ହୋଇଗଲୁ ବୋଲି ମୋତେ ଭୁଲିଗଲୁ ଓ ତୋତେ ମଣିଷ କରିଥିବା ଅବଧାନଙ୍କୁ ବି ଭୁଲିଗଲୁ ?''ଏହି କଥାପଦକ ବିଚାରକଙ୍କ ଚେତନାକୁ ଦୋହଲାଇଦେଲା। ବିଚାରକ ଭାବଗମ୍ଭୀର ହୋଇଗଲେ ଓ ଚିନ୍ତା କଲେ, ''ସତେ ତ, ଦିନେ ମୁଁ ବି ଥିଲି ଗଧ ଅର୍ଥାତ୍ ମୂର୍ଖ ବା ନିରକ୍ଷର। ମାତ୍ର ପ୍ରାଥମିକ ବିଦ୍ୟାଳୟରେ ଯେଉଁ ଶିକ୍ଷକ ମୋତେ ଅ, ଆରୁ ପାଠପଢା ଆରମ୍ଭ କରି ମଣିଷ ଭାବରେ ଗଢ଼ି ତୋଳିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ତାଙ୍କ କଥା ତ ଆଜି ମୋର ମନେ ନାହିଁ ? କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେ ଧୋବାକୁ କହିଲେ, ''ତୁ ଠିକ୍ କହିଛୁ। ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ତୋ ଗଧ ମଧ୍ୟ ମଣିଷ ହୋଇ ତା' ପୂର୍ବକଥା ଭୁଲିଯାଇଛି।'' ବିଚାରକ ତାଙ୍କ ପକେଟରୁ କିଛି ଟଙ୍କା କାଢି ଧୋବାକୁ ତାହା ଧରାଇ ଦେଇ କହିଲେ- ନେ, ତୋ ଗଧର ଦାମ୍। ଆଉ ଦିନେ ଏଠାକୁ ଆସିବୁନି। ଧୋବା ଡରିଯାଇ ଟଙ୍କାତକ ଗ୍ରହଣ କରି ଚାଲିଆସିଲା। ଗଲାବେଳେ ମନେ ମନେ ଭାବୁଥିଲା, ଅବଧାନେ ଠିକ୍ କଥା କହୁଥିଲେ। ଗଧ ମଣିଷ ହେଲେ ତା' ପୂର୍ବ କଥା ମନେ ପକାଇପାରେ ନାହିଁ। ଆଜି ମଧ୍ୟ ସମାଜରେ ଏହିଭଳି ଗଧମାନଙ୍କ ସଂଖ୍ୟା ଅନେକ।

ଟିଟିଲାଗଡ଼, ମୋ- ୯୪୩୭୩୨୯୨୬୩

# ସାର୍ଥକ ଜୀବନ

ମମତା ପଣ୍ଡା

କବିଙ୍କ ଭାଷାରେ- ''ମୁହୂର୍ତ୍ତେ ମାତର ଉଜ୍ଜ୍ୱଳି ପ୍ରଖର ଶିଖା ଟେକି ହୁତାଶନ,/ ଜଳି ଯେବେ କରେ ଆଲୋକ ଉତ୍ତାପ ଚଉଦିଗେ ବିତରଣ।/ ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ ରହେ ତା' ଆଦର ଯଶ,/ କି ଲୋଡ଼ା ତହିଁରେ ରହେ ଯେ ମହୀରେ କୁହୁଳି ସହସ୍ର ବର୍ଷ ?''

(ଧର୍ମପଦ- ପଣ୍ଡିତ ଗୋପବନ୍ଧୁ)

ମଣିଷ ଜୀବନର ସାର୍ଥକତା ଏଇ ଅଗ୍ନିଶିଖା ପରି ଆଲୋକ ଓ ଉତ୍ତାପ ପ୍ରଦାନ କରିବାରେ। ତାହା ସ୍ୱଳ୍ପକାଳ ପାଇଁ ହେଉ ପଛେ। କିନ୍ତୁ ଶତାୟୁ ହୋଇ ମଧ୍ୟ ଯଦି ଜୀବନ ସମାଜସେବାରେ ଲାଗି ନ ପାରିଲା, ପରର ଉପକାରରେ ଜୀବନର କିଛି ଅଂଶ ବିନିଯୋଗ ହୋଇ ନ ପାରିଲା, ତେବେ ସେ କୁହୁଳୁଥିବା ନିଆଁ ପରି ଆଦର ଯଶ ପାଇପାରେନା। ଏହିପରି ଜଣେ ସାର୍ଥକ ଜୀବନ ଜିଇଁଥିବା ମଣିଷ ଥିଲେ ସ୍ୱାମୀ ବିବେକାନନ୍ଦ, ଯିଏ ମାତ୍ର ୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ ମହତ୍ କାମ କରିଯାଇଛନ୍ତି। ସେ ମାତ୍ର ୩୦ ବର୍ଷ ବୟସରେ ୧୧।୦୯।୧୮୯୩ରେ ସୁଦୂର ଆମେରିକାର ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତ ଓ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରି ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଭାରତ ତଥା ବହିର୍ଭାରତରେ ଶ୍ରୀଶ୍ରୀରାମକୃଷ୍ଣ ପରମହଂସଙ୍କ ଭାବଧାରାର ପ୍ରଚାର ପ୍ରସାର କରିଥିଲେ। ସେହିପରି ଆଦି ଶଙ୍କରାଚାର୍ଯ୍ୟଙ୍କ ପରମାୟୁ ଥିଲା ମାତ୍ର ୩୨ ବର୍ଷ। ସେ କେରଳର କାଲାଡ଼ି ଗ୍ରାମରେ ୭୮୮ ମସିହାରେ ଏକ ନମ୍ବୁଦ୍ରି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ୮୨୦ ଖ୍ରୀଷ୍ଟାବ୍ଦରେ ମହାପ୍ରୟାଣ ଲାଭ କରିଥିଲେ। ଏହି ସ୍ୱଳ୍ପ ଜୀବନକାଳ ଭିତରେ ସେ ଜ୍ଞାନରେ ସାରା ଭାରତ ଜୟ କରି ବୈଦିକ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ। ଚାରିଧାମରେ ମଠ ପ୍ରତିଷ୍ଠା କରିଥିଲେ। ଅନେକ ସ୍ତୋତ୍ର, ମୋହମୁଦ୍‌ଗର ଓ ମଣିମାଳା ଆଦି ରଚନା କରିବା ସହ ଅନେକ ଭାଷ୍ୟ ରଚନା କରିଥିଲେ। ତେବେ ଏଠାରେ ମୁଁ ଆଉ ଜଣେ ବିବେକାନନ୍ଦଙ୍କ ବିଷୟରେ ସୂଚନା ଦେବାକୁ ଚାହୁଁଛି, ଯିଏ ଉପରୋକ୍ତ ମହାପୁରୁଷଙ୍କ ସହ ତୁଳନୀୟ ନ ହେଲେ ମଧ୍ୟ ମାନବସେବାକୁ ମାଧବସେବା ଜ୍ଞାନରେ ନିଜ ଜୀବନର ବ୍ରତ କରି ଜୀବନର ସ୍ୱଳ୍ପ ଅବଧି ଭିତରେ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସେ ଆରମ୍ଭ କରିଥିବା ସେବାକାର୍ଯ୍ୟ ତାଙ୍କ ପରେ ବି ଅବ୍ୟାହତ ରହିଛି।

ତାଙ୍କର ଜନ୍ମ ହୁଏ ୧୯୬୭ ମସିହା ମାଘ କୃଷ୍ଣ ସପ୍ତମୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥିରେ। ସେଥିପାଇଁ ପିତା ଲକ୍ଷ୍ମୀଧର ଓ ମାତା ହେମାଙ୍ଗିନୀ ତାଙ୍କ ନାଁ ରଖିଥିଲେ ବିବେକାନନ୍ଦ। ବାଲ୍ୟକାଳରୁ ହିଁ ସେ ଥିଲେ ପରଦୁଃଖକାତର। ଦିନେ ସେ ତାଙ୍କୁ କିଛିଦିନ ପାଠ ପଢ଼ାଇଥିବା ତାଙ୍କ ପିତାଙ୍କ ପ୍ରାଥମିକ ଶିକ୍ଷକଙ୍କଠାରୁ ଏକ ଚିଠି ପାଇଲେ। ଏହି ଚିଠି ମାଧ୍ୟମରେ ଗୁରୁଜୀ ତାଙ୍କର ଦେହ ଭଲ ରହୁ ନ ଥିବା ଓ ଅଭାବ ଅସୁବିଧାରେ ଚଳୁଥିବା ବିଷୟ ଦର୍ଶାଇବା ସହ ଏକ ଶୀତ ଚଦର କିଣିବା ପାଇଁ ତାଙ୍କ ପିତାଙ୍କୁ ମାତ୍ର ୧୦ ଟଙ୍କା ମାଗିଥିଲେ। ବିବେକାନନ୍ଦ ତାଙ୍କ ମାଆଙ୍କୁ କହିଲେ: ମାଆ, ଗୁରୁଜୀଙ୍କ ଦେହ ଭଲ ନାହିଁ। ମୁଁ ଏକ ଚଦର ଓ କିଛି ଫଳମୂଳ ନେଇ ତାଙ୍କୁ ଦେଖିବାକୁ ଯିବି। ମାଆ ଅନୁମତି ଦେବାରୁ ମାଉସୀପୁଅ ଭାଇ ବାଲୁଙ୍କେଶ୍ୱରଙ୍କୁ ସାଙ୍ଗରେ ନେଇ ସେ ଗଲେ ଭୁବନେଶ୍ୱରରୁ ଖୋର୍ଦ୍ଧା ଓ ସେଠାରୁ କିଛି କିଲୋମିଟର ଦୂର ଏକ ନିପଟ ମଫସଲ ଗାଁକୁ। ଗାଁରେ ପହଞ୍ଚି ଯାହା ଦେଖିଲେ ସେଥିରେ ତାଙ୍କର ପ୍ରାଣ କାନ୍ଦିଉଠିଲା। କାରଣ ଇତିମଧ୍ୟରେ ଗୁରୁଜୀଙ୍କର ପରଲୋକ ହୋଇଯାଇଥିଲା। ସେଦିନ ତାଙ୍କ ମୃତ୍ୟୁର ସପ୍ତମ ଦିନ। ପରିବାର ଓ ଜ୍ଞାତି ଲୋକମାନେ ତୁଠକୁ ଯାଇଥିଲେ।

ସେଦିନ ଶୋକାତୁର ଭଙ୍ଗା ମନ ନେଇ ଘରକୁ ଫେରିବା ପରେ ୮ ବର୍ଷର ବିବେକାନନ୍ଦ ତାଙ୍କ ମାଆଙ୍କ ଆଗରେ ପ୍ରତିଜ୍ଞା କରିଥିଲେ: ମାଆ! ମୁଁ ବଡ଼ ହେଲେ ମାଆବାପା, ବୁଢ଼ୀବୁଢ଼ା, ଗରିବ ଓ ଅସହାୟ ଲୋକମାନଙ୍କର ସେବା କରିବି। ସେ ପ୍ରତିଜ୍ଞା ଥିଲା ତାଙ୍କର ଭୀଷ୍ମ ପ୍ରତିଜ୍ଞା। ସେଥିରୁ ସେ କେବେ ବି ଓହରିନାହାନ୍ତି।

ବଡ଼ ହେବା ପରେ ସେ ବାଛିନେଲେ ଆଇନ ବ୍ୟବସାୟକୁ ତାଙ୍କର ଜୀବିକା ରୂପେ। ଘର ଲୋକେ ସମସ୍ତେ ଜାଣନ୍ତି ଯେ ପୁଅ କଚେରିକୁ ଯାଇଛି। କିନ୍ତୁ ସେ କେତେବେଳେ ବସ୍ତି ଅଞ୍ଚଳକୁ ଯାଇ ରୋଗୀ ସେବା କରନ୍ତି, କେତେବେଳେ ସଫେଇ କାର୍ଯ୍ୟ କରନ୍ତି, କେତେବେଳେ ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି ଓ କେତେବେଳେ ରକ୍ତଦାନ କରନ୍ତି, ତାହା ତାଙ୍କ ଛଡ଼ା ଓ ତାଙ୍କ ସେବାକାର୍ଯ୍ୟର ସହଯୋଗୀ ସାଥୀ ଓକିଲଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ। ଅନେକ ଗରିବ ମେଧାବୀ ପିଲାଙ୍କ ପାଇଁ ସେ ପଢ଼ାଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ସମସ୍ତଙ୍କୁ ତାଙ୍କ ନାଁ ପ୍ରକାଶ ନ କରିବା ପାଇଁ ତାଗିଦ କରୁଥିଲେ। ଏପରି କି ସେ ଏତେ ସେବାକାର୍ଯ୍ୟ କରୁଥିବା ବିଷୟରେ ତାଙ୍କ ମାଆବାପା ବି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜାଣି ନ ଥିଲେ। ୧୩।୦୮।୨୦୦୦ ଗହ୍ମା ପୂର୍ଣ୍ଣମୀର ପୂର୍ବଦିନ ମାତ୍ର ୩୩ ବର୍ଷ ବୟସରେ ବିବେକାନନ୍ଦଙ୍କ ପରଲୋକ ଘଟିବା ପରେ ଜମା ହୋଇପଡ଼ିଥିଲେ ତାଙ୍କର ଶୁଭେଚ୍ଛୁ ଓ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ମଣିଷମାନେ। ସେମାନେ ତାଙ୍କ ମୁହଁରେ ନିଜେ ପାଇଥିବା ଉପକାର ବିଷୟରେ ସ୍ୱୀକାର କରିବା ପରେ ହିଁ ବିବେକାନନ୍ଦଙ୍କ ସେବାକାର୍ଯ୍ୟ ବିଷୟରେ ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଥିପାଇଁ ତାଙ୍କର ପିତା ଲକ୍ଷ୍ମୀଧର ବାବୁ ଓ ଅନ୍ୟମାନେ ନିଷ୍ପତ୍ତି ନେଲେ ବିବେକାନନ୍ଦଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାକାର୍ଯ୍ୟ ଯେପରି ତାଙ୍କ ମୃତ୍ୟୁ ପରେ ବି ଅନନ୍ତକାଳ ଧରି ଅବ୍ୟାହତ ରହେ ତା'ର ବ୍ୟବସ୍ଥା କରିବାକୁ। ତାଙ୍କ ମୃତ୍ୟୁ ପରେ ମିଳିଥିବା ପ୍ରାୟ ଏକ କୋଟି ଟଙ୍କାର ବୀମା ଅର୍ଥକୁ ତାଙ୍କ ସ୍ମୃତ୍ୟର୍ଥେ ଏକ ଟ୍ରଷ୍ଟ ଗଠନ କରି ଜମା କରିଦିଆଗଲା, ଯାହାର ସୁଧ ଅର୍ଥରେ ଗରିବ ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ଜାରି ରହିଛି। ଧନ୍ୟ ସେହି ନର ଯିଏ ଜୀବନରେ ଓ ମରଣରେ ବି ପରୋପକାର କରିଚାଲିଛନ୍ତି। ଶାସ୍ତ୍ରରେ ଅଛି- ''ପରୋପକାରାୟ ଫଳନ୍ତି ବୃକ୍ଷାଃ ପରୋପକାରାୟ ବହନ୍ତି ନଦ୍ୟଃ। ପରୋପକାରାୟ ଦୁହନ୍ତି ଗାବଃ ପରୋପକାରାର୍ଥମିଦଂ ଶରୀରମ୍।।''

ହାସିମନଗର, ତିରଣ, ଜଗତ୍‌ସିଂହପୁର,
ମୋ-୭୯୭୮୭୩୧୧୪୭

### ପାଠକ ଶ୍ରେଷ୍ଠ ବିଚାରକ

#### ଗଣତନ୍ତ୍ର ପାଇଁ ବିପଦ

ମହାଶୟ,

ଯେଉଁ ଉଦ୍ଦେଶ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା କରାଗଲା ତାହା ଏବେ ବିପଦରେ। ଧନୀ ଆହୁରି ଧନୀ ଏବଂ ଗରିବ ଆହୁରି ଗରିବ ହୋଇଯାଉଛନ୍ତି। ଧନୀଙ୍କ ହାତରେ ହିଁ କ୍ଷମତା ରହୁଛି। ଗରିବ ଲୋକେ ଅଳ୍ପକେ ସନ୍ତୁଷ୍ଟ। ତେଣୁ ନିର୍ବାଚନ ସମୟରେ ସେମାନଙ୍କ ପାଇଁ ରୋଚକ ଯୋଜନାମାନ ଘୋଷଣା କରି ସେମାନଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ନିର୍ବାଚନ ପରେ ନେତାଏ ୫ ବର୍ଷ ମଧ୍ୟରେ ସେ ଅଞ୍ଚଳକୁ ଥରେ ବି ପାଦ ପକାନ୍ତି ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

#### ଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଯେଉଁ ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ବିନା ମଞ୍ଜୁରିପ୍ରାପ୍ତ ଛୁଟିରେ ନିୟମିତ ଭାବେ ଘରେ ରହୁଛନ୍ତି ବା ସେମାନଙ୍କ କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ରହୁଛନ୍ତି ଏବଂ ଅଭ୍ୟାସଗତ ଭାବରେ ଅର୍ଥ ତୋଷରପାତ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁ ଦେଶ ବା ରାଜ୍ୟରେ ଦୁର୍ନୀତି ଯେତେ କମ୍ ସେ ଦେଶ ବା ରାଜ୍ୟ ସେତେ ଆଗୁଆ। ତେଣୁ ପ୍ରଗତିର ଅନ୍ତରାୟ ଏହି ଦୁର୍ନୀତିକୁ କ୍ରମଶଃ ଦୂର କରିବା ଓ ସେ ଦିଗରେ ସହଯୋଗ କରିବା ପ୍ରତ୍ୟେକ ସଚ୍ଚୋଟ, ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଜ୍ଞ ବ୍ୟକ୍ତିର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ।

ଅଜିତ କୁମାର ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଏଇ ଭାରତରେ

'ପର ଦୁଃଖ ଦେଖି କାନ୍ଦେ ଯା' ପରାଣ ମହତ ମଣିଷ ସିଏ।' ଏହି ଆପ୍ତ ବାକ୍ୟର ଯଥାର୍ଥତା ଯୁଗେ ଯୁଗେ ରହିଛି। ନିକଟରେ କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ନିରନ୍ନ ଓ ବାସହରା ହୋଇଯାଇଛନ୍ତି। ଏହି ଅଞ୍ଚଳର ଲୋକଙ୍କ ଦୁଃଖ ଦେଖି କୋଝିକୋଡର ଜଣେ ତରୁଣୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ସ୍ୱର୍ଣ୍ଣାଳଙ୍କାର କିଣାଯାଇଥାଆନ୍ତା। କୋଝିକୋଡ ଜିଲା ଭଟକରା ଅଞ୍ଚଳର ବାସିନ୍ଦା ଅମ୍ରିତା ଏସ୍. ଭେନୁ ସେପ୍ଟେମ୍ବର ୧୫ରେ ବିବାହ କରିଥାଆନ୍ତେ। ସେ ଅଳଙ୍କାର କିଣାକୁ ପଛରେ ପକାଇ ଏ ବାବଦ ଅର୍ଥକୁ ବନ୍ୟାପ୍ଲାବିତ ଲୋକଙ୍କ କଲ୍ୟାଣ ପାଇଁ ଦାନକଲେ। ଟେଲିଭିଜନ୍‌ରେ କେରଳର କରାଳ ଦୃଶ୍ୟ ଏବଂ ବନ୍ୟା ପ୍ରଭାବିତଙ୍କୁ ଦେଖିବା ପରେ କିଛି ଦାନକରିବା ପାଇଁ ଅମ୍ରିତା ସ୍ଥିର କଲେ ଏବଂ ତାଙ୍କ ଭାବୀ ବରଙ୍କୁ ଜଣାଇଦେଲେ, ବାହାଘର ବେଳେ ସେ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ନାହିଁ। ଏହି ଅର୍ଥକୁ ସେ ବନ୍ୟାପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦାନ କରିଦେଉଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ଶାଶୁଘର ଲୋକେ ପୂର୍ଣ୍ଣ ସମର୍ଥନ କରିଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୩

- ସୋମାଲିଆର ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଦିନଙ୍କୁ ଜୀବନ୍ତ କିମ୍ବା ମୃତ ଅବସ୍ଥାରେ ଧରିବା ଲାଗି ଆମେରିକା ସୋମାଲିଆକୁ ଅଧିକ ୪୦୦ ସୈନ୍ୟ ପଠାଇଲା।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର ନ କଲେ ଆମେରିକା ରୁଷିଆକୁ ୭୦୦ ମିଲିୟନ ଡଲାର ମୂଲ୍ୟର ବୈଷୟିକ ସାହାଯ୍ୟ ଦେବନାହିଁ ବୋଲି ଘୋଷଣା କରିଛି।



### ଜିଲା ଡାଏରୀ ବଲାଙ୍ଗୀର

#### ବାଇପାସ୍ ରାସ୍ତା ରାଜନୀତି

ସହର ମଧ୍ୟ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ଏ ରାସ୍ତା ଦେଇ ଦିନକୁ ଶହ ଶହ ଟ୍ରକ୍ ଯିବା ଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟମ କରାଗଲା ଯେ, ଦିନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରିଯାନ ଯାତାୟାତ କରିପାରିବ ନାହିଁ। ସହର ବାହାର ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବ ଓ ସେଇ ରାସ୍ତାରେ ଭାରିଯାନ ଯାତାୟାତ କରିପାରିବ। ୨୦୦୧ରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୦ ବେଳକୁ ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତ କରାଯାଇ କେନ୍ଦ୍ର ସରକାରଙ୍କ ପାଖକୁ ଅର୍ଥ ମଞ୍ଜୁରୀ ପାଇଁ ପଠାଯାଇଥିଲେ ମଧ୍ୟ କେବଳ ଜମି ଅଧିଗ୍ରହଣ ପାଇଁ ୨୦୧୨ରେ ୪୦ କୋଟି ଟଙ୍କା ଆସିଥିଲା। ଜମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରାୟ ୨୭୦ କୋଟି ଟଙ୍କାର ଆବଶ୍ୟକତା ଦର୍ଶାଇ ଏକ ଚିଠା ପଠାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ଜମି ମୂଲ୍ୟରେ ଜାଲିଆତି ହୋଇଥିବା ଦର୍ଶାଇ ପୁନଃ ଠିକ୍ ଚିଠା ପଠାଇବାକୁ କହିଥିଲେ। ଇତିମଧ୍ୟରେ ତାକୁ ସଂଶୋଧନ କରାଯାଇ ୨୪୧ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କେନ୍ଦ୍ରକୁ ପଠାଯାଇଛି। ଏ ରାସ୍ତାରେ କେତେକ ଜଙ୍ଗଲ ଜମି ଥିବାରୁ ତା'ର ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏ ସବୁକୁ ଦୃଷ୍ଟି ଦେଲେ ବାଇପାସ୍ ରାସ୍ତା ନିର୍ମାଣ ହେବା ଏକପ୍ରକାର ଅନିଶ୍ଚିତତା ମଧ୍ୟରେ ରହିଛି। କିନ୍ତୁ ସହର ମଧ୍ୟରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇ ଅନେକ ଧନଜୀବନ କ୍ଷତି ହେଉଥିବାରୁ ବର୍ତ୍ତମାନ ଏହା ଉପରେ ରାଜନୀତି ଜୋର୍ ଧରିଛି। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସହରବାସୀଙ୍କ ହିତ ପାଇଁ ସବୁ ନେତା ଏକ ହୋଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି।

-ସୁବାସ ଚନ୍ଦ୍ର ପଣ୍ଡା

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳକ ମୃତ

ସିମୁଳିଆ,୨୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବରି ଅଞ୍ଚଳର ଅଭିରାମ ପାଣିଗ୍ରାହୀଙ୍କ ୧୨ ବର୍ଷର ପୁଅ ଅବିନାଶ(୧୨)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ସେ ଘରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁକ୍ରବାର ସକାଳ ୧୦ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ବରି ନୋଡ଼ାଲ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିଲେ।

### ପାଣିରେ ପଡ଼ି ଶିଶୁକନ୍ୟା ମୃତ

ଖଇରା,୨୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଜଳଦା ଗ୍ରାମର ଏକ ପୋଖରୀ ପାଣିରେ ପଡି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଅମ୍ୱେଶ୍ୱର ଶିଆଳଙ୍କ ୨ବର୍ଷର ଝିଅ ବର୍ଷାରାଣୀ ଘର ବାହାରେ ଖେଳୁଥିବାବେଳେ ହଠାତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜାଖୋଜି କରି ପୋଖରୀ ପାଣିରୁ ତାଙ୍କୁ ଉଦ୍ଧାର କରିଥିଲେ। ସୋର ମେଡିକାଲକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଜଳେଶ୍ୱର,୨୪।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗ୍ରାମର ବଂଶୀଧର ଦାସ (୬୨)ଙ୍କ ମୃତଦେହକୁ ସୁବର୍ଣ୍ଣରେଖା ନଦୀରୁ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳେ ସେ ଶୌଚ ପାଇଁ ବାହାରକୁ ଯାଇ ଆଉ ଘରକୁ ନ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ସୁବର୍ଣ୍ଣରେଖା ନଦୀ କୂଳରେ ତାଙ୍କ ଗାମୁଛା ପଡିଥବବା ଦେଖିଥିଲେ। ଏହା ପରେ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ନଦୀରୁ ମିଳିଥିଲା। ଜଳେଶ୍ୱର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ନିକଟସ୍ଥ ଜି.କେ ଭଞ୍ଜ ହସ୍ପିଟାଲକୁ ପଠାଇଛି।

### ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କୌଶଳ ପ୍ରଦର୍ଶନ

ଖଇରା,୨୪।୮(ଡି.ଏନ.ଏ.): ଖଇରା ଅଗ୍ନିଶମ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ଧାନ ଫାଉଣ୍ଡେସନର ମିଳିତ ସହଯୋଗରେ ଶୁକ୍ରବାର ମକଡ୍ରିଲ କରାଯାଇଥିଲା। ଖଇରା ଅଗ୍ନିଶମ ବିଭାଗର ମୁଖ୍ୟ ଅଗ୍ନିକ ମାନସ ରଞ୍ଜନ ମହାନ୍ତି ପ୍ରଥମେ ଛାତ୍ରୀଛାତ୍ରମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ କିଭଳି ସତର୍କତା ଅବଲମ୍ବନ କରାଯିବ ତାହା ବୁଝାଇଥିଲେ। ପରେ ଅଗ୍ନିକ ଜିତେନ୍ଦ୍ର ଗୋଛାୟତ,ଅଜିତ କୁମାର ଦାସ,ଶ୍ରୀନିବାସ ସାହୁ,ଅଭୟ କୁମାର ବେହେରା,ଡ୍ରାଇଭର ତନ୍ମୟ ନାୟକ ,ଖଇରା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମୁଖ୍ୟ ଉଦୟ କୁମାର ଦାସ ପ୍ରମୁଖ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ପିଲାଙ୍କ ଟିସି ନେବାକୁ ଦାବି କରି ଧାରଣା

- ପିଟିଏ କମିଟି ବୈଠକରେ ତୁମୁଳକାଣ୍ଡ
- ସ୍କୁଲରେ ପହଞ୍ଚିଲା ପୋଲିସ

ଜଳେଶ୍ୱର,୨୪।୮ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ନିକଟ ପଞ୍ଚୁଘଣ୍ଟା ୟୁଜି ଏମ୍ଇ ସ୍କୁଲ ପରିଚାଳନା ସମସ୍ୟା ନେଇ ଶୁକ୍ରବାର ଅପରାହ୍ନରେ ଅଭିଭାବକ ଓ ଶିକ୍ଷକ ଆସୋସିଏସନ (ପିଟିଏ) ପକ୍ଷରୁ ବସିଥିବା ବୈଠକରେ ତୁମୁଳ ହଟ୍ଟଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଅଭିଭାବକ ସେମାନଙ୍କ ପିଲାଙ୍କ ଟ୍ରାନ୍ସଫର ସାର୍ଟିଫିକେଟ୍ (ଟିସି)ନେବା ଦାବିରେ ଧାରଣା ଦେଇଥିଲେ। ଏନେଇ ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସକୁ ଖବର ଦିଆଯାଥଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଧାରଣାରତ ଅଭିଭାବକ ଜିଦ୍‌ରେ ଅଡି ବସିଥିଲେ। ଜଣେ ଶିକ୍ଷକଙ୍କ କାର୍ଯ୍ୟକୁ ଗ୍ରାମର ଗୋଟିଏ ଗୋଷ୍ଠୀ ବିରୋଧ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ସମର୍ଥନ କରୁଥିବାରୁ ବୈଠକରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।



ପୋଲିସ ସହ ଧାରଣାରେ ବସିଥିବା ଅଭିଭାବକ ଆଲୋଚନା କରୁଛନ୍ତି।

ଉଲ୍ଲେଖନୀୟ ଯେ, ପଞ୍ଚୁଘଣ୍ଟା ୟୁଜି ଏମଇ ସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ ପ୍ରଧାନ ଅସୁସ୍ଥ ଥିବା ହେତୁ ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ଗିରି ଦାୟିତ୍ୱରେ ରହିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ପିଟିଏ କମିଟି ବୈଠକ ତାଙ୍କ ଅଧ୍ୟକ୍ଷତାରେ ବସିଥିଲା। ଶିକ୍ଷୟିତ୍ରୀ ଗିରି ପରେ ଏହି ବୈଠକ ହେବ ନାହିଁ ବୋଲି କହିବାରୁ ଉପସ୍ଥିତ ଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଅଭିଭାବକ ତାଙ୍କୁ ଲିଖିତ କୈଫିୟତ ତଲବ କରିଥିଲେ। ଶିକ୍ଷୟିତ୍ରୀ ଏଥିରେ ଅରାଜି ହେବାରୁ ଉପସ୍ଥିତ ଅଧିକାଂଶ ଅଭିଭାବକ ନିଜ ପିଲାଙ୍କ ଟ୍ରାନ୍ସଫର ସାର୍ଟିଫିକେଟ୍ (ଟିସି) ନେବାକୁ ଅଡ଼ି ବସି ଧାରଣା ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବା ପରେ ପୋଲିସ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆଲୋଚନା ସଫଳ ହୋଇ ନ ଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ସେଠାରେ ଅଭିଭାବକଙ୍କ ଧାରଣା ଜାରି ରହିଥିବା କୁହାଯାଉଛି। ଗତ କିଛି ମାସ ହେବ ଏଠାରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କୁ କେନ୍ଦ୍ରକରି ଅଭିଭାବକଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଦେଖାଦେଇଛି। ଏ ସମ୍ପର୍କରେ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପ୍ରତିକାର ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

# ସିଆର୍‌ସିସି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା

## ଶିକ୍ଷା ବିଭାଗ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ଖଇରା,୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୧୭ଟି କ୍ଲଷ୍ଟରରେ ଆଞ୍ଚଳିକ ସାଧନ ସଂଯୋଜକ(ସିଆରସିସି) ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ଶିକ୍ଷା ବିଭାଗ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ୧୧ ବ୍ଲକ ପକ୍ଷରୁ ଏହି ନିଯୁକ୍ତି ଲାଗି ନୋଟିସ୍ କରାଯାଇଥିବା ବେଳେ ଖଇରା ବ୍ଲକରେ ବ୍ୟତିକ୍ରମ ଘଟିଛି। ଅନ୍ୟ ସୂତ୍ରରୁ ଖବର ପାଇ ବିଇଓଙ୍କ ଅଫିସକୁ ଦରଖାସ୍ତ କରିଥିବା ଅଶାୟୀ ପ୍ରାର୍ଥୀଙ୍କ ମଧ୍ୟରୁ କେତେକଙ୍କୁ ବାଦ୍ ଦେଇ ଅନ୍ୟମାନଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

ଉଲ୍ଲେଖନୀୟ, ବାଲେଶ୍ୱର ଜିଲାର ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟ କରୁଥିବା ସିଆରସିସଙ୍କ ୫ବର୍ଷ କାର୍ଯ୍ୟକାଳ ଶେଷ ହୋଇ ସାରିଲାଣି। ଏଥିଲାଗି ପୁନଃ ନିଯୁକ୍ତି ଦେବା ସକାଶେ ଡିପିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଇଓଙ୍କ ଅଫିସକୁ ଚିଠି(ନଂ.୨୮୧୩/୧୪/୦୮/୧୮) ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଉକ୍ତ ଚିଠି ଅନୁଯାୟୀ ଖଇରା ବ୍ଲକରେ ଇଚ୍ଛୁକ ଶିକ୍ଷକଙ୍କୁ ଆବେଦନ କରିବା ଲାଗି ନୋଟିସ କରା ନ ଯିବା ଚର୍ଚ୍ଚାକୁ ଆସିଛି। ବିନା ନୋଟିସ୍‌ରେ ଭିତିରିଆ ନିଯୁକ୍ତି ଲାଗି ଷଡଯନ୍ତ୍ର ହୋଇଥିବା ଏବଂ ବାହାର ସୂତ୍ରରୁ ଜାଣି ଏହି ପଦବୀ ଲାଗି ଆବେଦନ କରିଥିବା କେତେକ ଆଶାୟୀଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବା ଶିକ୍ଷକ ସଂଘ ନେତା ଦୁର୍ଗା ମାଧବ ଜେନା ଓ ଲମ୍ବୋଦର ଦାସ ଏଠାରେ ଅଭିଯୋଗ କରିଛନ୍ତି। ତେବେ ଲିଖିତ ପରୀକ୍ଷା ପାଇଁ ନିଶ୍ଚିତ ହୋଇଥିବା ୧୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସସେତ ଅନ୍ୟ ୧୭ ଶିକ୍ଷକଙ୍କୁ ଏଥିଲାଗି ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ଚିଠି କରାଯାଇଥିବା କୁହାଯାଉଛି। ଏପରି କି ଏହି ପଦବୀ ଲାଗି ଆବେଦନ କରି ନ ଥିବା କେତେକ ଶିକ୍ଷକଙ୍କୁ ପରୀକ୍ଷା ଦେବାକୁ ଡକାଯାଇଥିବା ଅଭିଯୋଗ ହୋଇଛି। ରୋଗରେ ପୀଡିତ ଥିବା ଜଣେ ଶିକ୍ଷକ ପରୀକ୍ଷା ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ମଧ ତାଙ୍କୁ ପରୀକ୍ଷା ଦେବା ସକାଶେ ଚିଠି କରାଯାଇଥିବା ଜଣାପଡିଛି। ନିଯୁକ୍ତି ଲାଗି ଆବେଦନ କରିଥିବା ୧୭ଜଣଙ୍କୁ ଚିଠି କରାଯାଇଥିଲେ ମଧ୍ୟ ନିଯୁକ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ନ ରହିବାରୁ ସେମାନେ ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ଏଭଳି ଅଭିଯୋଗ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କୁ ପଚାରିବାରୁ ଏକ କମିଟି ଗଠନ କରାଯାଇ ଦକ୍ଷତା ଥିବା ଶିକ୍ଷକଙ୍କୁ ପରୀକ୍ଷା ପାଇଁ ମନୋନୀତ କରାଯାଇଛି ବୋଲି କହିଛନ୍ତି। ଏଥିରେ କୌଣସ ଅନିୟମିତତା ହୋଇ ନ ଥିବା ସେ ଦର୍ଶାଇଛନ୍ତି।



ଖବରଦାତା ସମ୍ମିଳନୀରେ 'ଧାନ୍ ଫାଉଣ୍ଡେଶନ୍'ର କର୍ମକର୍ତ୍ତା।

# 'ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ମାନଦଣ୍ଡ ବୃଦ୍ଧି ଲାଗି କାର୍ଯ୍ୟ କରାଯାଉଛି'

## 'ଧାନ୍ ଫାଉଣ୍ଡେଶନ୍' ପକ୍ଷରୁ ସ୍ପଷ୍ଟୀକରଣ

ସଜନାଗଡ଼,୨୪।୮(ଡି.ଏନ.ଏ.)

ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ 'ଧାନ୍ ଫାଉଣ୍ଡେସନ୍' ଶାଖା କାର୍ଯ୍ୟ କରି ଆସୁଛି। ମହିଳାଙ୍କୁ ଋଣ ଦେବା ପ୍ରଲୋଭନ ଦେଖାଇ ନୀଳଗିରି ବ୍ଲକ ଅଞ୍ଚଳରୁ ୧୦୦ ଟଙ୍କା ଲେଖାଏଁ ଆଦାୟ କରାଯିବା ନେଇ କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବୁଧବାର ସଜନାଗଡ଼ ଭୂଧାରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ପ୍ରୋଗ୍ରାମ ଲିଡ଼ର ପି. ଶୁଭରାଜ ପ୍ରକାଶ କରିଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତିନିୟମ ଅନୁଯାୟୀ ଏହି ଫାଉଣ୍ଡେସନ୍ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଫାଉଣ୍ଡେସନ୍ ପକ୍ଷରୁ ଏହି ପରିପ୍ରେକ୍ଷୀରେ ଆହୁରି କୁହାଯାଇଛି ଯେ, କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉକ୍ତ ସଂସ୍ଥାକୁ ବଦନାମ୍ କରାଇବା ପାଇଁ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧରି ଏଭଳି ଅଭିଯୋଗ ଆଣିଛନ୍ତି। 'ଧାନ୍‌ଫାଉଣ୍ଡେସନ୍' ଏକ ସ୍ୱେଚ୍ଛାସେବୀ ସଂଗଠନ। ଏହି ସଂସ୍ଥା କୌଣସି ଋଣ ଦେବାନେବା କରି ନ ଥାଏ। 'ଧାନ୍ ଫାଉଣ୍ଡେସନ୍' ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହି ସ୍ପଷ୍ଟୀକରଣ ଦିଆଯିବା ଅବସରରେ ସୁନୀତ କର, ଚିନ୍ମୟ କୁମାର ଦାସ, ଶାନ୍ତିଲତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ଗଛ ଲଗାଇଲେ ବରିଷ୍ଠ ନାଗରିକ

ସିମୁଳିଆ,୨୪।୮(ଡି.ଏନ୍.ଏ.)

ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା ଲାଗି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଟୀ ପଞ୍ଚାୟତର ବରିଷ୍ଠ ନାଗରିକ ଅଣ୍ଟା ଭିଡିଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନାଗରିକ ଦିବସ ପାଳିତ ଅବସରରେ ବାଟୀ-କ୍ଷୀରକୋଣା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ବରି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀଙ୍କ ବାସଭବନରେ ଗଣନାଥ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ସୋମନାଥ ଚାଟାର୍ଜୀ, କରୁଣାନିଧି ଓ ଯଦୁନାଥ ଦାସମହାପାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଶିବପ୍ରସାଦ ପାଢୀ, ସୁଧାକର ସାହୁ, ରମାକାନ୍ତ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୟୋଜ୍ୟେଷ୍ଠ ନାଗରିକମାନେ ଏହି ଅବସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ନେଇ ସଚେତନତାର ବାର୍ତ୍ତା ଦେଇଥିଲେ।

# ଲୋକାଭିମୁଖୀ କାର୍ଯ୍ୟର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଗୁରୁତ୍ୱ

ବାଲେଶ୍ୱର ଅଫିସ,୨୪।୮

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲାରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଶୁକ୍ରବାର ସ୍ଥାନୀୟ ସହର ଉପକଣ୍ଠ ଆତିଥ୍ୟ ସମ୍ମିଳନୀ କକ୍ଷରେ ବାଲେଶ୍ୱର ନଗର ବିଜୁ ମହିଳା ଜନତା ଦଳ ଏବଂ ବାଲେଶ୍ୱର ରାଣୀପାଟଣା ଆମନ୍ତ୍ରଣ ମଣ୍ଡପରେ ସଦର ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକରିଣୀ ବୈଠକ ବସି ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇବା ଓ ସଂଗଠନକୁ ଦୃଢ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି।

ଆତିଥ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ନଗର ବିଜୁ ମହିଳା ଜନତା ଦଳର ସଭାପତି ତଥା ୩୧ନଂ ୱାର୍ଡ଼ର କାଉନସିଲର ରଞ୍ଜିତା ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଦଳର ଜିଲା ସଭାପତି ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ସହରରେ ବିଜେଡ଼ିର ମହିଳା ସାଂଗଠନିକ କାର୍ଯ୍ୟକୁ ପ୍ରଶଂସା କରି ସବୁ ବ୍ଲକ ଓ ପୌରାଞ୍ଚଳରେ ସଂଗଠନ ମଜଭୁତ କରାଯିବ ବୋଲି କହିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଉପପୌରାଧ୍ୟକ୍ଷ ରଶ୍ମିରେଖା ଦେବ, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମୀନା ମହାନ୍ତି, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରଶନ୍ନ ପଟ୍ଟନାୟକ,



କାର୍ଯ୍ୟକାରିଣୀ ବୈଠକରେ ଏମ୍‌ପି ରବୀନ୍ଦ୍ର ଜେନା ଉଦ୍‌ବୋଧନ ଦେଉଛନ୍ତି।

ଛାତ୍ର ସଭାପତି ସିମନ ଦାସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ନଗର ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଇତିକୃଷ୍ଣା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଆମନ୍ତ୍ରଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକରିଣୀ ବୈଠକରେ ସଦର ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ଜିଲା ବିଜୁ ଜନତା ଦଳର ସଭାପତି ତଥା ଏମ୍‌ପି ଜେନା, ସଦର ବିଧାୟକ ଦାଶ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରଶ୍ନନ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଭାପତି ଉର୍ମିଳତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ କମଳ ସାହୁ, ବରିଷ୍ଠ ନେତା ଗୌରି ବାରିକ, ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଶକ୍ତିପଦ ରାୟ, ସଦର ବ୍ଲକ ମହିଳା ସଭାପତି କଲ୍ୟାଣୀ ମହାନ୍ତି, ସଦର ବ୍ଲକ ଯୁବ ସଭାପତି ସୁଜିତ ପଣ୍ଡା, ସଦର ବ୍ଲକ ହରିଜନ ମୋର୍ଚ୍ଚା ସଭାପତିସନ୍ତୋଷ ସେଠୀ, ଛାତ୍ର ସଭାପତି ସିମନ ଦାସ ମହାପାତ୍ର ପ୍ରମୁଖ ଦଳର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ସ୍ଥାନରେ ଦଳର ମିଡ଼ିଆ ସଂଯୋଜକ ଧିରେନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସଚେତନ ନାଗରିକ, କ୍ରିୟାଶୀଳ ଯୁବଶକ୍ତି ଗଣତନ୍ତ୍ରର ରକ୍ଷକ'

## 'ପ୍ଲାଷ୍ଟିକ୍ ବ୍ୟାଗ୍ ନିଷେଧ ପୋଷ୍ଟର ପ୍ରଦର୍ଶନୀ'

ବାଲେଶ୍ୱର ଅଫିସ,୨୪।୮

'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନା ଚକ୍ର ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ବିଜ୍ଞାନ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ପ୍ଲାଷ୍ଟିକ୍ ବ୍ୟାଗ୍ ନିଷେଧ ପୋଷ୍ଟର ପ୍ରଦର୍ଶନୀ' କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମିନତୀ ସେଠୀ ଏହାକୁ



'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଛାତ୍ରୀଛାତ୍ର।

ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସମ୍ପାଦକ ଡ. ସନ୍ତୋଷ କୁମାର ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ଆଲୋଚନାଚକ୍ର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ମୁଖ୍ୟଅତିଥି, ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଶୀତାଂଶୁ କୁମାର ସାମଲ ମୁଖ୍ୟବକ୍ତା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଚେତନ ନାଗରିକ ଓ କ୍ରିୟାଶୀଳ ଯୁବଶକ୍ତି ଦ୍ୱାରା ଦେଶରେ ଗଣତନ୍ତ୍ରର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ। ସେମାନେ ହିଁ ଗଣତାନ୍ତିକ ବ୍ୟବସ୍ଥାର ରକ୍ଷକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଆଲୋଚନାଚକ୍ର ଓ ପୋଷ୍ଟର ପ୍ରଦର୍ଶନୀରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ। ଶତାଧିକ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ହିନ୍ଦୀ ବିଭାଗ ଅଧ୍ୟାପିକା ପଲିଶ୍ରୀ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

DSPL-135

## ଜାତୀୟ ଚକ୍ଷୁଦାନ ପକ୍ଷ

୨୫ ଅଗଷ୍ଟ - ୮ ସେପ୍ଟେମ୍ବର, ୨୦୧୮

### ଚକ୍ଷୁଦାନ ସମ୍ପର୍କରେ ଜାଣିବା କଥା

- କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ ।
- ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ ।
- ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର (EYE BANK) ସହ ଯୋଗାଯୋଗ କରି ଚକ୍ଷୁଦାନ କରାଇପାରିବେ ।

### ଆମ ରାଜ୍ୟରେ ଥିବା ଚକ୍ଷୁବ୍ୟାଙ୍କ:

- ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
- ଏମ୍.କେ.ସି.ଜି. ମେଡିକାଲ୍ କଲେଜ, ବ୍ରହ୍ମପୁର
- ଭି.ଏସ୍.ଏସ୍. ମେଡିକାଲ୍ କଲେଜ, ବୁର୍ଲା
- ଦୃଷ୍ଟିଦାନ, ଆଇ.ଜି.ଏଚ୍. ରାଉରକେଲା
- ଦୃଷ୍ଟିଦାନ, ଏଲ୍.ଭି. ପ୍ରସାଦ୍ ଆଇ ହସ୍ପିଟାଲ, ଭୁବନେଶ୍ୱର
- ସମ୍ ହସ୍ପିଟାଲ, ଭୁବନେଶ୍ୱର

ଅଧିକ ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଉପଖଣ୍ଡ ଚିକିତ୍ସାଳୟ (ଚକ୍ଷୁ ବିଭାଗ) ସହ ଯୋଗାଯୋଗ କରନ୍ତୁ ।

10003/13/0075/1819

ଆସନ୍ତୁ, ଚକ୍ଷୁଦାନ ପରି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବା ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# 'ଏମ୍‌ସ ଓପିଡି ଶିଳାନ୍ୟାସ ଏକ ଉପହାସ'

## ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ଜେନାଙ୍କ ଅଭିଯୋଗ

ବାଲେଶ୍ୱର ଅଫିସ,୨୪।୮

କେନ୍ଦ୍ରରେ ସାଢ଼େ ୪ବର୍ଷ ଶାସନ କରିବା ପରେ ବର୍ତ୍ତମାନର ଏନ୍‌ଡ଼ିଏ ସରକାର ବାଲେଶ୍ୱରରେ ଏମ୍‌ସର ଓପିଡ଼ି ଗୃହ ଶିଳାନ୍ୟାସ କରିବା ଘଟଣାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସମାଲୋଚନା କରିଛନ୍ତି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ କଂଗ୍ରେସ ଅଫିସ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜେନା କହିଛନ୍ତି ଯେ, ବାଲେଶ୍ୱରରେ ଏମ୍‌ସ (ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ) ପରିବର୍ଦ୍ଧିତ ଶାଖା, ସୁପର ସ୍ପେଶାଲିଟି ହସ୍‌ପିଟାଲ ଏବଂ ବିଶ୍ୱସ୍ତରୀୟ ପବ୍ଲିକ ହେଲ୍‌ଥ ସ୍କୁଲ ପ୍ରତିଷ୍ଠା ପାଇଁ ପୂର୍ବତନ ୟୁପିଏ ସରକାର ମଞ୍ଜୁରୀ ଦେଇଥିଲେ। ଏନ୍‌ଡ଼ିଏ ସରକାର ଏହାକୁ କାର୍ଯ୍ୟକାରୀ ନ କରି ଏବେ ଓପିଡ଼ି ଗୃହର ଶିଳାନ୍ୟାସ କରିବା ବାଲେଶ୍ୱରବାସୀଙ୍କ ପ୍ରତି ଏକ ଉପହାସ।

ଜେନାଙ୍କ ସମେତ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୁ ଗିରି, ଜିଲା କଂଗ୍ରେସ ସଭାପତି ଶରତ ରାଜ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ ଓ ଦେବୀ ଚାନ୍ଦ, ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସ, ଯୁବ ନେତା ବିକ୍ରମ ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଜେନା ଆହୁରି କହିଥିଲେ ଯେ, ଏନ୍‌ଡ଼ିଏ ସରକାର ବାଲେଶ୍ୱରରୁ ଓପିଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା କରିଥିଲେ। କଂଗ୍ରେସ ଏହାକୁ ବିରୋଧ କରିବାରୁ କେନ୍ଦ୍ରସରକାର ଏବେ ଜିଲାବାସୀଙ୍କୁ ଲଲିପପ୍ ଦେବା ଯୋଜନା କରି ୩୫.୭୬ କୋଟି ଟଙ୍କା ବ୍ୟୟରେ ଓପିଡ଼ି ଏବଂ ୮ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରୁଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ୟୁପିଏ ସରକାର ସମଗ୍ର ଦେଶରେ ୩ଟି ଏମ୍‌ସର ପରିବର୍ଦ୍ଧିତ ଶାଖା ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିଲା। ତନ୍ମଧ୍ୟରେ ବାଲେଶ୍ୱର ଥିଲା ଅନ୍ୟତମ। ୨୦୧୪ ଫେବୃୟାରୀ ୨୪ ତାରିଖରେ ତତ୍‌କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ ଭୁବନେଶ୍ୱର ଏମ୍‌ସ ଉଦ୍‌ଘାଟନ ଉତ୍ସବରେ ଏ ସମ୍ପର୍କରେ ମଧ ଘୋଷଣା କରିଥିଲେ। ଏମ୍‌ସ ଓପିଡ଼ି ଶିଳାନ୍ୟାସ ଶନିବାର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କରାଯିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ଜେଲ୍ ଗଲେ ଅଭିଯୁକ୍ତ ସ୍ୱାମୀ

ନୀଳଗିରି,୨୪।୮ (ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାରୁଦଖାନା ଗାଁରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତକରି ଶୁକ୍ରବାର ମହିଳାଙ୍କ ସ୍ୱାମୀ ଗୟାଧର ଜନାଙ୍କୁ ଗିରଫ କରି କୋର୍ଟରେ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୟାଧର ୨୦୧୫ରେ ଏହି ଥାନା ଅଧୀନ ଧୋବଶିଳା ଗାଁର ସନାତନ ମହାନ୍ତିଙ୍କ ଝିଅ ଝୁନୁମଣିଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କ ସମେତ ପରିବାରର ଅନ୍ୟମାନେ ଅଧିକ ଯୌତୁକ ଦାବି କରି ତାଙ୍କୁ ଶାରିରୀକ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏବାବଦରେ ଉଭୟ ପକ୍ଷ ମଧ୍ୟରେ କେତେକ ଭଦ୍ରବ୍ୟକ୍ତି ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ। ଗତ ଗୁରୁବାର ଅପରାହ୍ନରେ ଝୁନୁମଣିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅଙ୍କ ସନ୍ଦେହଜନକ ମୃତ୍ୟୁରେ ବାପା ସନାତନ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୨୦୦/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶାଶୁଘର ଲୋକେ ଝୁନୁମଣ ଆତ୍ମହତ୍ୟା କରିଥିବା କହିଛନ୍ତି।

### କୋଇଲା ବୋଝେଇ ୨ ପିକଅପ୍ ଜବତ

ସୋର,୨୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ସରଶଙ୍ଖ ଗ୍ରାମ ନିକଟସ୍ଥ ଏକ କୋଇଲା ଡିପୋକୁ ଆସୁଥିବା କୋଇଲା ବୋଝେଇ ୨ଟି ପିକଅପ୍ ଭ୍ୟାନକୁ ପୋଲିସ ଶୁକ୍ରବାର ଜବତ କରିଛି। ଏହି ପିକଅପ୍ ଦୁଇଟି ଧାମରା ଅଞ୍ଚଳରୁ କୋଇଲା ଆଣି ଡିପୋକୁ ଆସୁଥିଲା ବୋଲି ପୋଲିସ କହିଛି। ଗାଡି ଚଳାଉଥିବା ଭଦ୍ରକ ଅଞ୍ଚଳ ବରାଳପୋଖରୀ ଗ୍ରାମର ରଘୁନାଥ ରାଉତ ଓ ରାଧାଶ୍ୟାମ ଦାସଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ସରଶଙ୍ଖ ଗ୍ରାମ କୋଇଲା ଡିପୋରେ ମହଜୁଦ ଥିବା ଅନ୍ୟ କୋଇଲାକୁ ମଧ ପୋଲିସ ଜବତ କରିଛି।

# 'ଜିଲା ସ୍କୁଲ ସମ୍ପତ୍ତିର ସୁରକ୍ଷା କର'

## ଜିଲାପାଳଙ୍କୁ ପରିଚାଳନା କମିଟି ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର

ବାଲେଶ୍ୱର ଅଫିସ,୨୪।୮

ବାଲେଶ୍ୱର ଜିଲା ସ୍କୁଲ ଦଖଲରେ ଥିବା ୧୨ ଏକର ଜମିରୁ ୭ ଏକରରୁ ଉର୍ଦ୍ଧ୍ୱ ଜମିକୁ ବାଲେଶ୍ୱର ସଦର ତହସିଲ ପକ୍ଷରୁ ଗତବର୍ଷ ଆବାଦଯୋଗ୍ୟ ଅନାବାଦୀ ଜମି ଦର୍ଶାଇ ରାଜ୍ୟ ସରକାରଙ୍କ ନାମକୁ ନେଇଯିବା ଘଟଣା ନେଇ ବିରୋଧ ତେଜିବାରେ ଲାଗିଛି। ଏହାର ପ୍ରତିବାଦ ଜଣାଇ ଶତାଧିକ ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଶିକ୍ଷକ, ଅଭିଭାବକ, ପରିଚାଳନା କମିଟି, ପୂର୍ବତନ ଛାତ୍ରସଂଘ ଓ ସମାଜସେବୀ ଗଣସଂଗଠନ ପ୍ରତିନିଧିଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରେଭିନ୍ୟୁ ଅଫିସର ଦୀପକ କୁମାର ଦାଶ ଜିଲାପାଳଙ୍କ ତରଫରୁ ଏହି ଦାବିପତ୍ର ଗ୍ରହଣ କରିଛନ୍ତି।

ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ଐତିହ୍ୟପୂର୍ଣ୍ଣ ବାଲେଶ୍ୱର ଜିଲା ସ୍କୁଲଠାରୁ ୭ ଏକର ଜମି କାଢ଼ି ନିଆଯିବା ଘଟଣା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅଜ୍ଞାତରେ କରାଯାଇଛି। ଏହା ଜାଣିବା ପରେ ପ୍ରଧାନଶିକ୍ଷକ ଗତ ୨୦୦୩ ମସିହାରୁ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଚିଠି ଲେଖି ଆସୁଥିଲେ ମଧ୍ୟ ଏହାର ପୁନଃ ବିଚାର କରାଯାଇ ନାହିଁ। ଯଦି ଜିଲାପାଳ ତୁରନ୍ତ ନ୍ୟାୟ ପ୍ରଦାନ ନ କରନ୍ତି ତେବେ ଜନଆନ୍ଦୋଳନ କରାଯିବ ବୋଲି ଆବେଦନପତ୍ରରେ ଜଣାଇ ଦିଆଯାଇଛି। ଏହି ଚିଠିର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ନିକଟକୁ ଡାକ ଯୋଗେ ପଠାଯାଇଛି। ଶୁକ୍ରବାର ଏହି ଦାବିପତ୍ର ପ୍ରଦାନ ବେଳେ ଲକ୍ଷ୍ମୀଧର ବେହେରା, ସୁରେନ୍ଦ୍ର ନାଥ କର, ପୁରୁଷୋତ୍ତମ ବିଶ୍ୱାଳ, ମନୋଜ ନାୟକ, ରଞ୍ଜନ କୁମାର ବାଗ, ରାଜେଶ ଗିରି, ଅନ୍ତର୍ଯ୍ୟାମୀ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ସେନାପତି, ଅରୁଣ ଜେନା, ରଞ୍ଜନ କୁମାର ବେହେରା, ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ପାଣି, ଶ୍ୱେତା ଦେ, ମହେନ୍ଦ୍ର ପ୍ରସାଦ ଧଳ, ମଧୁସୂଦନ ଜେନା, ଅଞ୍ଜନ ଚାନ୍ଦ, ଅନିରୁଦ୍ଧ ବେହେରା, ନିରଞ୍ଜନ ପରିଡ଼ା ଓ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ରେଭିନ୍ୟୁ ଅଫିସର ଦୀପକ କୁମାର ଦାଶ ଜିଲାପାଳଙ୍କ ତରଫରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

# 'ଏମସ୍ ସାଟେଲାଇଟ୍ ସେଣ୍ଟର ନିର୍ମାଣ ଲାଗି ଶୀଘ୍ର ଅର୍ଥ ଦିଅ'

ବାଲେଶ୍ୱର ଅଫିସ,୨୪।୮

- ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ବୈଠକ
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତକୁ ସ୍ୱାଗତ

ବାଲେଶ୍ୱରଠାରେ ଏମସ୍ ସାଟେଲାଇଟ୍ ସେଣ୍ଟର ଶିଳାନ୍ୟାସ କାର୍ଯ୍ୟ ଶନିବାର ହେଉଥିବାରୁ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଆଲୋଚନା ଲାଗି କମିଟି ପକ୍ଷରୁ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଏକ ବୈଠକ ବସିଥିଲା। ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାବାସୀଙ୍କୁ ଅତ୍ୟାଧୁନିକ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମିଟି ପକ୍ଷରୁ ଦାବି କରାଯାଇ ଆସୁଛି। ପ୍ରାଥମିକ ଭାବେ ଏମ୍ସ ବହିର୍ବିଭାଗର ନୂତନ ଗୃହ ଓ ୩୦୦ ଶଯ୍ୟା ବିଶିଷ୍ଟ ଏମସ୍ ସାଟେଲାଇଟ୍ ସେଣ୍ଟର ନିର୍ମାଣ ସ୍ୱାଗତ ଯୋଗ୍ୟ। କେନ୍ଦ୍ର ସରକାର ଏସବୁ ନିର୍ମାଣ ଲାଗି ଆବଶ୍ୟକ ଅର୍ଥ ଶୀଘ୍ର ମଞ୍ଜୁର କରିବା ଦରକାର। ଶନିବାର ଅପରାହ୍ନରେ ଏମସ୍ ସାଟେଲାଇଟ୍ ସେଣ୍ଟରର ଶିଳାନ୍ୟାସ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱର ଆସୁଛନ୍ତି। କମିଟି କର୍ମକର୍ତ୍ତା ସେମାନଙ୍କୁ ସ୍ୱାଗତ କରିବା ସହ ଏମ୍ପି ଇଂ. ରବୀନ୍ଦ୍ର ଜେନା ଓ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ମଧ ଏଥିଲାଗି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁବ୍ରତ କର ବୈଠକରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ଇଂ. ବନମାଳୀ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ରାଉତ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୀଳଗିରିରେ ଭାଜପାର ସାଂଗଠନିକ ବୈଠକ

ସଜନାଗଡ଼, ୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଡାକବଙ୍ଗଳା ପରିସରରେ ଗୁରୁବାର ଭାଜପାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୬ ପଞ୍ଚାୟତ ଏବଂ ଏନ୍ଏସି ଅଧୀନ ୧୩ ୱାର୍ଡ଼ର ୨୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ରେମୁଣା ବାମପଦାଠାରେ ଶନିବାର ଏମ୍ସ ସାଟେଲାଇଟ୍ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନକରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ଧର୍ମେନ୍ଦ୍ର ପ୍ରଧାନ ଆସୁଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଚନ୍ଦ୍ରଶେଖର ନନ୍ଦ, ସୁପ୍ରିୟା ବାଜପେୟୀ, ରବି ନାରାୟଣ ବେହେରା, କରୁଣାକର ପଣ୍ଡା, ସୁଷମା ବିଶ୍ୱାଳ, ମନୋରଞ୍ଜନ ବେହେରା, ରବୀନ୍ଦ୍ର ନାୟକ, ମନିଷା ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପାଇଁ ନୀଳଗିରିର ସମସ୍ତ ଜୋନ୍‌ରେ ସର୍ବଦଳୀୟ ପ୍ରାର୍ଥନା ସଭା ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ଖବରଦାତା ପ୍ରକୋଷ୍ଠରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର ଅଫିସ,୨୪।୮

ପରଲୋକଗତ ବିଶିଷ୍ଟ ସ୍ତମ୍ଭକାର, ଖବରଦାତା, ଲେଖକ, ପୂର୍ବତନ ରାଜ୍ୟସଭା ସଦସ୍ୟ କୁଲଦୀପ ନାୟାର ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଲେଶ୍ୱର ଖବରଦାତା ପ୍ରକୋଷ୍ଠରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଖବରଦାତା ଦେବବ୍ରତ ପାଣିଗ୍ରାହୀ ଶୋକସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଳ ଏବଂ ଖବରଦାତା ଚିତ୍ତରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ବଂଶୀଧର ଜେନା, ମନୋଜ କୁମାର ରାଉଳ, ମୋହିନ୍ ଚାନ୍ଦ, ଚୈତନ୍ୟ ଦାସ, ସରୋଜ ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ଉଜ୍ଜ୍ୱଳ ଚନ୍ଦ୍ର କର, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁହାଳ ସୁତୁରା ଦେଖିଲେ**
**ଗାଇ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ଭରି ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁପ୍ତ ଦାନର ଗୁଣ ବେଶୀ,**
**ଗୁପ୍ତ ପାପର ଖୁଣ ବେଶୀ ।**

ଗୁପ୍ତ ଦାନର ପ୍ରତିଫଳରେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ସେହିପରି ଗୁପ୍ତ ବା ଅବୈଧ ପ୍ରେମ ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଭୁଲ୍ ହୋଇ ନ ଥାଏ। ଆଉ ଏପରି ପାପ କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଖବରକାଗଜ ବିତରକ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ସହାୟତା ରାଶି ଦିଆଯାଉଛି।

# କେରଳ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ଖବରକାଗଜ ବିତରକ

ବାଲେଶ୍ୱର ଅଫିସ,୨୪।୮

କେରଳର ବନ୍ୟା ଦୁର୍ଗତ ଲୋକଙ୍କ ଲାଗି ବାଲେଶ୍ୱର ଖବରକାଗଜ ବିତରକ ସଂଘ ସହାୟତାର ହାତ ବଢାଇଛି। ସେମାନେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଏଥିଲାଗି ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଶୁକ୍ରବାର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ମାଧ୍ୟମରେ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳ ଖବରକାଗଜ ବିତରକ ସଂଘର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରି ସାଧୁବାଦ ଜଣାଛନ୍ତି।

ବାଲେଶ୍ୱର ହିନ୍ଦ୍ ମଜଦୁର ସଭା ତଥା ଏହି ସଂଗଠନର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଖବର କାଗଜ ବିତରକ ସଂଘର କର୍ମକର୍ତ୍ତା ସହାୟତା ରାଶି ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଶିଳ୍ପ ସଂଗଠନ ଓ ଶ୍ରମିକ ଓ କର୍ମଚାରୀମାନେ ଏଭଳି ପଦକ୍ଷେପ ନେବା ପାଇଁ ସଂଗଠନର ସଭାପତି ସ୍ୱାଇଁ ନିବେଦନ କରିଥିଲେ। ଖକବରକାଗଜ ବିତରକ ସଂଘର ସମ୍ପାଦକ ଅନିରୁଦ୍ଧ ଲେଙ୍କା, ସହସମ୍ପାଦକ ଗୌର ଗୋପାଲ ଦାସ, ଉପସଭାପତି ଅଭୟ କୁମାର ପ୍ରଧାନ, ଯୋଗେନ୍ଦ୍ର ତପସ୍ୱୀ, ସନ୍ନ୍ୟାସୀ ତପସ୍ୱୀ, କୋମଳ ଲୋଚନ ରାଉତ, ଅଜୟ ଲେଙ୍କା, ବିଜୟ କୁମାର ସେନ, ବାପି ଲେଙ୍କା, ଶ୍ରୀକାନ୍ତ କୁଅଁର, ଶଶିକାନ୍ତ କୁଅଁର, କରୁଣାକର ରାଉତ, ପଦ୍ମଲୋଚନ ରାଉତ, ସୁକାନ୍ତ ଦାସ, ରତିକାନ୍ତ ରାଉତ, ଯଦୁପତି ବେହେରା, ମଣିଭଦ୍ର ମାହାନ୍ତ ପ୍ରମୁଖ ସଭ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୨୦,୦୦୦/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ ୧୨୮୦ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750


9911436726, 8750311430

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

## ଆଜି କ'ଣ କେଉଁଠି

### ଭଦ୍ରକ

- ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ, **ସ୍ଥାନ:** ବରହମପୁର ଖେଳପଡ଼ିଆ, ବାରିକଛକ, **ସମୟ:** ଅପରାହ୍ନ ୪ ଟା।
- ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର, **ସ୍ଥାନ:** ଜିଲା ଚିକିତ୍ସାଳୟ ରକ୍ତଭଣ୍ଡାର, **ସମୟ:** ସକାଳ ୯ଟା।
- ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, **ସ୍ଥାନ:** ଭାଗବତ କଲ୍ୟାଣ ମଣ୍ଡପ, **ସମୟ:** ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଗଡ଼ିଲା ଡେଙ୍ଗୁ ସଚେତନତା ରଥ



**ଭଦ୍ରକ ଅଫିସ,୨୪।୮:** ଆଦାନୀ ଫାଉଣ୍ଡେଶନ ଏବଂ ହେଲ୍‌ପେଜର ମିଳିତ ସହଯୋଗରେ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଡେଙ୍ଗୁ ଜ୍ୱରରୁ ରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଏକ ଭ୍ରାମ୍ୟମାଣ ରଥ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରାଉଛି। ସ୍ଥାନୀୟ ଗ୍ରାମବାସୀଙ୍କୁ ଏଡିସ୍ ମଶା ସମ୍ପର୍କରେ ସଚେତନ କରାଇବା ସହ ଡେଙ୍ଗୁ ଜ୍ୱରର ଲକ୍ଷଣ ଓ ଏହାର ପ୍ରତିକାର ବିଷୟରେ ଅବଗତ କରାଯାଉଛି।

### ଦେଢ଼ଶୁରଙ୍କ ଆକ୍ରମଣରେ ଭାଇବୋହୂ ଆହତ

**ବନ୍ତ,୨୪।୮(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଗୋପାଳପୁର ଗ୍ରାମରେ ଦେଢ଼ଶୁର ମହେଶ୍ୱର ଦାସଙ୍କ ଆକ୍ରମଣରେ ତାଙ୍କ ଭାଇବୋହୂ ଆହତ ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯୯/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର ଯଦୁନାଥ ଦାସଙ୍କ ସ୍ତ୍ରୀ ରମାମଣି ଗୁରୁବାର ସକାଳେ ନିଜ ଘର ପାଖରେ ଏକ ପାଇଖାନା ନିର୍ମାଣ କାର୍ଯ୍ୟ କରୁଥିଲେ। ପାଇଖାନା ନିର୍ମାଣକୁ ବିରୋଧ କରି ତାଙ୍କ ଦେଢ଼ଶୁର ମହେଶ୍ୱର ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଏକ କଟୁରିରେ ରମାମଣିଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏହି ସମୟରେ ପାଇଖାନା କାମ କରୁଥିବା ମିସ୍ତ୍ରି ମହେଶ୍ୱରଙ୍କୁ ଅଟକାଇବାରୁ ରମାମଣି ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଆହତ ରମାମଣିଙ୍କୁ ଡାକ୍ତରଖାନା ନେବା ପାଇଁ ଡକାଯାଇଥିବା ଅଟୋକୁ ମଧ ମହେଶ୍ୱର ଫେରାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଗୋ ଚାଲାଣ, ଗୋମାଂସ ବିକ୍ରି ବନ୍ଦ ଦାବି

**ଭଦ୍ରକ ଅଫିସ,୨୪।୮:** ଭଦ୍ରକ ସହରରେ ବେଆଇନ ଗୋଚାଲାଣ ଓ ଗୋମାଂସ ବିକ୍ରି ବନ୍ଦ କରାଯିବାକୁ ଶୁକ୍ରବାର ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏସ୍‌ପିଙ୍କ ନିକଟରେ ଲିଖିତ ଦାବି କରାଯାଇଛି। ବଜରଙ୍ଗ ଦଳର ଶତାଧିକ ଯୁବକ ଏସ୍‌ପିଙ୍କୁ ଭେଟି ଏଭଳି ଦାବି ଜଣାଇଛନ୍ତି। ଏସ୍‌ପି ରାଜେଶ ପଣ୍ଡିତ ବଜରଙ୍ଗ ଦଳର କର୍ମୀମାନଙ୍କୁ ସହରବାସୀ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ପୋଲିସକୁ ସହଯୋଗ କରି କୌଣସି କ୍ଷେତ୍ରରେ ଆଇନକୁ ହାତକୁ ନ ନେବା ପାଇଁ ବୁଝାଇଥିଲେ। ଉଲ୍ଲେଖନୀୟ, ଗୁରୁବାର ବିଳମ୍ବିତ ରାତିରେ ଚରମ୍ପା କେନାଲ ରୋଡ ନିକଟରୁ ବଜରଙ୍ଗ ଦଳର ଶତାଧିକ ଯୁବକ ଜଣେ ଟ୍ରଲି ଚାଳକ ଗୋମାଂସ ଓ ଚମଡ଼ା ନେଉଥିବା ବେଳେ ଅଟକ ରଖି ହୋହଲ୍ଲା କରିଥିଲେ। ଏହାକୁ ନେଇ ରାସ୍ତାରୋକୋ କରାଯାଇଥିଲା। ପୋଲିସ ପହଞ୍ଚି ଅଟକ ଟ୍ରଲି ଚାଳକଙ୍କୁ ଗିରଫ କରି ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ମଦ ବୋତଲ ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ

**ବାସୁଦେବପୁର,୨୪।୮(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ବଜାରରେ ଅବାଧରେ ଚୋରାମଦ ବିକ୍ରି ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଆସୁଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ବଜାରରେ ଥିବା ଏକ ମଦ ଦୋକାନରୁ ମଦ ବୋତଲ ଆଣି ଭାଙ୍ଗି ଦେଇଛନ୍ତି। ଏହି ଘଟଣାକୁ ନେଇ ନରସିଂହପୁର ବଜାରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବଜାରରୁ ମଦ ଦୋକାନ ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ଏସ୍‌ପି ଓ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ ପଦକ୍ଷେପ ନିଆ ନ ଯିବାରୁ ସେମାନେ ଦୋକାନରୁ ମଦ ବୋତଲଗୁଡ଼ିକୁ ଆଣି ଭାଙ୍ଗି ଦେଇଥିବା ପ୍ରକାଶ କରିଛନ୍ତି।

# ପାଣିରେ ବୁଡ଼ିଛି ଶତାଧିକ ହେକ୍ଟର ଚାଷଜମି

- ଫସଲ ହାନି ଚିନ୍ତାରେ ଚାଷୀ
- ଜବରଦଖଲରେ କାଡ଼ା ନାଳ
- ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ଚାଷୀ

**ବନ୍ତ,୨୪।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ତହସିଲ ଛୟାଳସିଂ ଓ ଆପଣ୍ଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବାଙ୍ଗୋରପଦୀ ଏବଂ ଶାଳକଣିଆ ଆଦି ମୌଜାର ଶତାଧିକ ହେକ୍ଟର ଚାଷଜମି ଏବେ କୃତ୍ରିମ ବନ୍ୟା ଜଳରେ ବୁଡ଼ି ରହିଛି। ଫଳରେ ଫସଲ ହାନି ଚିନ୍ତାରେ ଶତାଧିକ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ଚାଷଜମି ନିକଟରେ ଥିବା କାଡ଼ା ନାଳଗୁଡ଼ିକ ବିଭିନ୍ନ ଚାଷୀଙ୍କ ଜବରଦଖଲ କରି ରଖିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଚାଷୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଗତ ଚକବନ୍ଦୀ ସମୟରେ ସମ୍ପୃକ୍ତ ଅଞ୍ଚଳରେ ଥିବା ଚାଷଜମିଗୁଡ଼ିକରେ ପାଣି ମଡ଼ାଇବା ଓ ନିଷ୍କାସନ ନିମନ୍ତେ ସରକାରଙ୍କ ପକ୍ଷରୁ କାଡ଼ା ନାଳ ନିର୍ମାଣ କରାଯାଇଥିଲା। ମାତ୍ର କିଛିବର୍ଷ ପରେ ଉକ୍ତ ସ୍ଥାନରେ କେତେକ ମୁଷ୍ଟିମେୟ ଚାଷୀ କାଡା ନାଳକୁ ଜବରଦଖଲ କରି ଚାଷଜମି ସହିତ ମିଶାଇ ଦେଇଥିଲେ। ଫଳରେ ଚାଷ ଜମିଗୁଡ଼ିକରେ ଠିକ୍ ଭାବେ ପାଣି ମାଡ଼ିବା ଏବଂ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ବର୍ଷାଦିନେ ବାଙ୍ଗୋରପଦୀ ଏବଂ ଶାଳକଣିଆ ଆଦି ମୌଜାର ଚାଷ ଜମିଗୁଡ଼ିକରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଚାଷୀମାନେ ସୁଚାରୁରୂପେ ଚାଷକାର୍ଯ୍ୟ କରିପାରୁ ନ ଥିବା ଅଭିଯୋଗ ହେଉଛି। ଚାଷଜମିରେ ଅତ୍ୟଧିକ ପାଣି ଜମି ରହିବା ଫଳରେ ଚାଷ କାର୍ଯ୍ୟରେ ବିଳମ୍ବ ଦେଖାଯିବା ସହ ଫସଲହାନି ଆଶଙ୍କା ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ମୌଜାର ଚାଷୀମାନେ ଜିଲାପାଳ ଓ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବନ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଫକୀର ଚରଣ ପରିଡା ସମ୍ପୃକ୍ତ ମୌଜାର ଚାଷ ଜମିଗୁଡ଼ିକୁ ବୁଲି ଦେଖିବା ସହ କାଡ଼ା ନାଳ ଜବରଦଖଲ କରିଥିବା ଚାଷୀଙ୍କୁ ଡକାଇ ତୁରନ୍ତ ଅବରୋଧମୁକ୍ତ କରିବାକୁ କହିଛନ୍ତି। ଦୁଇଦିନ ମଧ୍ୟରେ ତହସିଲଦାର ନିଜେ ଉପସ୍ଥିତ ରହି ଏହି କାଡ଼ା ନାଳକୁ ଖୋଲିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ତହସିଲଦାର ବାଙ୍ଗୋରପଦୀ ଓ ଶାଳକଣିଆ ମୌଜାର ଅବରୋଧ ହୋଇଥିବା କାଡା ନାଳ ବୁଲି ଦେଖୁଛନ୍ତି।

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଜ୍ଞାନରଞ୍ଜନ ଦାସ ଏକ ନିର୍ମାଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ଭଦ୍ରକ ଅଫିସ,୨୪।୮**

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ମାଳଦା ଗ୍ରାମରେ 'ଆମ ଗାଁ ଆମ ବିକାଶ' ଯୋଜନା ଅଧୀନରେ ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲାପାଳ ଦାସ ସ୍ଥାନୀୟ ବିଡିଓଙ୍କଠାରୁ ପଚାରି ବୁଝିଥିଲେ। ପରେ ନିକଟସ୍ଥ ଏକ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ପିଲାଙ୍କ ସହ ଆଲୋଚନା କରି ମିଳୁଥିବା ଶିଶୁ ଖାଦ୍ୟ ସମ୍ପର୍କରେ ସେ ପଚାରି ବୁଝିଥିଲେ। ମାଳଦା ସଞ୍ଜୁକ୍ତ ନୋଡାଲ ୟୁଜିଏମ୍‌ଇ ସ୍କୁଲରେ ପିଲାଙ୍କ ସହ କିଛି ସମୟ ବିତାଇ ସ୍କୁଲର ମଧ୍ୟାହ୍ନଭୋଜନ ଓ ସ୍କୁଲ ପରିବେଶ ବୁଲି ଦେଖିଥିଲେ। ଅନୁରୂପ ଭାବେ ଜିଲାପାଳ ସରସଦା ଓ ଜଳମଣ୍ଡୁଆ ସ୍କୁଲକୁ ଯାଇ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପଦ୍ମନ ରାୟ, ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ସେମିନାରରେ ସୋମ୍ୟଶ୍ରୀ ପ୍ରଥମ

**ଭଣ୍ଡାରିପୋଖରୀ, ୨୪।୮(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। 'ଔଦ୍ୟୋଗିକ ବିପ୍ଳବ ପାଇଁ ଆମେ ପ୍ରସ୍ତୁତ କି' ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମଞ୍ଜୁରିସ୍ଥିତ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟର ଛାତ୍ର ସୋମ୍ୟଶ୍ରୀ ମଲିକ ପ୍ରଥମ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଭଣ୍ଡାରିପୋଖରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିସ୍ମୟ ସାହୁ ଦ୍ୱିତୀୟ ଓ ସରସଦା ନୋଡାଲ ହାଇସ୍କୁଲର ଛାତ୍ରୀ ଦେବୀଦତ୍ତା ଦିବ୍ୟଜ୍ୟୋତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଔଦ୍ୟୋଗିକ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ସହ ଆମେ କିପରି ଆଗକୁ ବଢ଼ିବା ଓ ଏହା ସହିତ ଜଡ଼ିତ ଆହ୍ୱାନ ଉପରେ ଛାତ୍ରୀଛାତ୍ର ନିଜର ମତାମତ ଉପସ୍ଥାପନ କରିଥିଲେ। ବିଚାରକ ଭାବେ ଅନ୍ତର୍ଯ୍ୟାମୀ ଓଝା, ନାରାୟଣ ଧଳ, ବାସନ୍ତୀ ପଣ୍ଡା, ଗିରୀଶ ଚନ୍ଦ୍ର ସାହୁ ଯୋଗଦେଇ ମୂଲ୍ୟାୟନ କରିଥିଲେ। ବିଜ୍ଞାନ ସଂଯୋଜକ ସୁବଳ ପତ୍ରୀ, ବଳଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଓଷ୍ଟା ବ୍ଲକ ସଭାପତି ଗଦାଧର ଜେନା, ସ୍ମିତା ଚାନ୍ଦ, ମାନସ ସାହୁ, ଭଗବାନ ପ୍ରଧାନ, ତପଜା ସାହୁ, ମାଣିକମାଳା ମହାରଣା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଋଣ କରାଇଦେବା ନାଁରେ ଠକେଇ

# ଅଭିଯୁକ୍ତଙ୍କୁ ଅପହରଣ କରି ୭ ଗିରଫ

**ତିହିଡ଼ି,୨୪।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ କେତେକ ଗ୍ରାମର ଲୋକଙ୍କୁ ବ୍ୟାଙ୍କ ଋଣ କରାଇଦେବାକୁ କହି ମାରପୁର ଗ୍ରାମର ଲକ୍ଷ୍ମୀକାନ୍ତ ପଣ୍ଡା ଏବଂ ଖେରଙ୍ଗ ଗ୍ରାମର ସରୋଜ ନାୟକ ୪.୫୦ଲକ୍ଷ ଟଙ୍କା ଠକି ନେଇଥିଲେ। ୪ ମାସ ତଳେ ଠକେଇର ଶିକାର ହୋଇଥିବା ଲୋକେ ଗ୍ରାମାଞ୍ଚଳ ଥାନା ଅଧୀନ ଖେରଙ୍ଗ ଗ୍ରାମର ସରୋଜ ନାୟକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଚାନ୍ଦବାଲି ଥାନା ପୋଲିସ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ଏବଂ ସରୋଜଙ୍କ ନାଁରେ ମାମଲା (ନଂ.୨୧୯/୧୮) ରୁଜୁ କରି ସରୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାରପୁର ଗ୍ରାମର ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡା ଫେରାର ଥିଲେ। ଏହି ଅଭିଯୁକ୍ତଙ୍କୁ ଲୋକେ ବୁଧବାର ଠାବ କରି ତାଙ୍କୁ ଘଣ୍ଟେଶ୍ୱର ଅଞ୍ଚଳକୁ ଅପହରଣ କରି ନେଇଥିଲେ। ଲକ୍ଷ୍ମୀକାନ୍ତ କୌଶଳ କରି ଭଦ୍ରକର ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ପରିଶୋଧ କରିବେ ବୋଲି କହିବାରୁ ସେମାନେ ତାଙ୍କୁ ଭଦ୍ରକ ନେଇଆସିଥିଲେ। ସେଠାରେ ଲକ୍ଷ୍ମୀକାନ୍ତ ଏ ସମ୍ପର୍କରେ ଟାଉନ ଥାନାକୁ ଜଣାଇବାରୁ ପୋଲିସ ପହଞ୍ଚି ସମସ୍ତଙ୍କୁ ଧରି ନେଇଥିଲା। ପରେ ଲକ୍ଷ୍ମୀକାନ୍ତଙ୍କ ସମେତ ଅନ୍ୟମାନଙ୍କୁ ତିହିଡ଼ି ପୋଲିସକୁ ହସ୍ତାନ୍ତର କରିଥିଲା। ତିହିଡ଼ି ଥାନାରେ ଲକ୍ଷ୍ମୀକାନ୍ତ ଅଭିଯୋଗକ୍ରମେ ପୋଲିସ ଗିରଫ ୭ଜଣ ଗ୍ରାମବାସୀଙ୍କ ନାମରେ ଏକ ମାମଲା (ନଂ .୨୮୫/୧୮) ରୁଜୁ କରିଥିବା କହିଛି। ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ଠକେଇ ମାମଲାରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

■ ସେଲ୍ଫ ଫାଇନାନ୍ସ ବିଭାଗରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

# 'ଉଚ୍ଚାଭିଳାଷୀ ହୁଅ'

**ଭଦ୍ରକ ଅଫିସ,୨୪।୮**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ୫ ସେଲ୍ଫ ଫାଇନାନ୍ସ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ଇଣ୍ଡକ୍ସନ ଓ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ଡା. ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଅଭିଳାଷୀ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ଦ୍ୱାରା ବିଶ୍ୱବିଜୟୀ ହୋଇପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଉପାଧକ୍ଷ ଡା. ପ୍ରସନ୍ନ କୁମାର ବିଶ୍ୱାଳ, ସେଲ୍ଫ ଫାଇନାନ୍ସ ବିଭାଗର କୋର୍ସ ଡାଇରେକ୍ଟର ବ୍ରହ୍ମାନନ୍ଦ ରାଉତ, ସଂଯୋଜକ ପ୍ରଜେଶ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଏସ୍‌ଡବ୍ଲ୍ୟୁ, ଏମ୍‌ପିଏମ୍‌ଆଇଆର୍, ଏମ୍‌ଏଜେଏମ୍‌ସି, ଏମ୍‌କମ୍ ଓ ବିବିଏର ସମସ୍ତ ନବାଗତ ଛାତ୍ରୀଛାତ୍ର, ଅଧାପିକା ଓ ଅଧାପକ ଉପସ୍ଥିତ ଥିଲେ। ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗ ଅଧାପକ ସାମନ୍ତ ବିଶ୍ୱଭୂଷଣ ଧୀର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏମ୍‌ଏସ୍‌ଡବ୍ଲ୍ୟୁ ଅଧାପିକା ବିଷ୍ଣୁପ୍ରିୟା ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ସ ସହସଂଯୋଜକ ଡ. ଭୀମସେନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅଧାପିକାଅଧାପକଙ୍କ ଗହଣରେ ନବାଗତ ଛାତ୍ରୀଛାତ୍ର।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଭଣ୍ଡାରିପୋଖରୀ,୨୪।୮(ଡି.ଏନ.ଏ.)**

ଭଦ୍ରକ ଜିଲା ପ୍ରଶାସନ ଓ ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଜଳହରିସ୍ଥିତ ସାରସ୍ୱତ ଉଚ୍ଚ ବିଦ୍ୟାପୀଠଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮ଜଣ ଡାକ୍ତରଙ୍କ ଦ୍ୱାରା ୨୧ ପ୍ରକାର ୪୭୨ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ଖୁବ୍‌ଶୀଘ୍ର ବ୍ଲକ ମାଧ୍ୟମରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏଥିରେ ଦୃଷ୍ଟିବାଧିତ ୬୩, ସ୍ନାୟୁଗତ ଭିନ୍ନକ୍ଷମ ୨୮, ଶ୍ରବଣବାଧିତ ୫୯, ମାନସିକ ବିକାରଗ୍ରସ୍ତ ୪୮, ଚଳନ ବାଧିତ ୧୧୬, ୩ ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ୧୫୯ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ୨୪ ନମ୍ବର ଜିଲା ପରିଷଦ ଜୋନ୍‌ର ୭ ପଞ୍ଚାୟତର ମୋଟ ୫୧୦ ଜଣ ନାମ ପଞ୍ଜୀକରଣ କରିଥିଲେ। ବିଡିଓ ବନମାଳୀ ତରାଇ ଶିବିରରେ ସଭାପତିତ୍ୱ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ସିଡିଏମ୍‌ଓ ମହମ୍ମଦ ଅବଦୁଲ ରସିଦ, ବିଇଓ ଦୀପକ କୁମାର ପାଢୀ, ବ୍ଲକ ଚେୟାରମ୍ୟାନ ମଞ୍ଜୁଶ୍ରୀ ବେହେରା, ଉପାଧକ୍ଷ ସତ୍ୟବ୍ରତ ଦାସ, ଜିଲା ପରିଷଦ ଉପାଧକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି, ପ୍ରଧାନ ଶିକ୍ଷକ ରତ୍ନାକର ରାୟ, ପଦ୍ମନ ରାୟ, ସରପଞ୍ଚ ଗୀତାଞ୍ଜଳି ସାମଲ, ଅଳିଭା ନାୟକ, ସମିତିସଭ୍ୟ ମୋହନ ରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବନେତା ପ୍ରତ୍ୟୁଷ ସାମଲ, ବିରେନ୍ଦ୍ର ନାୟକ, ଶରତ ଥାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ସିପିଆଇର ଆଇନ ଅମାନ୍ୟ ଆନ୍ଦୋଳନ

# ୩୭ ଜଣଙ୍କୁ ଗିରଫ କରି ଛାଡ଼ିଲା ପୋଲିସ




ସିପିଆଇ ପକ୍ଷରୁ ଶୋଭାଯାତ୍ରା।

**ତିହିଡ଼ି,୨୪।୮(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶୁକ୍ରବାର ସିପିଆଇ ଜିଲା କମିଟି ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ପୋଲିସ ୩୭ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିବା ଜଣାଯାଇଛି। ସିପିଆଇର ନେତା ଓ କର୍ମୀମାନେ ତହସିଲ ଛକଠାରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଥିଲେ। ଏଥିରେ ଆଞ୍ଚଳିକ କମିଟି ସମ୍ପାଦକ ସନ୍ତ ଚରଣ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଦାମ୍ ନିୟନ୍ତ୍ରଣ, ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ପଛୁଆବର୍ଗ ଓ ମହିଳାଙ୍କ ଉପରେ ଅତ୍ୟାଚାର ବନ୍ଦ, ଧାନ କ୍ୱିଣ୍ଟାଲ ପିଛା ୩ ହଜାର ଟଙ୍କା, କୃଷିଋଣ ଛାଡ଼ ଆଦି ଦାବି କରାଯାଇଥିଲା। ସିପିଆଇର ଜିଲା ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ପୀରହାଟ ଜୋନ ସମ୍ପାଦକ ରବୀନ୍ଦ୍ର ବାରିକ, ଅଖିଳ ଭାରତ କୃଷକ ସଭାର ଜିଲା ସହସମ୍ପାଦକ ଦାମୋଦର ସେନାପତି, ବିଦ୍ୟାଧର ବାରିକ, କଳ୍ପତରୁ ସେଠୀ, ରମେଶ ଜେନା, ନାରାୟଣ ତ୍ରିପାଠୀ, ଶରତ ବେହେରା, ଶ୍ୟାମସୁନ୍ଦର ନାୟକ, ବଂଶୀଧର ମହାରଣା, କୃତିବାସ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ବୈଜ୍ଞାନିକ ପଦ୍ଧତି ଉପରେ ଗୁରୁତ୍ୱ

**ଧାମନଗର,୨୪।୮(ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀସ୍ଥିତ ମୁରଲୀଧର ଉଚ୍ଚବିଦ୍ୟାଳୟରେ ଶୁକ୍ରବାର 'ଔଦ୍ୟୋଗିକ କ୍ରାନ୍ତି ପାଇଁ ଆମେ ପ୍ରସ୍ତୁତ କି' ବିଷୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ଅଧକ୍ଷତା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧାପକ ପୀତାମ୍ବର ରାଉତରାୟ, ନାରାୟଣ ମହାନ୍ତି, ହିମାଂଶୁ ଭୂଷଣ ସାହୁ, ଓଷ୍ଟା ବ୍ଲକ ସଭାପତି ରମାକାନ୍ତ ପରିଡା, ସମ୍ପାଦକ ହେମନ୍ତ କୁମାର ସୂତାର ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତି ଆପଣେଇବା ଦ୍ୱାରା କିପରି ସହଜରେ ସମସ୍ୟାର ସମାଧାନ ହୋଇପାରୁଛି ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ବ୍ଲକର ୨୮ ହାଇସ୍କୁଲରୁ ଜଣେ ଲେଖାଏ ପ୍ରତିଯୋଗୀ ସେମିନାରରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ସୌମ୍ୟା ପ୍ରଧାନ, ଯୁଗସ୍ୱପ୍ନା ପ୍ରିୟଦର୍ଶିନୀ, ଅମିତ ମାଝି, ଅଳକା ମିଶ୍ର, ହରମୋହନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପେସା ଚିକିତ୍ସା ସେବା, ନିଶା ସାହିତ୍ୟ, ସଂସ୍କୃତି

**ଭଣ୍ଡାରିପୋଖରୀ,୨୪।୮(ଡି.ଏନ.ଏ.)**

ପିଲାଦିନୁ ଅଭାବ ଅନଟନ ପରିସ୍ଥିତି ସହ ସଂଘର୍ଷ କରି ପାଠ ପଢ଼ିବା ପରେ ଏବେ ଜଣେ ଆୟୁର୍ବେଦ ଚିକିତ୍ସକ ଭାବେ ସେ ରୋଗୀଙ୍କ ସେବା କରି ଚାଲିଛନ୍ତି। ଆୟୁର୍ବେଦ ଚିକିତ୍ସା ଗରିବ ଲୋକଙ୍କ ଲାଗି ଅଧିକ ଉପଯୋଗୀ ବୋଲି ସେ ମତ ଦିଅନ୍ତି। ଆଣ୍ଠୁଗଣ୍ଠି ବାତ, ଗୃଧ୍ରସୀବାତ ଓ ପକ୍ଷାଘାତ ଭଳି ଜଟିଳ ରୋଗକୁ ଏହାଦ୍ୱାରା ସଫଳ ଚିକିତ୍ସା କରାଯାଇ ପାରୁଛି। ଅନ୍ୟ ଚିକିତ୍ସାରୁ ବିଫଳ ହୋଇ ଅନେକ ପକ୍ଷାଘାତ ରୋଗୀ ଆୟୁର୍ବେଦ ଔଷଧରେ ଚିକିତ୍ସିତ ହୋଇ ଉପଶମ ଲାଭ କରିପାରୁଛନ୍ତି। ସମ୍ପ୍ରତି ବ୍ୟୟବହୁଳ ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ଆୟୁର୍ବେଦ ବରଦାନ ସଦୃଶ ବୋଲି ଡା. ନିରଞ୍ଜନ ଓଝା କହନ୍ତି।

୧୯୮୮ରେ ପ୍ରଥମେ କେନ୍ଦୁଝର ଜିଲାରେ ଚାକିରି ଜୀବନ ଆରମ୍ଭ କରି ଭଦ୍ରକ ଜିଲାର ବିଭିନ୍ନ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ସେ କାର୍ଯ୍ୟ କରି ଆସୁଛନ୍ତି। ସେବା ମନୋଭାବ ରଖି କାର୍ଯ୍ୟ କଲେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ସେ କହନ୍ତି। ବୃତ୍ତିରେ ଜଣେ ଚିକିତ୍ସକ ହୋଇଥିଲେ ମଧ ସାହିତ୍ୟ ଓ ସଂସ୍କୃତି ପ୍ରତି ସେ ରୁଚି ରଖନ୍ତି। ଏଥିଲାଗି ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ହୋଇ କାର୍ଯ୍ୟ କରୁଛନ୍ତି। ଏଭଳି ନିଆରା ବ୍ୟକ୍ତିତ୍ୱର ଅଧିକାରୀ ନିରଞ୍ଜନଙ୍କ ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କରଞ୍ଜ ଗ୍ରାମରେ। ମାତା କୁମୁଦୁନୀ ଓଝା ଓ ପିତା ଅନନ୍ତ ଓଝା। ବାପା ଜଣେ କାଠ ମିସ୍ତ୍ରି। କାଠ କାମ କରି ସୀମିତ ମଜୁରିରେ ୫ ପୁଅଙ୍କୁ ପାଠ ପଢାଇବା କଷ୍ଟକର ଥିଲା। ସ୍ଥାନୀୟ ବାରିକପୁର ଉଚ୍ଚ ବିଦ୍ୟାଳୟରୁ ୧୯୭୮ରେ ନିରଞ୍ଜନ ମାଟ୍ରିକ ପାଶ୍ କରିବା ପରେ ଟ୍ୟୁସନ କରି ଇଣ୍ଟରମିଡିଏଟ୍ ଶିକ୍ଷାଲାଭ କରିଥିଲେ। ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସରକାରୀ ଚାକିରିରେ ଯୋଗଦେଇ ସେବେଠାରୁ ଗରିବ ରୋଗୀଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଆସିଛନ୍ତି। ବିଭିନ୍ନ ସ୍ଥାନରେ ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର, ମଧୁମେହ, ବାତରୋଗ ନିରୂପଣ ଓ ଚିକିତ୍ସା ଶିବିର ଆୟୋଜନ କରି ରୋଗୀଙ୍କୁ ପରାମର୍ଶ ଓ ସେବା ଯୋଗାଇ ଆସୁଛନ୍ତି। ନିଜେ ମଧ ଗବେଷଣା କାର୍ଯ୍ୟ କରି କେତେକ ଆୟୁର୍ବେଦ ଔଷଧ ପ୍ରସ୍ତୁତି କରିଛନ୍ତି। ଜଣେ ସୁଲେଖକ ଭାବେ ତାଙ୍କର ଖ୍ୟାତି ରହିଛି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ଲେଖା ପ୍ରକାଶ ପାଉଛି। ନିରଞ୍ଜନ ବାରିକପୁରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦର ସକ୍ରିୟ ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଶ୍ରୀରାମ ଦୟା ପରିଷଦର ସଭ୍ୟ ରହିଛନ୍ତି। ନୂତନ ଭାବେ ନିର୍ମିତ ଶ୍ରୀରାମ ମନ୍ଦିର ସହ ସେ ଜଡ଼ିତ। ଶିକ୍ଷାଗୁରୁ ଅଭିରାମ ପଣ୍ଡା, ପ୍ରେମାନନ୍ଦ ନାୟକ, ଡା. ବ୍ରଜକିଶୋର ସ୍ୱାଇଁଙ୍କୁ ସେ ଆଦର୍ଶ ବୋଲି ମାନନ୍ତି। ତାଙ୍କ ସ୍ତ୍ରୀ ଦିପ୍ତୀମୟୀ ଜଣେ ଗୃହିଣୀ। ଗୋଟିଏ ପୁଅ ଓ ଗୋଟିଏ ଝିଅ। ପୁଅ ଦିପ୍ତୀରଞ୍ଜନ ବିଟେକ କରି ମେଡିକାଲ କୋଚିଂ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେବାମୂଳକ କାର୍ଯ୍ୟ କରିବା ଲାଗି ନିଜ ପିଲାଙ୍କ ସମେତ ସମସ୍ତଙ୍କୁ ସେ ପ୍ରେରଣା ଦେଉଥିବା କହିଛନ୍ତି।



ଡା.ନିରଞ୍ଜନ ଓଝା ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି।



“ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଏ, କିନ୍ତୁ ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ଜନ ମିଲଟନ



# ବିକ୍ରି ହେଉଛି ନିରାମୟ ଯୋଜନା ଔଷଧ

ବାରିପଦା ଅଫିସ,୨୪।୮

ମୟୂରଭଞ୍ଜ ଜିଲାର ଗ୍ରାମାଞ୍ଚଳରେ ବିକ୍ରି ହେଉଛି ସରକାରୀ ଔଷଧ। ନିରାମୟ ଯୋଜନାରେ ଲୋକଙ୍କ ବ୍ୟବହାର ପାଇଁ ଆସୁଥିବା ମାଗଣା ଔଷଧକୁ ବିଭାଗୀୟ କର୍ମଚାରୀ ଦଲାଲଙ୍କ ଦ୍ୱାରା ବିକ୍ରି କରୁଛନ୍ତି। ଫଳରେ ଲୋକଙ୍କ ଜୀବନ ସହ ଚାଲିଛି ଖେଳ। ଗୁରୁବାର ବୈଶିଙ୍ଗା ଥାନା କଇଁଫୁଲିଆ ଗ୍ରାମର ଦିଅର ଭାଉଜ ମୃତ୍ୟୁ ଘଟଣାରୁ ଏହା ଜଣାପଡିଛି। ଗୁରୁବାର ମୃତକଙ୍କ ଘରକୁ ଯାଇଥିବା ଏକ ଡାକ୍ତରୀ ଦଳ ସଂଗ୍ରହ କରିଥିବା ଔଷଧ, ଇଞ୍ଜେକସନ ଓ ସାଲାଇନ ସରକାରଙ୍କ ଦ୍ୱାରା ଯୋଗାଯାଉଥିବା ଔଷଧ ବୋଲି ଜଣାପଡିଛି। ମୃତକଦ୍ୱୟଙ୍କୁ ଚିକିତ୍ସା କରୁଥିବା କ୍ୱାକଙ୍କ ନିକଟରେ କିପରି ଏହି ମେଡିସିନ ପହଞ୍ଚିଲା ତାହାର ଏବେ ଖୋଳତାଡ ଆରମ୍ଭ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମୟୂରଭଞ୍ଜ ଡ୍ରଗ୍ସ ଆଣ୍ଡ କେମିଷ୍ଟ ଆସୋସିଏଶନର ସଙ୍ଗଠନ ସମ୍ପାଦକ ମାନସ ରଞ୍ଜନ ମହାନ୍ତି । ଏହା ପଛରେ ଜିଲାରେ ଏକ ବଡ ର୍ୟାକେଟ




ଜବତ ହୋଇଥିବା ସରକାରୀ ଔଷଧ।

- ତଦନ୍ତ ଦାବି କଲା ମୟୂରଭଞ୍ଜ ଡ୍ରଗ୍ସ ଆଣ୍ଡ କେମିଷ୍ଟ ଆସୋସିଏଶନ
- ଜିଲାରେ ବଡ ର୍ୟାକେଟ ଥିବା ସନ୍ଦେହ
- ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି।

କଇଁଫୁଲିଆ ଗ୍ରାମର ଦାସ ମାଝୀଙ୍କ ପତ୍ନୀ ଲକ୍ଷ୍ମୀ ମାଝୀ ଓ ସମ୍ପର୍କୀୟ ଦିଅର ହୁଦାନ ମାଝୀଙ୍କ ବୁଧବାର ଝାଡା ବାନ୍ତି ହୋଇଥିଲା। ସେମାନଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ସ୍ଥାନୀୟ କ୍ୱାକଙ୍କୁ ଡାକି ଆଣିଥିଲେ। ସେମାନଙ୍କୁ କ୍ୱାକ ଚିକିତ୍ସା କରିବା ସତ୍ତ୍ୱେ ସେମାନଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ ଗୁରୁବାର ସକାଳେ ବେତନଟୀ ଚିକିତ୍ସାଳୟରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ହିଁ ଏକ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଥିଲେ। କ୍ୱାକଙ୍କ ଦ୍ୱାରା ଉଭୟଙ୍କ ଚିକିତ୍ସା କରାଯାଇଥିବା ବେଳେ ବ୍ୟବହୃତ ଔଷଧ, ଇଞ୍ଜେକସନ ଓ ସାଲାଇନକୁ ଡାକ୍ତରୀ ଦଳ ସଂଗ୍ରହ କରିଥିଲା। ମାତ୍ର ତଦନ୍ତ ବେଳେ ଏହା ସରକାରଙ୍କ ଦ୍ୱାରା ଯୋଗାଣ ହେଉଥିବା ଔଷଧ ବୋଲି ଜଣାପଡିଥିଲା। ମୃତକଙ୍କ ପରିବାର ବର୍ଗ ଔଷଧ ଖର୍ଚ୍ଚ ବାବଦକୁ ୧୧ଶହ ଟଙ୍କା ପ୍ରଦାନ କରିଥିବା କହିଥିଲେ। ତେବେ ଏହି କ୍ୱାକ ଜଣକ ଏହି ସରକାରୀ ମେଡିସିନ କେଉଁଠୁ ପାଇଲେ ତାହା ଏବେ ପ୍ରଶ୍ନବାଚୀ। ଅନ୍ୟପକ୍ଷେ ସରକାରୀ ଔଷଧରେ ସମ୍ପୃକ୍ତ କ୍ୱାକ ରୋଗୀଙ୍କ ଚିକିତ୍ସା କରିଥିବା ସ୍ଥାନୀୟ ଅଙ୍ଗନୱାଡି କର୍ମୀ ମଧ୍ୟ ଡାକ୍ତରୀ ଦଳକୁ ସୂଚନା ଦେଇଥିଲେ।

ସୂଚନା ଅନୁସାରେ ନିରାମୟ ଯୋଜନାରେ ଜିଲାକୁ ଆସୁଥିବା ସରକାରୀ ଔଷଧକୁ ବାରିପଦା ପିଆରଏମ ମେଡିକାଲ କଲେଜ ପରିସରରେ ଥିବା ଗୋଦାମ ଗୃହରେ ଗଚ୍ଛିତ ରଖାଯାଉଛି। ଏହି ଗୋଦାମ ଗୃହରୁ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଔଷଧ ପଠାଯାଇଥାଏ। ତେବେ ଜିଲାର ମୁଖ୍ୟ ଗୋଦାମ ଗୃହରୁ ଔଷଧ ବଜାରକୁ ଯାଉଛି ନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବଜାରକୁ ଯାଉଛି ତାହା ତଦନ୍ତ ସାପେକ୍ଷ। ଏହି ଗ୍ରାମରୁ ଜବତ ହୋଇଥିବା ବ୍ୟାଚ ନମ୍ବରକୁ ଆଧାର କରି ତଦନ୍ତ କଲେ ଏହି ମେଡିସିନ କେଉଁଠୁ ଆସିଛି ତାହା ଜଣାପଡିବ ବୋଲି ଆଲୋଚନା ହେଉଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଆଶୁତୋଷ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ‘ଗାଁ ଗହଳିର ପ୍ରତିଭାଙ୍କୁ ବିକଶିତ କର’



କପ୍ତିପଦା,୨୪।୮(ଡି.ଏନ.ଏ): କପ୍ତିପଦା ବ୍ଲକ୍ ଅଧିନ ବିଶୋଳ ପଞ୍ଚାୟତ ଦୀନବନ୍ଧୁ ନୋଡାଲ ବିଦ୍ୟାପୀଠ ପଡିଆରେ ଶୁକ୍ରବାର ବ୍ଲକ୍ ସ୍ତରୀୟ କ୍ରୀଡା ଓ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ସ୍ୱାଇଁ ସଭାପତିତ୍ୱ କରିଛନ୍ତି। ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ଗୌରହରି ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଶିଳା ବାନରା, ପୂର୍ବତନ ବ୍ଲକ୍ ଅଧକ୍ଷ ଭଗିରଥ ଦେହୁରୀ, ବିଧାୟକଙ୍କ ପ୍ରତିନିଧି ପ୍ରବୀର ଚନ୍ଦ୍ର ସାଏ, ପ୍ରମୁଖ ଯୋଗ ଦେଇଥିଲେ। ଗାଁ ଗହଳିରୁ କିପରି ବିକଶିତ ପ୍ରତିଭାଙ୍କୁ ଲୋକଲୋଚନକୁ ଅଣାଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈଠକରେ ଅତିଥିମାନେ ଜୋତା ପିନ୍ଧି ଶପଥ ଗ୍ରହଣ କରିବା ସହ ବ୍ଲକ୍ ଅଧକ୍ଷାଙ୍କୁ ଡାଇସ୍ ବାହାରେ ଆସନ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ୍ ସ୍ତରରେ ୧୧୭ଟି ବିଦ୍ୟାଳୟ ୫ଶହ ପାଖାପାଖି ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

### ଶାରଦୀୟ କ୍ରୀଡା ଉଦ୍‌ଯାପିତ

ଯଶିପୁର,୨୪।୮(ଡି.ଏନ୍.ଏ.): ଯଶିପୁର ବ୍ଲକ ଦୁର୍ଦ୍ଦୁରା ନୋଡାଲ ଉ.ପ୍ରା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସରପଞ୍ଚ ଶ୍ରୀମତୀ ହେମ୍ବ୍ରମ ଏହି ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୯/୮ରେ ବଡସାହି ଉଚ୍ଚବିଦ୍ୟାଳୟ ପରିସରରେ ହେବାକୁ ଯାଉଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ଅବକାରୀ ଚଢାଉ, ୪ ଗିରଫ

ଖୁଣ୍ଟା, ୨୪।୮(ଡି.ଏନ.ଏ.): ଖୁଣ୍ଟା ଅବକାରୀ ବିଭାଗର କର୍ମଚାରୀମାନେ ଖୁଣ୍ଟା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ମହୁଲି ମଦ ପ୍ରସ୍ତୁତି ଓ ବ୍ୟବସାୟରେ ଲିପ୍ତ ଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ ସନ୍ୟାସି ସିଂ, ସୁନାମଣି ମାରଣ୍ଡୀ, ମଙ୍ଗଲ ମାରଣ୍ଡି, ଓ ରାଜୀବ ମାର୍ଣ୍ଡି। ସେମାନଙ୍କ ନିକଟରୁ ମୋଟ ୩୨ ଲିଟର ମହୁଲି ମଦ ଜବତ ସହ ମଲ୍ଲାରପଡା ଗ୍ରାମର ଏକ ନିଛାଟିଆ ସ୍ଥାନରୁ ୧୧୦୦ କିଲ ମହୁଲପଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଖୁଣ୍ଟା ଅବକାରୀ ଅଧିକାରୀ ମଞ୍ଜୁଲତା ରାଉତ ଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

### ବନ୍ୟା ବିପନ୍ନଙ୍କ ଲାଗି ପାଣ୍ଠି ସଂଗ୍ରହ

ବେତନଟୀ,୨୪।୮.(ଡି.ଏନ.ଏ): ବେତନଟୀ ମହାବିଦ୍ୟାଳୟର ବିଜୁ ଛାତ୍ର ଜନତା ଦଳର ଛାତ୍ରମାନେ କେରଳ ବନ୍ୟା ଯୋଗୁ କ୍ଷତିଗ୍ରସ୍ତଙ୍କ ପାଇଁ ଗୁରବାର ୫୭୫୬ ଟଙ୍କା ସଂଗ୍ରହ କରିଛନ୍ତି। ଏହି ପାଣ୍ଠିକୁ ବିପନ୍ନଙ୍କ ପାଖକୁ ପଠାଯିବ ବୋଲି ଛାତ୍ର ସଂଘ ନେତା ସୂଚନା ଦେଇଛନ୍ତି।

### ଉଦଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ଉଦଳା ୨୪।୮ (ଡିଏନଏ): ଉଦଳା ମହାବିଦ୍ୟାଳୟ ଇଂରାଜୀ ସମ୍ମାନ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଡ. ଯତିନ କୁମାର ମହାକୁଡ ସମାରୋହରେ ଯୋଗ ଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହିତ ଭବିଷ୍ୟତରେ ସେମାନଙ୍କର ଶିକ୍ଷାର ଉନ୍ନତି କାମନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଅଧାପିକା କବିତା ବେହେରା, ଅଧାପିକା ବର୍ଷାରାଣୀ ବେହେରା ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ। ଛାତ୍ର ଚନ୍ଦନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ବୈଠକରେ ଗଣ୍ଡଗୋଳ

# ପ୍ରତିବାଦରେ ବିଜେଡି କର୍ମୀଙ୍କ ଧାରଣା

କୋଷ୍ଟା, ୨୪।୮

ଶୁକ୍ରବାର ଶୂଳିଆପଦା ପଞ୍ଚାୟତ ସମିତିର ସଭାଗୃହରେ ପଞ୍ଚାୟତ ସମିତି ସଦସ୍ୟମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ସାଂସଦ ରାମଚନ୍ଦ୍ର ହାଁସଦା ଏହି ବୈଠକରେ ଉପସ୍ଥିତ ହୋଇ ବିଭିନ୍ନ କାମର ସମୀକ୍ଷା କରୁଥିଲେ। ବ୍ଲକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ୍, ଉପାଧ୍ୟକ୍ଷା ଭାରତୀ ସି, ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ସଦସ୍ୟା ମୀରା ଧୀର, ମନୋଜ କୁମାର ତ୍ରିପାଠୀ, ବିଡିଓ ମଞ୍ଚାସୀନ ହୋଇଥିଲେ। ମାତ୍ର ବୈଠକରେ ଉପସ୍ଥିତ ଥିବା ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଦିବ୍ୟଲୋଚନ ଦାସଙ୍କୁ ମଞ୍ଚ ତଳେ ବସିବା ପାଇଁ ଜଣେ ପ୍ରଶାସନିକ ଅଧିକାରୀ କହିବାରୁ ସେ ବାହାରକୁ ଚାଲି ଆସିଥିଲେ। ଏହାକୁ ସ୍ଥାନୀୟ ବିଧାୟକଙ୍କ ପ୍ରତି ଘୋର ଅପମାନ ବୋଲି କହିବାରୁ ଉପସ୍ଥିତ ବିଜେଡି କର୍ମୀ ଏହାର ଦୃଢ ପ୍ରତିବାଦ କରିଥିଲେ। ବୈଠକରେ ଉପସ୍ଥିତ ବିଜେଡି ସମର୍ଥକ ଲୋକ ପ୍ରତିନିଧି ମଧ୍ୟ ବାହାରକୁ ଚାଲି ଆସିଥିଲେ। ପ୍ରତିବାଦରେ ବିଡିଓଙ୍କ ଅଫିସ ସମ୍ମୁଖରେ ଶତାଧିକ ବିଜେଡି କର୍ମୀ ଧାରଣାରେ ବସି ରହିଥିଲେ। ଶୂଳିଆପଦା ଥାନା ପୋଲିସ ବ୍ଲକ ପରିସରରେ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଶେଷରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ବିଡିଓ ପହଞ୍ଚି ଆପୋସ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



କୋଷ୍ଟା ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିରହିଥିବା ବିଜେଡି କର୍ମୀ।

# ସମସ୍ୟା ସମାଧାନ ନ ହେଲେ ଝୁଲିବ ତାଲା

ବିଶୋଇ,୨୪।୮

ବିଶୋଇ ବ୍ଲକ ଅଧୀନ ବିଶୋଇ ଉପ ଡାକ ଘରର ବିଭିନ୍ନ ସମସ୍ୟା କୁ ନେଇ ଶୁକ୍ରବାର ମାସା ପକ୍ଷରୁ ଏକ ଦାବିପତ୍ର ବିଶୋଇ ଉପଡ଼ାକଘରର ସବ ପୋଷ୍ଟମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବିଶୋଇ ଉପଡ଼ାକଘରର ବିଭିନ୍ନ ଯନ୍ତ୍ରପାତି ଖରାପ ହୋଇ ପଡିଥିବା ହେତୁ ଉପଡ଼ାକଘରରେ ଥିବା ସ୍ପିଡ୍ ପୋଷ୍ଟ ଓ ଆଇ.ପି.ଓ ହୋଇପାରୁନାହିଁ। ପେନସନଧାରୀ ଠିକ ସମୟରେ ଟଙ୍କା ଉଠାଇ ନ ପାରିବା ସହିତ ରେଜିଷ୍ଟ୍ରେସନ ପୋଷ୍ଟ ସମ୍ପୂର୍ଣ ଭାବରେ ଠପ ହୋଇଯାଇଛି। ଫଳରେ ବିଶୋଇ ଉପଡ଼ାକଘର ସମେତ ଏହା ଅଧୀନରେ ଥିବା ୧୫ ଟି ଶାଖା ଡାକଘର ମଧ୍ୟ ଏଥିରେ ପ୍ରଭାବିତ ହେଉଛି। ତେଣୁ ବିଶୋଇ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ସ୍ଥାନୀୟ ଅଞ୍ଚଳବାସୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିଷୟରେ ଖବର ପାଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ (ମାସା) ର ରାଜ୍ୟ ସାଧାରଣ ସମ୍ପାଦକ ଆଁଇଠୁ ଟୁଡୁ, ଜିଲା କାର୍ଯ୍ୟକାରୀ ସଭାପତି ମହେଶ ମାର୍ଣ୍ଡି, ବାମନଘାଟୀ ପ୍ରଭାରୀ ମୁନାରାମ ନାଏକ ସମେତ ହାଡ଼ିବନ୍ଧୁ ଟୁଡୁ, କୃଷ୍ଣଚନ୍ଦ୍ର ବିରୁଆ, ମିନେଶ୍ୱର ମାର୍ଣ୍ଡି,ଚନ୍ଦ୍ରମୋହନ ସରେନ,ହେମନ୍ତ ସରେନ,ଲକ୍ଷ୍ମଣ ସରେନ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥି ସହିତ ଆଗାମୀ ୧୫ ଦିନ ମଧ୍ୟରେ ଏଥିପ୍ରତି ଉପରସ୍ଥ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ବିଶୋଇ ଉପଡ଼ାକଘରେ ତାଲା ବନ୍ଦ ଆନ୍ଦୋଳନ କରିବା ପାଇଁ କହିଛନ୍ତି।

## ଆଇନ ଅମାନ୍ୟ ଆନ୍ଦୋଳନ

ବାରିପଦା ଅଫିସ,୨୪।୮

କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରର ୪ ବର୍ଷର କୁଶାସନ ବିରୋଧରେ ‘ସମ୍ବିଧାନ ବଞ୍ଚାଅ, ଭାରତ ବଞ୍ଚାଅ ଓ ଭାଜପା ହଟାଅ’ ନାରା ନେଇ ମୟୂରଭଞ୍ଜ ଜିଲା ସିପିଆଇ ପକ୍ଷରୁ ସାରସକଣାଠାରେ ଶୁକ୍ରବାର ଆଇନ ଅମାନ୍ୟ ଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୪ ବର୍ଷ ମଧ୍ୟରେ ଆକାଶଛୁଆଁ ଦର ବୃଦ୍ଧି, ତୈଳ ଦର ବୃଦ୍ଧି, ଉତ୍କଟ ବେକାରି ସମସ୍ୟା, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ହତ୍ୟା ଆଦି ଅପରାଧୀକ ଘଟଣା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ସାରସକଣା ହାଟପଡିଆଠାରୁ ଶତାଧିକ କର୍ମୀ ଏକ ରାଲିରେ ବାହାରି ବ୍ଲକ ସମ୍ମୁଖରେ ଆସି ପହଞ୍ଚିଥିଲେ। ଏହାପରେ ସେଠାରେ ହୃଷୀକେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ରାଜ୍ୟ ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ଜିଲା କାର୍ଯକାରୀ କମିଟି ସଦସ୍ୟ ବଳରାମ ମହାନ୍ତ, ରଥ ସିଂ, ନାରାୟଣ ଟୁଡୁ, ମେଘରାୟ ଟୁଡୁ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ସେହିପରି ଯାତ୍ରୀମାନଙ୍କର ସୁବିଧା ପାଇଁ ବସ୍ଷ୍ଟେଣ୍ଡଠାରେ ଏକ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଥିଲେ। ଦୁର୍ଗା ସିଂ, ଗୌତମ ନାଏକ, ଅନିତା ପାତ୍ର, ବିନତି ନାଏକ, ବାବୁଲୁ ମାଝି, ଚାନ୍ଦରାଏ ମୁର୍ମୁ, ଚୈତନ୍ୟ ପୂର୍ତ୍ତି, ଉତ୍ତରା ବେହେରା, ଗୁରୁଚରଣ ସିଂ, ସନାତନ ସିଂ ପ୍ରମୁଖ ସାମିଲ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।








@ ଲଳିତ



@ କାହ୍ନୁ



@ ପ୍ରମୋଦ



@ ସାପୁନ



@ ତପନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ବିଶୋଇ,୨୪।୮

ବିଶୋଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିବା ବେଳେ କେତେକ ଅବ୍ୟବସ୍ଥା ଦେଖାଦେଇଥିବାରୁ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବ୍ଲକର ୧୩ଗୋଟି ପଞ୍ଚାୟତର ୧୧୩ ଗୋଟି ପ୍ରକଳ୍ପ ନିମନ୍ତେ ୩ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ଖରାରେ ବହୁ ଲୋକେ ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିବା ବେଳେ ଯମୁନା ମାଝୀ ନାମ୍ନୀ ଗର୍ଭବତୀ ଅଚେତ ହୋଇ ପଡିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ତାଙ୍କୁ ପୋଲିସ ଗାଡ଼ିରେ ବିଶୋଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ତାଙ୍କୁ ବାରିପଦା ପଠାଇ ଦିଆଯାଇଥିଲା। ଏମ୍‌ପିଙ୍କ ନିଜ ଅଞ୍ଚଳରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ମେଡିକାଲରେ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ଆଲୋଚନା ହେଉଛି। ଏହି କାର୍ଯ୍ୟକ୍ରମରେ ବିଶୋଇ ବିଡ଼ିଓ ବିଭୂଧ ଗଡ଼ନାୟକ, ପିଡ଼ିଡିଆରଡିଏ ତୁଷାରକାନ୍ତ ମହାନ୍ତି, ଏମ୍‌ପି ରାମଚନ୍ଦ୍ର ହାଁସଦା, ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ବିଶୋଇ ବ୍ଲକ ଅଧକ୍ଷା ତୁଳସୀ ସିଙ୍କୁ ହାଁସଦା,ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପିଆରଆଇ ସଦସ୍ୟଗଣ ଉପସ୍ଥିତ ଥିଲେ।



ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା ଅଫିସ,୨୪।୮

ମୟୂରଭଞ୍ଜ ଜିଲା ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ମୁଖ୍ୟ ପରିଷଦର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଚଳିତ ଶିକ୍ଷା ବର୍ଷ ନୂତନ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ବିଚିତ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦର ଭାରାପ୍ରାପ୍ତ ଅଧକ୍ଷ ତଥା ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ.ପ୍ରମୋଦ କୁମାର ଶତପଥି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅଧାପିକା ରିତା ପାତ୍ର ଯୋଗଦେଇଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ନିଗ୍ଧା ପ୍ରିୟଦର୍ଶିନୀ ଦାଶ, ସୁଚିସ୍ମିତା ବେହେରା, ବର୍ଷାରାଣୀ କର, ମମତା ପ୍ରଧାନ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସିମରଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଞ୍ଜନ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଧାରଣ ଜ୍ଞାନ ଆଲୋଚନା, ସଂଳାପ,ଏକକ ଅଭିନୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

ବଡ଼ସାହି,୨୪।୮(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ପ୍ରତାପପୁର ଗାଁର ଦୂରତା ବ୍ଲକ ସଦର ମହକୁମାରୁ ୧୨ କି.ମି.। ପ୍ରତାପପୁର ଛକ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ୫ଶହ ମିଟର ରାସ୍ତା ଓ ମନ୍ଦିରଠାରୁ କାଉଚି ବୁଢାବଳଙ୍ଗ ପୋଲ ପର୍ଯ୍ୟନ୍ତ ଅବଶିଷ୍ଟ ୨ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତା ମରଣଯନ୍ତା ପାଲଟିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ବାରମ୍ବାର ଗୁହାରି ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଶୁକ୍ରବାର ଏନେଇ ବହୁ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ୭ଦିନ ମଧ୍ୟରେ ତ୍ୱରିତ ପଦକ୍ଷେପ ଗ୍ରହଣ କରା ନ ଗଲେ ରାସ୍ତାର ଦୁଇ ମୁଣ୍ଡରେ ବଡ଼ ବଡ଼ ଗାତ ଖୋଳି ଯୋଗାଯୋଗ ବିଚ୍ଛିନ୍ନ ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ବାରିପଦା ସଦର ମହକୁମା ଓ ବେତନଟୀ ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଦୈନିକ ବହୁ ଟ୍ରକ ଯାତାୟାତ କରିବାରୁ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ବର୍ଷା ଦିନେ ଏହି ରାସ୍ତାଟି ଜଳମଗ୍ନ ହୋଇଯିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି। ବାରିପଦା–ଉଦଳା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହେଲେ ଏହି ରାସ୍ତା ଦେଇ ପ୍ରତିଦିନ ଗାଡିମୋଟର ଯାତାୟାତ କରୁଛି। ପ୍ରତିବର୍ଷ ବିଭାଗ ପକ୍ଷରୁ କେବଳ ମୋରମ ପକାଯାଇଥାଏ। ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପାଣି ପଶୁଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ରାଜେଶ ପ୍ରଧାନ କୁହନ୍ତି, ରାସ୍ତାର ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାରଙ୍କୁ ଚିଠି କରାଯାଇଛି। ତହସିଲ ପକ୍ଷରୁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ହେବା ପରେ ରାସ୍ତାର ନବୀକରଣ କରାଯିବ।



ରାସ୍ତାରେ ଜମି ରହିଥିବା ପାଣିରେ ପିଲାମାନେ ସ୍କୁଲ ଯାଉଛନ୍ତି।

- ବର୍ଷାରେ ରାସ୍ତା ହେଉଛି ଜଳମଗ୍ନ
- ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଲୋକଙ୍କ ଘରେ ପଶୁଛି ପାଣି
- ମରାମତି ନ ହେଲେ ଯୋଗାଯୋଗ ବିଚ୍ଛିନ୍ନ

# ମହିଳାମାନେ ଦଳର ମୂଳଭିତ୍ତି

## ■ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ମହିଳାମାନେ ଦଳର ମୂଳଭିତ୍ତି। ସେମାନଙ୍କ ଉଦ୍ୟମ ଯୋଗୁ ହିଁ ବିଜୁ ଜନତା ଦଳର ଆଦର୍ଶ ଏବଂ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିପାରିଛି। ମହିଳାଙ୍କ ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ବିଜୁ ମହିଳା ଜନତା ଦଳ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀ ସଶକ୍ତୀକରଣ ହିଁ ବିକାଶକୁ ତ୍ୱରାନ୍ୱିତ କରିଛି। ମିଶନ୍ ଶକ୍ତି ଯୋଜନା ମାଧ୍ୟମରେ ୧ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ଏହି ଯୋଜନା ସଫଳତାର ସହ ମହିଳାଙ୍କୁ ସଶକ୍ତ କରିଛି। ଅଗଷ୍ଟ ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଛି। ମହିଳାଙ୍କ ସୁବିଧା ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ସହାୟତା ରାଶି ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ସବୁ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ ଆୟୋଜନ କରାଯିବ। ଦଳ ପକ୍ଷରୁ ପ୍ରତିବର୍ଷ ହେଉଥିବା ପଦଯାତ୍ରାରେ ଗୋଟିଏ ଦିନ ସ୍ୱତନ୍ତ୍ର ଭାବେ କେବଳ ମହିଳାଙ୍କୁ ନେଇ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ନବୀନ କାର୍ଯ୍ୟକାରିଣୀରେ ଉପସ୍ଥିତ ଥିବା ସମସ୍ତ ମନ୍ତ୍ରୀ, ବିଧାୟିକା ଏବଂ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

ସାଧାରଣ ନିର୍ବାଚନକୁ ୮ ମାସରୁ କମ୍ ସମୟ ଥିବାବେଳେ ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଦଳ କାର୍ଯ୍ୟକାରିଣୀ ଆୟୋଜନ କରିଥିବା ଜଣାପଡିଛି। ବିଜୁ ମହିଳା ବିଜେଡିର କର୍ମକର୍ତ୍ତା ଏବଂ ଅନ୍ୟ ନେତୃବୃନ୍ଦ ଉଭୟ କଂଗ୍ରେସ ଓ ଭାଜପା ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ମିଶନ୍ ଶକ୍ତି ହେଉ ମମତା ଯୋଜନା ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କ ଉନ୍ନତିରେ ସହାୟକ ହୋଇଛି। ଗ୍ରାମାଞ୍ଚଳର ନାରୀଟିଏ ଆଜି ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିପାରୁଛି। ଆଇନଶୃଙ୍ଖଳା ସ୍ଥିତିରେ ପରିବର୍ତ୍ତନ ଆସିଛି। କେନ୍ଦ୍ର ସରକାର ବଡ ବଡ କଥା କହୁଥିଲେ ମଧ୍ୟ ଦେଶରେ ମହିଳାମାନେ ଅସୁରକ୍ଷିତ ବୋଲି ରିପୋର୍ଟ ଆସିଛି। ତେଣୁ ରାଜ୍ୟରେ ମହିଳାଙ୍କ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ନବୀନବାବୁଙ୍କୁ ପୁନଃ ନିର୍ବାଚିତ କରିବା ଆବଶ୍ୟକ ବୋଲି ପ୍ରମିଳା କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଗତ ଦିନର କଂଗ୍ରେସ ଶାସନ ଏବଂ ବର୍ତ୍ତମାନର ବିଜେଡି ଶାସନ ମଧ୍ୟରେ ତୁଳନାତ୍ମକ ଚିତ୍ର ରଖିଥିଲେ। ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରାଜଶ୍ରୀ ମଲ୍ଲିକ ପ୍ରମୁଖ କେନ୍ଦ୍ର ଅବହେଳା ସମ୍ପର୍କରେ ମତ ରଖିଥିଲେ। ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳର କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଆଲୋଚନା ପରେ ୬ଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବଗୁଡିକ ହେଉଛି- ତୃଣମୂଳ ସ୍ତରରେ ଦଳୀୟ ବାର୍ତ୍ତାର ପ୍ରଚାର, ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଉପରେ ଗୁରୁତ୍ୱ, କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କୁ ଗୁରୁତ୍ୱ, ରାଜନୈତିକ ସଶକ୍ତୀକରଣ, ଦଳୀୟ ସଭ୍ୟ ସଂଖ୍ୟା ବୃଦ୍ଧି ଏବଂ ମହାନଦୀ ଆନ୍ଦୋଳନକୁ ତୀବ୍ରତର କରିବା।



ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳର ମହିଳା କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରୁଛନ୍ତି।

### ଫୋକସ୍‌ରେ ସାଧାରଣ ନିର୍ବାଚନ

- ■ ସେପ୍ଟେମ୍ବର ୨୪ରୁ ୩୦ ପ୍ରତି ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ
- ■ ମହିଳାଙ୍କୁ ନେଇ ଗୋଟିଏ ଦିନ ସ୍ୱତନ୍ତ୍ର ପଦଯାତ୍ରା
- ■ ମିଶନ୍ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମମତା ଯୋଜନା ଆଣିଛି ସଫଳତା

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା ଅଫିସ, ୨୪।୮

ସିପିଆଇ (ମାଓବାଦୀ) ସଙ୍ଗଠନରେ ୪ ସଶସ୍ତ୍ର କ୍ୟାଡର ମାଓବାଦୀ ଶୁକ୍ରବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ନାବାଳକ (୧୫ ବର୍ଷ) ଥିବା ଜଣାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟା ୫ଟାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ, ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶ ଏବଂ ସିଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଜଗନ ସିଂ ଓରଫ ଜଗଦୀଶ ଓରଫ ରତନ (୨୩), ମାଡୁ ବୁଡିଂ ଓରଫ ତେଜା (୩୧), ଗୋମିଆ ମୁଣ୍ଡା ଓରଫ ଗୁମା (୩୫) ଓ ଜଣେ ନାବାଳକ। କେନ୍ଦୁଝର ରୁଗୁଡ଼ି ଅଞ୍ଚଳର ଗୋମିଆ ମୁଣ୍ଡା ୨୦୦୮ରେ ମାଓ ସଂଗଠନରେ ଯୋଗଦେଇଥିଲେ। ତାଙ୍କୁ ବିଭିନ୍ନ ସ୍ଥାନକୁ ମାଓବାଦୀ ସାମଗ୍ରୀ ନେବା ଆଣିବାରେ ନିୟୋଜିତ କରାଯାଉଥିଲା। ଅନ୍ୟମାନେ ମୁଖ୍ୟସ୍ରୋତକୁ ଫେରିବା ଖବର ଶୁଣି ସେ ସଙ୍ଗଠନ ଛାଡ଼ିଥିବା କହିଛନ୍ତି। ଏମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ଥଇଥାନ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।


## ODISHA STATE ROAD TRANSPORT CORPORATION, BHUBANESWAR

No. 11691/Estate-32/2007 Dt. 20.08.2018

**NOTICE INVITING TENDER**

Sealed tenders are invited in the prescribed form from the intending persons/firms/ institutions for license of 07 Nos. of rooms for use of shops/office/restaurant in the premises of OSRTC Odagaon Bus Stand which are under construction stage and shall be completed soon. For details of Tender including Tender Schedule, terms and conditions, please visit our website www.osrtc.in.

By order of Chairman-cum-Managing Director, OSRTC.

**Sd./- General Manager (Admn.)**
**OSRTC, Bhubaneswar**

## The Odisha Small Industries Corporation Ltd.

( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha
Tel No. : 0671- 2343850,2343730 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

**QUOTATION CALL NOTICE**

Ref No. 3878 Dated:18.08.18

Sealed quotations are invited from interested Firms/ Persons having GST code along with PAN for **sale of Binding Strips** of about 30.675 MT strictly on " **as is where is basis** " lying at different Regional Branch Offices of the Corporation. The last date of submission of tender through Registered Post/ Speed Post is **10th September'2018 up to 2.00 P.M.** and the quotations will be opened on **the same day at 3.00 P.M..** The detailed Quotation Call Notice can be downloaded from our website(www.osicltd.in). The undersigned reserves the right to either accept or reject any or all of the quotations without assigning any reason thereof.

**MANAGING DIRECTOR**

## SOUTH CO UTILITY

**OFFICE OF THE SUPERINTENDING ENGINEER**
**Electrical Circle, Bhanjanagar, Tel-(06821) 240335 (O), Fax: 242400,**
**EMail ID: circlehead.bhanjanagar@southcoodisha.com**

No. 1279 (17) Date: 24.08.2018

**Tender Notice No. 10/2018-19/BGJY/SAUBHAGYA/SOUTHCO UTILITY/BHANJANAGAR CIRCEL**

For and on behalf of Southco Utility sealed Tenders in duplicate on two part bidding systems are invited from bidders having valid HT Electrical License complying to the terms and conditions laid in the tender documents of the following works.
For supply & erection of HT Line, Distribution S/S & LT line in Phulbani Electrical Division under BGJY/ SAUBHAGYA Scheme.
The interested bidders would be required to enroll themselves on the tender portal www.tenderwizard.com/SOUTHCO. Complete set of bidding documents will be available in www.tenderwizard.com/SOUTHCO portal from Dt. 25.08.2018 from 01.00 P.M. onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/ SOUTHCO for detail specification.
Any addendum/corrigendum to this e-tender notice shall be uploaded in the website only.

| | | |
|---|---|---|
| Issue of online tender document (bid sheet) | : | From 25.08.2018 (01.00 P.M.) upto 08.09.2018 (01.00 P.M.) |
| Last date for submission of online tender | : | Up to dt. 08.09.2018 (05.00 P.M.) |
| Submission of Tender (Hard copy) | : | Up to dt. 10.09.2018 (01.00 P.M.) |
| Opening of Techno-commercial Bid (Part-1) | : | On dt.10.09.2018 on or after 03.00 P.M. |

Southco reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

**Sd./- Superintending Engineer (Elect), Electrical Circle, Bhanjanagar**

## PARADIP PORT TRUST

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidders for supply of Hardware Materials. The last date and time of submission of the tender is 17.15 Hours on Dt. 12.09.2018. For details log on to website **https://eprocure.gov.in/eprocure/app**.

**Sr. Dy. Materials Manager**
**PPT/PR/293/18-19 Dt. 24.08.2018**

## Department of Social Security & Empowerment of Persons with Disabilities

**SIDR Building, Capital Hospital Campus, Unit-VI, Bhubaneswar-751001**

**No. 6414** **Dtd. 23.08.2018**

**No.14-gg:** Social Security & Empowerment of Persons with Disabilities Department, Government of Odisha, Bhubaneswar invites proposal for **Bayojyestha Samman** for the year 2018-19 from Senior Citizen/ Persons and Institutions for their outstanding achievement in different fields of welfare of Senior Citizens. The detailed guideline is available in our website www.ssepd.gov.in

Persons/Institutions are required to submit proposal by 31st August 2018 to concerned quarters.

**Helpline No. 1800-345-7150**

**Director**
**Department of SSEPD**

46001/11/0022/1819

## OFFICE OF THE RAJGANGPUR MUNICIPALITY

No. 4014 Date: 21.08.2018

**NOTICE INVITING TENDER**

**TENDER REFERENCE No. EO/RGP/07 OF 2018-19**
**TENDER IDENTIFICATION No.: 2018_ORULB_48780_1**

The bid document, work specification and set of term & conditions of contract are available at **www.tendersodisha.gov.in**.

| | | |
|---|---|---|
| Total number of work | : | 01 No. |
| 1) Nature of works | : | Civil work (Building work) |
| 2) Estimated cost | : | 10.60 lakh |
| 3) Date & time of availability of the bid documents in the portal | : | 23.08.2018 at 11.00 AM to 29.08.2018 upto 05.00 PM |
| 4) Last date of receipt of bids in the portal | : | 29.08.2018 upto 05.00 PM |
| 5) Bid receipt online shall be opened on | : | 30.08.2018 at 04.00 PM |

**Sd./- Executive Officer,**
**Rajgangpur Municipality**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

ପତ୍ର ନଂ. ୧୯୦ ତା ୨୪।୦୮।୧୮

**ଘୋଷଣା**

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରରେ ବସବାସ କରୁଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (DAY-NULM) ଅଧୀନରେ ଦାରିଦ୍ର ସୀମାରେଖା ତଳେ ଥିବା ଯୁବକ ଯୁବତୀ (୧୮ରୁ ୪୫ବର୍ଷ ମଧ୍ୟରେ) ମାନଙ୍କୁ ବିଭିନ୍ନ ଗୋଷ୍ଠୀ/ ବ୍ୟକ୍ତିଗତ ଋଣ ଓ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ (S.H.G.) ଗଠନ ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରଙ୍କ ଦ୍ୱାରା ଆସନ୍ତା ତା ୧୫।୯।୨୦୧୮ ରିଖ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହାର ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ ।

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ସହରାଞ୍ଚଳ ଜୀବିକା ମିଶନ (DAY-NULM) ଆବେଦନ ପାଇଁ ଲାଗୁଥିବା ଆବଶ୍ୟକୀୟ କାଗଜପତ୍ର ନିମ୍ନରେ ଦର୍ଶାଯାଇଛି ।

୧) ଆବେଦନ ଫର୍ମ (ସଂପୂର୍ଣ୍ଣ ପୂରଣ ହୋଇଥିବ)
୨) ବ୍ୟାଙ୍କ ପାସ୍‌ବୁକର ନକଲ (ପ୍ରଥମ ପୃଷ୍ଠାର ନକଲ)
୩) ଆଧାର କାର୍ଡର ନକଲ
୪) ଭୋଟର କାର୍ଡର ନକଲ
୬) ପାସପୋର୍ଟ ସାଇଜ ଫଟୋ ୨ ଗୋଟି
୭) ବି.ପି.ଏଲ.କାର୍ଡ/ ନାଫସା କାର୍ଡ/ ରାସନକାର୍ଡର ନକଲ ।

*ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ,*
*ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର*

## The Odisha Small Industries Corporation Ltd.

( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha
Tel No. : 0671-2347463Fax : 0671-2341875/2342561
e-mail: osicltd@gmail.comosicltd@rediffmail.com website: osicltd.in

**EXPRESSION OF INTEREST**

Ref No.4005/ OSIC:MKT Date:23.08.18

The M.D., OSIC has decided to undertake the bidding process for selection of the eligible contractor to whom the project may be awarded eventually for Renovation and Restoration of OSIC Building, Cuttack.

Interested Agencies may submit their willingness along with relevant documents GST certificate and copy of PAN for Renovation and Restoration of OSIC Building, Cuttack.

ପୂର୍ବରୁ ଭାରତୀୟ ପୁରୁଷ ଡବଲ୍ସ ଯୋଡି ଏସିଆନ ଗେମ୍ସରେ ୪ଥର ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୧୦ରେ ଗୁଆଙ୍ଗଝୋ ସଂସ୍କରଣରେ ସୋମଦେବ ଦେବବର୍ମନ ଓ ସନମ ସିଂ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମହେଶ ଭୂପତି ଓ ଲିଆଣ୍ଡର ପେସ୍ ଏସିଆନ ଗେମ୍ସରେ ସବୁଠାରୁ ସଫଳତମ ଯୋଡିର ମାନ୍ୟତା ପାଇଛନ୍ତି।


ଟେନିସ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ଦିଭିଜ ଶରଣ।

୨୦୦୨ ଓ ୨୦୦୬ ସଂସ୍କରଣରେ ଏହି ଅଭିଜ୍ଞ ଯୋଡି ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପେସ ଏଥର ନିଜ ପସନ୍ଦର ଜଣେ ସ୍ପେଶାଲିଷ୍ଟ ସାଥୀ ନ ପାଇବାରୁ ଟେନିସ ଇଭେଣ୍ଟରୁ ଓହରିଯାଇଥିଲେ। ୨୦୧୪ରେ ସାକେତ ମିନେନି ଓ ସନମ ରୌପ୍ୟ ଜିତିଥିଲେ।

## ସିଙ୍ଗଲ୍ସରେ ପ୍ରାଜନେଶ ଜିତିଲେ ବ୍ରୋଞ୍ଜ

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏକମାତ୍ର ଭାରତୀୟ ଖେଳାଳିଭାବେ ଅଭିଯାନ ଜାରି ରଖିଥିବା ପ୍ରାଜନେଶ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲରେ ସେ ଉଜବେକିସ୍ତାନର ଡେନିସ ଇସ୍ତୋମିନ୍‌ଙ୍କଠାରୁ ୨-୬, ୨-୬ ସେଟରେ ପରାସ୍ତ ହୋଇଥିଲେ। ସେହିପରି ମହିଳା ସିଙ୍ଗଲ୍ସ ପୂର୍ବରୁ ଭାରତ ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏଥି ସହିତ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି।

## ରୋଇଂରେ ୩ ପଦକ

ରୋଇଂ ଇଭେଣ୍ଟର ଅନ୍ତିମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ଗୋଟି ସ୍ୱର୍ଣ୍ଣ ସହ ୩ ପଦକ ହାସଲ କରିଛନ୍ତି। କ୍ୱାଡ୍ରପୁଲ ସ୍କଲ୍ସରେ ଭାରତୀୟ ରୋୟରମାନେ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି। ଗୁରୁବାରର ବିଫଳତାକୁ ପଛରେ ପକାଇ ଖେଳାଳିମାନେ ଦମ୍ ଦେଖାଇଥିଲେ। ସୈନ୍ୟବାହିନୀରେ କାର୍ଯ୍ୟକରୁଥିବା ଏହି ପ୍ରତିଯୋଗୀମାନେ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ। ଦତ୍ତୁ ବାବନ ଭୋକାନାଲଙ୍କ ସମେତ ଶୁଖମିତ୍ ସିଂ, ସ୍ୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ବେଶ ଉନ୍ନତ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇଥିଲେ।

ଗୁରୁବାର କିନ୍ତୁ ଭୋକାନାଲ, ସ୍ୱର୍ଣ୍ଣ ଓ ଓମ୍ ପ୍ରକାଶ ପୁରୁଷ ଡବଲ ସ୍କଲ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଏହି ୪ ଖେଳାଳି କ୍ୱାଡ୍ରପୁଲ ସ୍କଲ୍ସ ଇଭେଣ୍ଟରେ ୬:୧୭.୧୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିଜ ସ୍ୱର୍ଗବାସୀ ମା'ଙ୍କ ପାଇଁ ଭୋକାନାଲ ସ୍ୱର୍ଣ୍ଣ ଜିତିବେ ବୋଲି ପୂର୍ବରୁ କହିଥିଲେ।

ଏହା ପୂର୍ବରୁ ରୋଇଂରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୁରୁଷ ଲାଇଟ ଓ୍ୱେଟ ଡବଲ ସ୍କଲ୍ସରେ ଭଗବାନ ସିଂ ଓ ରୋହିତ କୁମାର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ଜଣେ ଟ୍ରକ୍ ଡ୍ରାଇଭରଙ୍କ ପୁଅ ଭଗବାନ ସମ୍ବାଦିକତାରେ ଦ୍ୱିତୀୟବର୍ଷ ଅଧ୍ୟୟନ କରୁଥିଲେ ଆର୍ଥିକସ୍ଥିତି ଖରାପ ହେବା କାରଣରୁ ତାକୁ ଛାଡି ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ସେହିପରି ଅଭିଜ୍ଞ ରୋୟର ଦୁଷ୍ମନ୍ତ ଚୌହାନ ଲାଇଟଓ୍ୱେଟ୍ ସିଙ୍ଗଲ ସ୍କଲ୍ସରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ।

## କବାଡ଼ିରେ ପୁଣି ଝଟ୍‌କା, ମହିଳା ରୌପ୍ୟରେ ସନ୍ତୁଷ୍ଟ

ବିଶ୍ୱ କବାଡ଼ିରେ ଚାଲିଥିବା ଭାରତର ପତିଆରାକୁ ପୁଣି ଥରେ ଶକ୍ତ ଧକ୍କା ଦେଇଛି ଇରାନ। ପୁରୁଷ ଦଳକୁ ସେମିଫାଇନାଲରେ ପରାସ୍ତ କରିବା ପରେ ଇରାନ ଭାରତୀୟ ମହିଳା ଦଳକୁ ଫାଇନାଲରେ ହରାଇ ଦେଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଗତ ୨ ଥର ଚାମ୍ପିୟନ ଭାରତକୁ ୨୪-୨୭ ବ୍ୟବଧାନରେ ପରାସ୍ତ କରିବା ସହ ଇରାନ ସ୍ୱର୍ଣ୍ଣ ପଦକ ହାତେଇ ନେଇଛି। ଫଳରେ ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ପୁରୁଷ କବାଡିରେ ୭ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତ ଗୁରୁବାର ସେମିଫାଇନାଲରେ ଇରାନଠାରୁ ୧୮-୨୭ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା।

## ହୀନା ସିଦ୍ଧୁଙ୍କୁ ବ୍ରୋଞ୍ଜ

ଅଭିଜ୍ଞ ଭାରତୀୟ ଶୁଟର ହୀନା ସିଦ୍ଧୁ ମହିଳା ୧୦ମି. ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମନୁ ଭାକର ନିରାଶ ହୋଇଛନ୍ତି। ହିନା ୧୦.୮ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଗି ଆଶା ରଖିଥିଲେ। ମାତ୍ର ପରବର୍ତ୍ତୀ ଶଟ୍‌ରେ ୯.୬ ସ୍କୋର କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏଥିପୂର୍ବରୁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭରୁ ହିନା ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଏପରି କି ସେ ୧୭ତମ ସ୍ଥାନରେ ଥିଲେ। କିନ୍ତୁ ସେଠାରୁ ସେ ପ୍ରତ୍ୟାବର୍ତ୍ତନ କରି ୩ୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହିନା ୨୧୯.୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାକର ୧୭୬.୨ ସ୍କୋର ସହ ୫ମ ସ୍ଥାନରେ ରହିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ଭାକର କ୍ରମାଗତ ଦୁଇଟି ଭିନ୍ନ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବାରେ ଫାଇନାଲରେ ବିଫଳ ହୋଇଛନ୍ତି। ହରିୟାଣା ଶୁଟର ୨୫ମିଟର ପିସ୍ତଲ ଫାଇନାଲରେ ବିଫଳ ହୋଇଥିଲେ।


ବ୍ରୋଞ୍ଜ ପଦକ ବିଜୟୀ ଶୁଟର ହୀନା ସିଦ୍ଧୁ।


ରୋଇଂରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ କ୍ୱାଡ୍ରପୁଲ ସ୍କଲ୍ସ ଟିମ୍।

### ଆଥଲେଟିକ୍ସ ଇଭେଣ୍ଟ ଆଜିଠାରୁ

# ଦ୍ୟୁତୀଙ୍କ ଉପରେ ନଜର

**ଭୁବନେଶ୍ୱର, ୨୪।୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ଭାରତୀୟ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦ୍ୟୁତୀ ଚାନ୍ଦଙ୍କ ଉପରେ ଭାରତ ତଥା ଓଡ଼ିଶାବାସୀଙ୍କ ନଜର ରହିବ। କାରଣ କ୍ୟାରିୟରରେ ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ଦ୍ୟୁତୀ ଶନିବାର ମହିଳା ୧୦୦ ମିଟର ରେସ୍ ହିଟ୍‌ରେ ଅବତୀର୍ଣ୍ଣ ହେବେ। ୧୦୦ ମିଟର ସେମିଫାଇନାଲ ଓ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ଜୁନ୍‌ରେ ଅନୁଷ୍ଠିତ ଆନ୍ତଃ-ରାଜ୍ୟ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଦ୍ୟୁତୀ ୧୧.୨୯ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସେଠାରେ ସେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଦ୍ୟୁତୀଙ୍କୁ ଏସିଆନ ଗେମ୍ସରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ପ୍ରତିଯୋଗିତାରେ ଚାଇନାର ଓ୍ୱେଇ ୟଙ୍ଗଲି(୧୦.୯୯ ସେକେଣ୍ଡ),


ଦ୍ୟୁତୀ ଚାନ୍ଦ

ବାହାରିନର ହାଜାର ସାଦ ଅଲ୍ ଆମିରି(୧୧.୧୭) ଓ କାଜାଖସ୍ତାନର ଭିକ୍ଟୋରିଆ ଜାବ୍‌କିନା(୧୧.୨୦) ଅଂଶଗ୍ରହଣ କରୁଛନ୍ତି। ଯେଉଁମାନଙ୍କର ଶ୍ରେଷ୍ଠ ଟାଇମିଂ ଦ୍ୟୁତୀଙ୍କଠାରୁ କମ୍ ରହିଛି।

ମିଳିଥିବା ସୂଚନା ଅନୁସାରେ ଦ୍ୟୁତୀ ହିଟ୍ ନମ୍ବର-୨ରେ ଦୌଡ଼ିବେ। ଏହି ହିଟ୍‌ରେ ରହିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଇଣ୍ଡୋନେସିଆର ଟ୍ୟାସ ମୂର୍ତ୍ତିନିଙ୍ଗସ, କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା, ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରିଏ, ଇରାକର ଅଲ୍ ଖାଫାଜି ଡାନା ହୁସେନ ଅବଦୁଲରଜାକ, ଉଜବେକିସ୍ତାନର ନିଗିନା ଶାରିପୋଭା, ଦକ୍ଷିଣ କୋରିଆର ୟୁ ଜିନ୍ ଓ ଲାଓସର ଫା ଆଫେ ସିଲିନା। ୧୦୦ ମିଟରରେ ମୋଟ ୪ଟି ହିଟ୍ ଅନୁଷ୍ଠିତ ହେବ। ଏଥିରେ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଅନ୍ୟତମ ଆକର୍ଷଣ ରହିବେ। ଭାରତ ଏସିଆନ ଗେମ୍ସରେ କେବେହେଲେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ନୀରଜ ଏହି ଧାରା ଭାଙ୍ଗିବେ ବୋଲି ଆଶା ରହିଛି। ଶେଷଥର ପାଇଁ ଭାରତ ପକ୍ଷରୁ ୧୯୮୨ ନୂଆଦିଲ୍ଲୀ ଏସିଆନ ଗେମ୍ସରେ ଗୁରତେଜ ସିଂ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୦୦ ମିଟରରେ ଅନ୍ୟତମ ଆକର୍ଷଣ ରହିବେ ଭାରତର ହିମା ଦାସ। ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତାଙ୍କ ଉପରେ ଭରସା ରହିଛି। ଏଥିରେ ଅନ୍ୟତମ ଭାରତୀୟ ନିର୍ମଳା ଶେଓରାନ ମଧ୍ୟ ଭାଗ୍ୟପରୀକ୍ଷା କରିବେ।

### ବ୍ୟାଡ୍‌ମିଣ୍ଟନ:

## ଶ୍ରୀକାନ୍ତ, ପ୍ରଣୟଙ୍କ ବିପର୍ଯ୍ୟୟ

**ଜାକର୍ତ୍ତା, ୨୪।୮(ପି.ଟି.)**

ଏସିଆନ୍ ଗେମ୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ଭାରତର ଦୁଇ ଆଗଧାଡିର ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏହି ଦୁଇ ଖେଳାଳି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାସ୍ତ ହୋଇଛନ୍ତି। ଶ୍ରୀକାନ୍ତ ହଂକଂର ଓ୍ୱଙ୍ଗ ଓ୍ୱିଙ୍ଗ୍‌ଙ୍କଠାରୁ ମାତ୍ର ୪୩ ମିନିଟରେ ୨୧-୨୩, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ପ୍ରଣୟ ଥାଇଲାଣ୍ଡର କଣ୍ଟାଫୋନ ଓ୍ୱାଙ୍ଗଚାରୋଏନଙ୍କଠାରୁ ୧୨- ୨୧, ୨୧- ୧୫, ୧୫- ୨୧ରେ ମାତ୍ର ୬୫ ମିନିଟରେ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଶନିବାର ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିବେ। ତେବେ ମହିଳା ଡବଲ୍ସରେ ଭାରତର ଅଶ୍ୱିନୀ ପୋନାପ୍ପା ଓ ଏନ୍ ସିକ୍କି ରେଡ୍ଡୀ ୨୧- ୧୭, ୧୬-୨୧, ୨୧-୧୯ରେ ମାଲେସିଆ ଯୋଡି ଚୋ ମେଇ କୁଆନ ଓ ଲି ମେଙ୍ଗ୍ ୟିନଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ଭାରତ ସେମିର ନିକଟତର

**ଜାକର୍ତ୍ତା, ୨୪।୮(ପି.ଟି.)**

### ପୁରୁଷ ହକି

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ତା'ର ଜୟଯାତ୍ରା ଜାରି ରଖିଛି। ପୁଲ- ଏ' ଶୁକ୍ରବାର ଭାରତ ଜାପାନକୁ ୮-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ହ୍ୟାଟ୍ରିକ ସଫଳତା ଅର୍ଜନ କରି ସେମିଫାଇନାଲର ନିକଟତର ହୋଇଛି। ଏହା ପୂର୍ବରୁ ଭାରତ ଆୟୋଜକ ଇଣ୍ଡୋନେସିଆକୁ ୧୭-୦ ଓ ହଂକଂକୁ ୨୬-୦ରେ ହରାଇଥିଲା। ଭାରତ ମୋଟ ଉପରେ ୫୧ଟି ଗୋଲ ସ୍କୋର କରିଛି।

ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ରୂପିନ୍ଦର ପାଲ ସିଂ ୧୭, ୩୭ ଓ ମନଦୀପ ସିଂ ୩୨ ଓ ୫୬ତମ ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଏସ୍‌ଭି ସୁନୀଲ ସପ୍ତମ, ଦୀଲପ୍ରୀତ ସିଂ ୧୨, ଆକାଶଦୀପ ସିଂ ୪୫ ଓ ବିବେକ ସାଗର ପ୍ରସାଦ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ଜିତାଇଥିଲେ। ୪୮ତମ ମିନିଟରେ ଜାପାନ ଗୋଟିଏ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ହାତଛଡ଼ା କରିଥିଲା। ବିଜୟୀ ହୋଇଥିଲେ ମଧ୍ୟ ଭାରତ କେତୋଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଛି। ଭାରତ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ପଞ୍ଚମ ଓ ଜାପାନ ୧୬ତମ ସ୍ଥାନରେ ରହିଛି। ଭାରତ ରବିବାର ୧୪ ନମ୍ବର ଦଳ କୋରିଆକୁ ଭେଟିବ। ଶେଷ ପୁଲ ମ୍ୟାଚରେ ଭାରତ ଶ୍ରୀଲଙ୍କାକୁ ଭେଟିବ।

## ଜିମ୍ନାଷ୍ଟିକ୍ସରେ ହାତ ଖାଲି

ଏଥର ଏସିଆନ ଗେମ୍ସରେ ଭାରତ ବିନା ପଦକରେ ଅଭିଯାନ ଶେଷ କରିଛି। ତାରକା ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ମଧ୍ୟ ବିଫଳ ହୋଇଛନ୍ତି। ମହିଳା ବାଲାନ୍ସ ବିମ୍ ଇଭେଣ୍ଟ ଫାଇନାଲରେ ଦୀପା ପଞ୍ଚମ ସ୍ଥାନରେ ରହି ନିରାଶ କରିଛନ୍ତି। ପଞ୍ଚମ ଜିମ୍ନାଷ୍ଟ ଭାବେ ଦୀପା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ୧୨. ୫୦୦ ସ୍କୋର କରି ସେ ପଞ୍ଚମ ସ୍ଥାନରେ ରହିଥିଲେ। ୮ଜଣ ମହିଳା ପ୍ରତିଯୋଗୀ ଫାଇନାଲରେ ଅବତୀର୍ଣ୍ଣ ହୋଇଥିଲେ। ଦୀପା କ୍ୱାଲିଫିକେଶନ ରାଉଣ୍ଡରେ ୧୨. ୭୫୦ ସ୍କୋର କରିଥିଲେ।

ଚାଇନାର ଚେନ୍ ୟିଲେ ୧୪.୬୦୦ ସ୍କୋର କରି ସ୍ୱର୍ଣ୍ଣ, ଉତ୍ତର କୋରିଆର କିମ୍ ଜଙ୍ଗ ସୁ ୧୩. ୪୦୦ ସ୍କୋର କରି ରୌପ୍ୟ ଓ ଚାଇନାର ଝାଙ୍ଗ୍ ଜିନ୍ ୧୩. ୩୨୫ ସ୍କୋର କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଦୀପା ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ସେତେଟା ଖରାପ ନୁହଁ ବୋଲି କୁହାଯାଉଛି। ଏହା ପୂର୍ବରୁ ଦୀପା ତାଙ୍କ ଫେଭରାଇଟ ଇଭେଣ୍ଟ ଭୋଲ୍ଟରେ ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଏହି ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ସେ ଏହି ଇଭେଣ୍ଟରେ ନିଜ ଦେଶର ଅରୁଣା ବୁଦ୍ଧା ରେଡ୍ଡୀ ଓ ପ୍ରଣତୀ ନାୟକଙ୍କ ପଛରେ ରହିଥିଲେ। ସେ ମଧ୍ୟ ମହିଳା ଟିମ୍ ଫାଇନାଲରୁ ଓହରିଯାଇଥିଲେ ଓ ଭାରତ ଏଥିରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏସିଆନ ଗେମ୍ସ ଇତିହାସରେ ଭାରତ ଥରେ ମାତ୍ର ବ୍ରୋଞ୍ଜ ଜିତିଥିଲା। ୨୦୧୦ରେ ଆଶିଷ କୁମାର ଫ୍ଲୋର ଏକ୍ସରସାଇଜ୍‌ରେ ବ୍ରୋଞ୍ଜ୍ ଜିତିଥିଲେ। ପୁରୁଷ ଜିମ୍ନାଷ୍ଟିକ୍‌ରେ ମଧ୍ୟ ଆଶିଷଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ଫେଲ୍ ମାରିଛନ୍ତି।



ରୌପ୍ୟ ପଦକ ବିଜୟୀ ଭାରତୀୟ ମହିଳା ଓ ବ୍ରୋଞ୍ଜ ବିଜେତା ପୁରୁଷ କବାଡ଼ି ଦଳ।

“ଏସିଆନ ଗେମ୍ସ କବାଡ଼ିରେ ଇରାନଠାରୁ ପରାଜୟ ଘଟଣା ଆମର ମନେ ରହିବ, କିନ୍ତୁ ଏହାଦ୍ୱାରା କବାଡ଼ି ଏକ ଗ୍ଲୋବାଲ ସ୍ପୋର୍ଟ୍ସ ବୋଲି ପ୍ରତିଫଳିତ ହୋଇଛି।

–ଏଲ. ଶ୍ରୀନିବାସ ରେଡ୍ଡୀ, ଭାରତୀୟ ମହିଳା କବାଡ଼ି କୋଚ୍



“ଆଲିଷ୍ଟର କୁକ୍ ନେଟ୍ସରେ ବଲ୍‌କୁ ଭଲରୂପେ ଷ୍ଟ୍ରାଇକ୍ କରିପାରୁଛନ୍ତି, ତେଣୁ ସେ ଫର୍ମରେ ନାହାନ୍ତି ବୋଲି କହିବା ଆଦୌ ଠିକ୍ ନୁହେଁ।

–ଟ୍ରେଭର ବେଲିସ, ଇଂଲଣ୍ଡ କୋଚ୍



## ସଂକ୍ଷେପରେ

### ଏସିଆନ ଗେମ୍ସର ପ୍ରଥମ ଡୋପ୍ ମାମଲା



ଜାକର୍ତ୍ତା, ୨୪।୮ (ଏଏଫ୍‌ପି): ତୁର୍କମେନିସ୍ତାନର ରୁସ୍ତମ୍ ନାଜାରୋଭ୍ ଚଳିତ ଏସିଆନ ଗେମ୍ସର ପ୍ରଥମ ଆଥ୍‌ଲେଟ ଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ୨୪ବର୍ଷୀୟ କୁସ୍ତି ଯୋଦ୍ଧା ନାଜାରୋଭ ଅବଶ୍ୟ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ ଡିଭିଜନରେ ତାଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଭାରତର ସନ୍ଦୀପ ତୋମାର ତାଙ୍କୁ ହରାଇ ଦେଇଥିଲେ। ଗେମ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟର ଫଳାଫଳ ପ୍ରକାଶ ପାଇଛି। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଔଷଧ ଡ୍ୟୁରେଟିକ୍ ଫ୍ୟୁରୋସେମିଡେ ଠାବ କରାଯାଇଥିଲା। ଏହି ଔଷଧ ଶରୀରରୁ ଜଳ ଓ ଲବଣ ପରିମାଣ ହ୍ରାସ ପାଇଁ ସହାୟକ ହୋଇଥାଏ। ଏହି ଔଷଧ ସେବନ ଦ୍ୱାରା ନାଜାରୋଭ ତାଙ୍କ ଶରୀର ଓଜନ ହ୍ରାସ କରାଇ ପାରିଥିଲେ ଏବଂ ତାଙ୍କ ଓଜନ ଶ୍ରେଣୀ ପାଇଁ ଯୋଗ୍ୟତା ହାସଲ କରିପାରିଥିଲେ ବୋଲି ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ପକ୍ଷରୁ କୁହାଯାଇଛି। ନାଜାରୋଭଙ୍କୁ ତୁରନ୍ତ ୧୮ତମ ଜାକର୍ତ୍ତା-ପାଲେମବାଙ୍ଗ୍ ଏସିଆନ ଗେମ୍ସ ୨୦୧୮ରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଗଷ୍ଟ ୧୯ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ, ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ୨୦୧୪ରେ ଏସିଆନ ଗେମ୍ସରେ ହୋଇଥିବା ଡୋପ୍ ଟେଷ୍ଟରେ ୬ଜଣ ଆଥଲେଟଙ୍କର ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆର ସୁଇମିଂ ଷ୍ଟାର ପାର୍କ ତାଏ-ହ୍ୱାନ ଅନ୍ୟତମ ଥିଲେ। ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଥିଲା।

### ସେକ୍ରେଟାରିଏଟ୍ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ)- ସେକ୍ରେଟାରିଏଟ୍ କପ୍ ଆନ୍ତଃ ବିଭାଗୀୟ ୫ ଜଣିଆ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଛି। ଖେଳାଯାଇଥିବା ଅନ୍ୟମ୍ୟାଚ ଗୁଡ଼ିକରେ ଅର୍ଥ ବିଭାଗ, ସଚିବାଳୟ କ୍ରୀଡ଼ା ସଂଘ, ସୂଚନା ଲୋକସମ୍ପର୍କ ବିଭାଗ ଏବଂ ନିର୍ମାଣ ବିଭାଗ ବିଜୟ ଲାଭ କରିଛନ୍ତି। ଅର୍ଥ ବିଭାଗ ୩-୦ ଗୋଲରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାସ୍ତ କରିଛି। ଏଥିରେ ଆଲୋକ ଆଲ୍‌ବେଷ୍ଟ ସୋରେଙ୍ଗ ୨ଟି ଏବଂ ଦୁର୍ଯ୍ୟୋଧନ ବାର୍ଲା ଗୋଟିଏ ଗୋଲ ଦେଇଥିଲେ। ସଚିବାଳୟ କ୍ରୀଡ଼ା ମହାସଂଘ ମଧ୍ୟ ଅନୁରୂପ ୩-୦ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରିଛି। ଏଥିରେ ଆଶିଷ ମାଝି ଗୋଟିଏ ଏବଂ ରଞ୍ଜନ ମେହେର ଦୁଇଟି ଗୋଲ ଦେଇଥିଲେ। ସେହିପରି ସୂଚନା ଲୋକ ସମ୍ପର୍କ ବିଭାଗ ୧-୦ ଗୋଲରେ ଜଙ୍ଗଲ ଓ ପରିବେଶ ବିଭାଗକୁ ପରାସ୍ତ କରିଛି। ମ୍ୟାଚରେ ପ୍ରକାଶ କୁମାର ମୁଦୁଲି ଏକମାତ୍ର ଗୋଲ ସ୍କୋର କରିଥିଲେ। ନିର୍ମାଣ ବିଭାଗ ୨-୦ ଗୋଲଲେ ସମବାୟ ବିଭାଗକୁ ହରାଇ ଦେଇଥିଲା।

# ଦେବାଶିଷ ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା

**କଟକ ଅଫିସ/ପି.ଟି. ୨୪।୮**

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଦେବାଶିଷଙ୍କୁ ଶୁକ୍ରବାର ଫୋନ୍ ଯୋଗେ ଜଣାଇ ଦିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଜୁନିୟର ଦଳର ଚୟନକର୍ତ୍ତା ଦାୟିତ୍ୱ ଗ୍ରହଣ କରୁଥିବାରୁ ଦେବାଶିଷଙ୍କୁ ଆଗାମୀ ରଣଜୀ ସିଜନ ନିମନ୍ତେ ଚାଲିଥିବା ପ୍ରସ୍ତୁତି ଓ ଚୟନ ଶିବିର ଅଧାରୁ ଛାଡ଼ିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେବାଶିଷ ଓଡ଼ିଶାରୁ ଦ୍ୱିତୀୟ କ୍ରୀଡ଼ାବିତ ଭାବେ ବିସିସିଆଇର ଦଳ ଚୟନ କମିଟିରେ ସାମିଲ ହୋଇଛନ୍ତି। ପୂର୍ବରୁ ରଞ୍ଜୀବ ବିଶ୍ୱାଳ ସିନିୟର ପୁରୁଷ ଦଳ ଚୟନ କମିଟିରେ ରହିଥିଲେ।

୧୯୯୭ରେ ଭାରତୀୟ କ୍ରିକେଟର ପେସ୍ ଆକ୍ରମଣ କ୍ଷେତ୍ରରେ ପ୍ରମୁଖ ବୋଲର ଭାବେ ଓଡ଼ିଆ ଖେଳାଳି ଦେବାଶିଷଙ୍କ ବେଶ୍ ଖ୍ୟାତି ରହିଥିଲା। ରାଜ୍ୟ ପକ୍ଷରୁ ୧୨୯ଟି ଲିଷ୍ଟ-ଏ ଓ ୧୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୧୯୯୭ ଅଗଷ୍ଟ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। କଲମ୍ବୋରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହିଁ ଦେବାଶିଷ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଶ୍ରୀଲଙ୍କାର ପ୍ରମୁଖ ୪ଜଣ ବ୍ୟାଟ୍ସମ୍ୟାନ ଦେବାଶିଷଙ୍କ ଶିକାର ହୋଇଥିଲେ। ଓପନର ସନତ ଜୟସୂରିଆଙ୍କୁ ମିଶାଇ ରୋଶନ ମାହାନାମା, ଅରବିନ୍ଦ ଡି ସିଲଭା, ରବୀନ୍ଦ୍ର ପୁଷ୍ପକୁମାରଙ୍କ ଉଇକେଟ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ଦେବାଶିଷଙ୍କୁ କୌଣସି ଉଇକେଟ ମିଳି ନ ଥିଲେ ମଧ୍ୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ମ୍ୟାଚଟି ଡ୍ର ଭାବେ ଶେଷ ହୋଇଥିଲା। ପରେ ପାକିସ୍ତାନ ବିପକ୍ଷରେ ଉକ୍ତ ବର୍ଷ ସେପ୍ଟେମ୍ବର ୧୩ରେ ଏକଦିନିକିଆ ମ୍ୟାଚ୍‌ରେ ଦେବାଶିଷଙ୍କ ପଦାର୍ପଣ ହୋଇଥିଲା। ଦେବାଶିଷ ମୋଟ୍ ୨ଟି ଟେଷ୍ଟ ମ୍ୟାଚ ଖେଳି ୪ଟି ଉଇକେଟ ପାଇଥିବା ବେଳେ ୪୫ଟି ଏକଦିବସୀୟ ମ୍ୟାଚ୍‌ରୁ ୫୭ଟି ଉଇକେଟ ପାଇଛନ୍ତି। ୫୬ରନ୍ ବିନିମୟରେ ୪ଟି ଉଇକେଟ ଦେବାଶିଷଙ୍କର ଏକଦିବସୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ୯୦ ଦଶକରେ ବିଶ୍ୱକ୍ରିକେଟର ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ଲାନ୍ସ କ୍ଲୁଜନର, ସନତ ଜୟସୂରିଆଙ୍କୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରାଇ ଦେବାର ରେକର୍ଡ ମଧ୍ୟ ଦେବାଶିଷଙ୍କ କ୍ୟାରିୟର ଫର୍ଦ୍ଦରେ ଯୋଡି ହୋଇରହିଛି। ଦେବାଶିଷ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ବେଶ ସଫଳତା ହାସଲ କରିଥିଲେ। ରାଜ୍ୟର ଜଣେ ଅନ୍ତର୍ଜାତୀୟ ଖେଳାଳି ଭାବେ ପରିଚିତ ଦେବାଶିଷ ୨୦୧୧ ମସିହାରୁ କୋଚ୍ ଜୀବନ ଆରମ୍ଭ କରିଥିଲେ। ମଝିରେ ଗୋଟିଏ ବର୍ଷ ଛାଡ଼ିଦେଲେ ୨୦୧୨-୧୩ ସିଜନ୍‌ରୁ ସେ ସିନିୟର ଦଳର କୋଚ୍ ରହି ଆସିଛନ୍ତି। କେବଳ ୨୦୧୭-୧୮ ସିଜିନ୍‌ରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ କୋଚ୍ ଦାୟିତ୍ୱରୁ ଦୂରେଇ ରହିଥିଲେ। ଦେବାଶିଷଙ୍କ ତତ୍ତ୍ୱାବଧାନରେ ରାଜ୍ୟ ରଣଜୀ ଦଳର ପ୍ରଦର୍ଶନ ଶକ୍ତିଶାଳୀ ହେଉଛି ବୋଲି କ୍ରୀଡ଼ା ସମାଲୋଚକମାନେ ମତ ଦିଅନ୍ତି। ଏପରିକି ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟ ନିମନ୍ତେ ରାଜ୍ୟ ସିନିୟର ଦଳର କୋଚ୍ ଦାୟିତ୍ୱ ମଧ୍ୟ ଦେବାଶିଷଙ୍କ କାନ୍ଧରେ ରହିଛି।

ପ୍ରକାଶଯୋଗ୍ୟ ଯେ, ଦେବାଶିଷଙ୍କ ନିଯୁକ୍ତି କଥା କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ ସ୍ପଷ୍ଟ କରିଛନ୍ତି। ଜୁନିୟର ଚୟନ କମିଟିରେ ଦେବାଶିଷଙ୍କୁ ଆମେ ପଞ୍ଚମ ସଦସ୍ୟ ଭାବେ ନିଯୁକ୍ତି ଦେଇଛୁ ବୋଲି ସେ ସୂଚନା ଦେଇଛନ୍ତି। ଏହି କମିଟି ୫ଜଣିଆ ସଦସ୍ୟ ବିଶିଷ୍ଟ ହେବ ବୋଲି ସୁପ୍ରିମକୋର୍ଟ ଆଗରୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଆମେ ଏହି ସଦସ୍ୟମାନଙ୍କ ନାମ ଉପଦେଷ୍ଟା କମିଟିକୁ ସୁପାରିସ କରିଥିଲୁ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଉପଦେଷ୍ଟା କମିଟି ସଦସ୍ୟ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ କମିଟି ଚୟନ କରିବାକୁ କୁହାଯାଇଥିଲା। ତେବେ ନିଜ ନିଜ କାରଣ ଦର୍ଶାଇ ଏମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଆନ୍ତର୍ଜାତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆମେ ଶେଷରେ ଦେବାଶିଷଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ବିନୋଦ କହିଛନ୍ତି। ପୁଅ ଅର୍ଜୁନ ଜୁନିୟର ଭାରତୀୟ ଦଳରେ ଖେଳୁଥିବାରୁ ସଚିନ ଏହି ପ୍ରସ୍ତାବ ଗ୍ରହଣ କରି ନ ଥିଲେ। ସେହିପରି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ଥିବାରୁ ଗାଙ୍ଗୁଲି ଓ ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ଥିବାରୁ ଲକ୍ଷ୍ମଣ ମଧ୍ୟ ଏହାକୁ ଗ୍ରହଣ କରି ନ ଥିଲେ।

ଏହି କିମିଟିକୁ ଆଶିଷ କାପୁର ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଅମିତ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଙ୍କଟେଶ ପ୍ରସାଦ ଇସ୍ତଫା ଦେବା ପରେ ଆଉ ଏକ ପଦ ଖାଲି ରହିଥିଲା ବୋଲି ବିନୋଦ କହିଛନ୍ତି। ଏହି କିମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଜ୍ଞାନେନ୍ଦ୍ର ପାଣ୍ଡେ ଓ ରାକେଶ ପାରିଖ। କୋଲକାତାରେ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ସେପ୍ଟେମ୍ବର ୨୭ ତାରିଖରୁ ଢ଼ାକାରେ ଆରମ୍ଭ ହେବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଏହି କମିଟି ଜୁନିୟର ଦଳ ଚୟନ କରିବ।



ଦେବାଶିଷ ମହାନ୍ତି

### ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ହେବ

ଜାତୀୟ ଜୁନିୟର ଚୟନ କମିଟିର ସଦସ୍ୟ ହୋଇଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ଦେବାଶିଷ। ଜୁନିୟର ଦଳର ଚୟନକର୍ତ୍ତା ହେବା ସମ୍ପର୍କରେ ମୋତେ ବିସିସିଆଇ ପକ୍ଷରୁ ଅବଗତ କରାଯାଇଛି। ଏହା ଏକ ନୂଆ ଦାୟିତ୍ୱ ଏବଂ ନୂଆ ଚ୍ୟାଲେଞ୍ଜ। ଏହା ଖୁସିର କଥା, ତେବେ ଏକ ସଙ୍ଗେ ୨ଟି ଦାୟିତ୍ୱରେ ରହି ହେବନାହିଁ। ତେଣୁ ମୋତେ ଓଡ଼ିଶା ରଣଜୀ ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ପଡ଼ିବ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

### କଳିଙ୍ଗ ବିଦ୍ୟାପୀଠ, କିସ୍ ସ୍କୁଲ ବିଜୟୀ




ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନି ଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃ ସ୍କୁଲ୍ ଫୁଟବଲ ଲିଗ୍‌ରେ ଶୁକ୍ରବାର କଳିଙ୍ଗ ବିଦ୍ୟପୀଠ ସାମ୍ପୁର ଓ କିସ୍ ସ୍କୁଲ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଗତଥରର ରନର୍ସ ଅପ୍ କଳିଙ୍ଗ ବିଦ୍ୟାପୀଠ ୧-୦ ଗୋଲରେ ଡିଏଭି ୟୁନିଟ୍-୮କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଶୋକ ପାଢୀ ଖେଳର ୧୩ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମକୃଷ୍ଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ନାୟକଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ କିସ୍ ସ୍କୁଲ ୧-୦ ଗୋଲରେ ଗଣ୍ଡରପୁର ଅରବିନ୍ଦ ହାଇସ୍କୁଲକୁ ପରାସ୍ତ କରିଥିଲା। ଏକମାତ୍ର ଗୋଲଟିକୁ ଯଦୁନାଥ ହେମ୍ବ୍ରମ ୨୧ତମ ମିନିଟ୍‌ରେ ସ୍କୋର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ହେମ୍ବ୍ରମଙ୍କୁ କ୍ରୀଡ଼ା ସଂଗଠକ ହୃଦୟରଞ୍ଜନ ବେହେରା ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ ଓ ଅମିୟକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ମ୍ୟାଚ ଡିଏଭି ଚନ୍ଦ୍ରଶେଖରପୁର ଓ ଜାଭିୟର ସ୍କୁଲ, କେଦାରଗୌରୀ ଏବଂ ଦ୍ୱିତୀୟ ମ୍ୟାଚ ସୈନିକ ସ୍କୁଲ ଓ ପଳାଶୁଣି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

# ଏସିଆନ ପାରାଗେମ୍ସରେ ଭାଗନେବେ ରାଖାଲ

**ଭଦ୍ରକ ଅଫିସ, ୨୪।୮**

ଆସନ୍ତା ଅକ୍ଟୋବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାର୍କତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ପାରାଗେମ୍ସ ପ୍ରତିଯୋଗିତାରେ ଭଦ୍ରକ ଜିଲାର ରାଖାଲ କୁମାର ସେଠୀ(୩୪) ଭାଗ ନେବେ। ରାଖାଲ ଜଣେ ଭିନ୍ନକ୍ଷମ କ୍ରୀଡ଼ାବିତ୍। ସେ ହୁଇଲ ଚେୟାର ଫେନ୍ସିଂ(ଅସିଚାଳନା) ଭଳି ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୧୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ ମେଡାଲ ହାସଲ କରିସାରିଛନ୍ତି। ତାଙ୍କ ଘର ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମରେ। ସେ ଏବେ ଭୁବନେଶ୍ୱରରେ ରହି କ୍ରୀଡ଼ାଭ୍ୟାସ ସାଙ୍ଗକୁ ଏକ ଚା' ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ଭଦ୍ରକ ଜିଲାର କ୍ରୀଡ଼ାବିତ୍ ଓ ରାଜ୍ୟର ବହୁ କ୍ରୀଡ଼ାପ୍ରେମୀ ତାଙ୍କର ସଫଳତା କାମନା କରିଛନ୍ତି। ତେବେ ରାଖାଲ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ''ବଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୋ ନିକଟରେ ଅନ୍ତର୍ଜାତୀୟ ମାନର ହୁଇଲ ଚେୟାର ନାହିଁ, ତେଣୁ ଆଗାମୀ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ମୁଁ ଆଶଙ୍କା ଭିତରେ ରହିଛି। ମୋ ପାଇଁ ଅନ୍ତର୍ଜାତୀୟ ମାନର ଭଲ ହୁଇଲ ଚେୟାର ଯୋଗାଇ ଦିଆଗଲେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବି'' ବୋଲି ରାଖାଲ କହିଛନ୍ତି।



### ଫାଓଲିଗ୍: ୨ ମ୍ୟାଚ୍ ଅମୀମାଂସିତ

**କଟକ ଅଫିସ, ୨୪।୮**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶୁକ୍ରବାର ଖେଳାଯାଇଥିବା ୨ଟି ଯାକ ମ୍ୟାଚ୍ ଡ୍ର ରହିଛି। ଚାନ୍ଦ କ୍ଲବ ଓ ଲାଲବାଗ କ୍ଲବ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟ୍‌ରେ ଲାଲବାଗର ସୁନମୟ ମାଝି ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ପରେ ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ଚାନ୍ଦକ୍ଲବର ସୌରଭ ରଞ୍ଜନ ହନୁମାନ ଏକ ଗୋଲ ଦେବା ଯୋଗୁଁ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୌଣସି ଗୋଲ ହୋଇ ନ ଥିଲା।

# ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨୪।୮**

ଅନୁଗୋଳ ଷ୍ଟାଡ଼ିୟମରେ ୭୭ତମ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା-୨୦୧୮ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ସମସ୍ତ ଖେଳାଳିଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମାର୍ଚ୍ଚ ପାଷ୍ଟ ପରେ ଫିଫା ଫ୍ଲାଗ ପଡ଼ିଆକୁ ଆସିଥିଲା। ପ୍ରଥମ ମ୍ୟାଚ ଅନୁଗୋଳ ଜିଲା ପୋଲିସ ଓ ରାୟଗଡ଼ାର ୨ୟ ଆଇଆରବି ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ୨-୦ ଗୋଲରେ ବିଜୟୀ ହୋଇଛି। ରାୟଗଡା ପକ୍ଷରୁ ଶ୍ୟାମ୍‌ଲାଲ ବିଶ୍ୱାଳ ଓ ମଧୁସୂଦନ ଭୋଇ ୨ଟି ଗୋଲ ଦେଇଥିଲେ। ଶନିବାର ୧୬ଟି ଦଳ ମଧ୍ୟରେ ୭ଟି ପଡ଼ିଆରେ ମୋଟ ୧୬ଟି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବାହ୍ନ ୭ଟାରେ ୭ଟି ଗ୍ରାଉଣ୍ଡରେ ୯ଟି ମ୍ୟାଚ ଓ ଅବଶିଷ୍ଟ ୭ଟି ମ୍ୟାଚ ଅପରାହ୍ନରେ ୭ଟି ଗ୍ରାଉଣ୍ଡରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଛାବ୍ରା ଖେଳାଳମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହିପରି ଖେଳ ଆୟୋଜନ ଯୋଗୁ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ବଢ଼ିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସ, ଢେଙ୍କାନାଳ ଏସ୍‌ପି ସନ୍ତୋଷ ନାୟକ, ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ାଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମ୍ୟାଚ ଆରମ୍ଭ ପୂର୍ବରୁ ଖେଳାଳିମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ଶପଥପାଠ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪୬ ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପନ ହେବ।

# ରାଜପୁତ ଜିମ୍ବାୱେ କ୍ରିକେଟ ଦଳର ମୁଖ୍ୟ କୋଚ୍

**ବମ୍ବେ, ୨୪।୮ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଲାଲଚାନ୍ଦ ରାଜପୁତ ଜିମ୍ବାୱେ ଜାତୀୟ କ୍ରିକେଟ ଦଳର ନିୟମିତ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜିମ୍ବାୱେ କ୍ରିକେଟ ସେମାନଙ୍କ ଅଫିସିଆଲଲ ଟୁଇଟର ପେଜ୍‌ରେ ଏହି ସୂଚନା ଦେଇଛନ୍ତି। ରାଜପୁତ୍ ଏହାପୂର୍ବରୁ ଗତ ମେ'ରେ ଜିମ୍ବାୱେର ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ପାକିସ୍ତାନକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଜିମ୍ବାୱେର କାମଚଳା ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଥିଲେ। ରାଜପୁତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ସାମର୍ଥ୍ୟ ଉପରେ ଭରସା ରଖି ମୋତେ ୩ବର୍ଷ ପାଇଁ ନିଯୁକ୍ତି ଦେଇଥିବାରୁ ମୁଁ ଜିମ୍ବାୱେ କ୍ରିକେଟକୁ ଧନ୍ୟବାଦ ଦେଉଛି।

ଭାରତ ପାଇଁ ଦୁଇ ଟେଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରାଜପୁତ ରଣଜୀ ଟ୍ରଫିରେ ବମ୍ବେ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କର ପ୍ରଦର୍ଶନ ମଧ୍ୟ ଖୁବ୍ ଭଲ ରହିଥିଲା। ସେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରିଛନ୍ତି, ଯେଉଁ ଦଳ ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଉଦ୍‌ଘାଟନୀ ଟି୨୦ ବିଶ୍ୱକପ୍ ଜିତିପାରିଥିଲା। ସେ ମ୍ୟାନେଜର ଥିବାବେଳେ ଆହୁରି ମଧ୍ୟ ୨୦୦୮ରେ ଭାରତ ଅଷ୍ଟ୍ରେଲିଆରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜିତିଥିଲା। ରାଜପୁତ ୨୦୧୬ରେ ଆଫଗାନିସ୍ତାନ କ୍ରିକେଟ ଦଳର କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ଏହି ଦଳ ଗତ ଜୁନ୍‌ରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିସାରିଛି। ଗତ ଘରୋଇ ସିଜନରେ ରାଜପୁତ ଆସାମ ଦଳର କୋଚ୍ ରହିଥିଲେ। ରାଜପୁତ ମୁମ୍ବାଇ କ୍ରିକେଟ ଆସୋସିଏଶନର ଏକ ପ୍ରଶାସନିକ ପଦବୀରେ ରହିଛନ୍ତି। ମୁମ୍ବାଇ ପ୍ରିମିୟର ଲିଗ୍‌ରେ ସେ ଏକ ଦଳର ମେଣ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।



ଲାଲଚାନ୍ଦ ରାଜପୁତ



ଧରିତ୍ରୀ
DHARITRI




# ସ୍କୁଲରୁ ବାହାରିଲା ନାଗ

ବସ୍ତା,୨୪।୮,(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତ ପାଇକପଡା ଗ୍ରାମରେ ଥିବା ମହତାସାହି ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ଏକ ନାଗ ସାପକୁ ଉଦ୍ଧାର କରାଯାଇଛି। ସ୍କୁଲ ଅଫିସ ଗୃହ ମଧରେ ନାଗର ଗର୍ଜନ ଶୁଣାଯିବାରୁ ସ୍କୁଲ ପରିସରରେ ଆତଙ୍କ ଖେଳିଯାଇଥିଲା। ଅଫିସରେ ଆଲମୀରା ତଳେ ସାପ ଥିବା ଜାଣିପାରି ଶିକ୍ଷକମାନେ ବନବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଜୟଦେବ ମଲ୍ଲିକ ସେଠାରେ ପହଞ୍ଚି ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ସ୍ନେକ ହେଲ୍ପଲାଇନ କର୍ମଚାରୀ ଭୁବନଚନ୍ଦ୍ର ମଣ୍ଡଳ ସ୍କୁଲରେ ପହଞ୍ଚି ୪ଫୁଟ ଲମ୍ବର ଏକ ନାଗସାପକୁ ଉଦ୍ଧାର କରିଥିଲେ। ପରେ ଏହି ନାଗକ କୁଲଡିହା ଜଙ୍ଗଲରେ ଛଡାଯାଇଛି। ସ୍କୁଲ ନିକଟ ପରିବେଶ ଭଲ ନ ଥିବାରୁ ସେହି ଅଞ୍ଚଳ ସରୀସୃପଙ୍କ ଆବାସସ୍ଥଳୀ ପାଲଟିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।



ସ୍କୁଲ ପରିସରରୁ ଉଦ୍ଧାର ନାଗସାପ।

# ବିଦ୍ୟୁତ୍ ଗ୍ରାହକଙ୍କ ବିକ୍ଷୋଭ, ରାସ୍ତାରୋକୋ

ବାଲିଆପାଳ, ୨୪।୮ (ଡି.ଏନ.ଏ.)

ଟ୍ରାନ୍ସଫର୍ମର ପୋଡି ଯିବା ଯୋଗୁ ଦେଢ ମାସ ହେବ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ବିଦ୍ୟୁତ୍ ବିଭାଗ ଏଦିଗରେ ପଦକ୍ଷେପ ନ ନେବାରୁ ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଦମାନସିଂ ଗ୍ରାମବାସୀ ଏହାର ପ୍ରତିବାଦ କରି ରାସ୍ତାକୁ ଓହ୍ଲାଇଛନ୍ତି । ଶତାଧିକ ମହିଳା ଓ ପୁରୁଷ ଶୁକ୍ରବାର ବାଲିଆପାଳ ବିଦ୍ୟୁତ୍ ବିଭାଗ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ସମୟ ଧରି ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ବାଲିଆପାଳ ଥାନା ଏ.ଏସ୍.ଆଇ ଜୟନ୍ତ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। କୁଦମାନସିଂ ଗ୍ରାମର ୧୦ନମ୍ବର ୱାର୍ଡ଼ରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡ଼ିଯିବା ପରଠାରୁ ଗ୍ରାମବାସୀ ବକେୟା ବିଲ୍ ଦେଲେ ନୂତନ ଟ୍ରାନ୍ସଫରମର ବସିବ ବୋଲି ଜଣେ କନିଷ୍ଠ ଯନ୍ତ୍ରୀ କହିଥିଲେ । ଏହା ମଧ୍ୟରେ ଗ୍ରାମବାସୀ ବାକିଥିବା ଅଧିକାଂଶ ବିଦ୍ୟୁତ୍ ବିଲ୍ ପୈଠ କରିସାରିଥିଲେ ମଧ ସମ୍ପୃକ୍ତ କର୍ତ୍ତୃପକ୍ଷ ଅଧିକ ୨୦ହଜାର ଟଙ୍କା ବିଲ୍ ଦାବି କରି ଟ୍ରାନ୍ସଫରମର ବସାଇ ନ ଥିଲେ। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ରଘୁନାଥ ଜେନା ଓ ଝାଡ଼େଶ୍ୱର ଦାସଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୋଲିସ ପହଞ୍ଚି ପରେ ସରକାରୀ କାର୍ଯ୍ୟରେ ଯାଇଥିବା କନିଷ୍ଠ ଯନ୍ତ୍ରୀ ତପନ କୁମାର ପରିଡ଼ାଙ୍କ ସହିତ ଫୋନରେ କଥାବାର୍ତ୍ତା କରିବା ପରେ ଖୁବଶୀଘ୍ର ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ସରବରାହ କରାଯିବବୋଲି ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଆନ୍ଦୋଳନରେ ୱାର୍ଡ଼ ସଭ୍ୟ ନିରଞ୍ଜନ ମଲ୍ଲିକ, କନକଲତା ଦାସ, ତୀର୍ଥବାସୀ ଜେନା, ମିନତୀ ଦାସ, ଲକ୍ଷ୍ମୀପ୍ରିୟା ଦାସ, ଉମାରାଣୀ ଦାସ, ପୁଷ୍ପଲତା ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ।



ବାଲିଆପାଳ ବିଦ୍ୟୁତ୍ ଅଫିସ ସାମ୍ନାରେ ଲୋକେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି ।

# ଅଟୋ-ବାଇକ୍ ଧକ୍କା: ୫ ଗୁରୁତର

ଠାକୁରମୁଣ୍ଡା,୨୪।୮(ଡି.ଏନ.ଏ)

ଠାକୁରମୁଣ୍ଡା ବଜାର ନିକଟ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜେନା ସାହି ଛକ ନିକଟରେ ଶୁକ୍ରବାର ଏକ ବାଇକ୍ ସହିତ ଅଟୋ ଧକ୍କା ହେବା ଫଳରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଅଛି। ହାଣ୍ଡିଫୁଟା ଗ୍ରାମର ଜଳଧର ସେଠୀଙ୍କ ପରିବାର ଲୋକେ ଠାକୁରମୁଣ୍ଡା ବସଷ୍ଟାଣ୍ଡରୁ ଘରକୁ ଏକ ଅଟୋ ନଂ (ଓଡି୧୧ପି-୪୯୨୬) ଯୋଗେ ଫେରୁଥିଲେ। ଉକ୍ତ ସମୟରେ ଜେନାସାହି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ( ଓଡି୩୪ଏଫ୍-୭୨୮୮) ଅଟୋକୁ ସାମ୍ନାରୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେମାନେ ହେଲେ ଅଟୋରେ ଥିବା ରଶ୍ମିରଞ୍ଜନ ସେଠୀ(୧୫), ଜୁଲି ସେଠୀ(୧୨) ,କରଞ୍ଜିଆର ଅବଳା ବେହେରା(୫୨), ଅଟୋ ଡ୍ରାଇଭର ଜିତେନ୍ଦ୍ର ମହାନ୍ତ ଓ ବାଇକ୍ ଆରୋହୀ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ବରଙ୍ଗା ଗ୍ରାମର ଘାସୀରାମ ମାଝୀ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଟୋ ଡ୍ରାଇଭର ଜିତେନ୍ଦ୍ର ମହାନ୍ତ ଓ ବାଇକ୍ ଆରୋହୀ ଘାସୀରାମ ମାଝୀଙ୍କୁ କଟକ ଓ ଅବଳା ବେହେରାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଆକ୍ରମଣରେ ୭ମଶ୍ରେଣୀ ଛାତ୍ର ଗୁରୁତର

ତିହିଡ଼ି,୨୪।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ଉମାମଣି ୟୁଜିଏମ୍ଇ ସ୍କୁଲର ୭ମ ଶ୍ରେଣୀ ଛାତ୍ର ସତ୍ୟନାରାୟଣ ପାଣିଙ୍କୁ ଶୁକ୍ରବାର ଅନ୍ୟ ଶ୍ରେଣୀର ଛାତ୍ରମାନେ ମାଡ଼ ମାରିଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଛି। ସତ୍ୟନାରାୟଣଙ୍କ ମା' ରୁନୁରାଣୀ ପାଣି ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଶୁକ୍ରବାର ସ୍କୁଲରେ ପ୍ରାର୍ଥନା ସରିବା ପରେ ୮ମ ଶ୍ରେଣୀର କେତେକ ଛାତ୍ର ଆସି ସତ୍ୟନାରାୟଣଙ୍କୁ ମାଡ଼ ମାରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଘଟଣା ସମ୍ପର୍କରେ ଜାଣିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଆହତ ସତ୍ୟନାରାୟଣଙ୍କୁ ପ୍ରଥମେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଟଣା, ୨୪।୮(ସ୍ୱ.ପ୍ର.): ସାହାରପଡ଼ା ବ୍ଲକ ବାଇକଳା ପଞ୍ଚାୟତ ବିଲା ଗ୍ରାମରେ ଜଣେ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ନିଶ୍ଚିନ୍ତପୁର ଗ୍ରାମର ଅନାମ ମୁଣ୍ଡା। ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଶୁକ୍ରବାର ଅପରାହ୍ନରେ ଶ୍ରମିକ ଭାବେ କାମ କରି ସାରି ମଧ୍ୟାହ୍ନ ଭୋଜନ ପରେ ବିଶ୍ରାମ କରୁଥିଲେ। ଫଳରେ କିଛି ସମୟ ପରେ ସେ ଭୂମିରେ ଟଳି ପଡ଼ିଥିଲେ। ତାଙ୍କୁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

### ବିଡିଓଙ୍କୁ ଆକ୍ରମଣର ନିନ୍ଦା

କେନ୍ଦୁଝର, ୨୪।୮ (ସ୍ୱ.ପ୍ର) : ହରିଚନ୍ଦନପୁର ବିଡିଓ ବିଜୟାନନ୍ଦ ସେଠୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାକୁ ସେବାସ୍ତମ୍ଭ ପକ୍ଷରୁ ନିନ୍ଦା କରାଯାଇଛି। ଜଣେ କାର୍ଯ୍ୟରତ ଅଧିକାରୀଙ୍କୁ ଅଶାଳୀନ ଭାଷା ପ୍ରୟୋଗ କରିବା ସର୍ବସାଧାରଣରେ ଆକ୍ରମଣ କରାଯାଇଥିବାରୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। କୁମରମଣୀ ତନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜରୁରିକାଳୀନ ବୈଠକରେ ନିନ୍ଦା କରାଯାଇ ଜିଲାପାଳ ଓ ଏସପିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଏ ନେଇ ପଣ୍ଡାପଡା ଥାନାରେ ଏତଲା ଦିଆଯାଇଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଗିରଫ କରିବାକୁ ସଦସ୍ୟ ଅଲେଖ ଚନ୍ଦ୍ର ପାତ୍ର ଦାବି କରିଛନ୍ତି।

### ବିଦ୍ୟୁତ୍ ନେଲା ଯୁବକଙ୍କ ଜୀବନ

ତେଲକୋଇ, ୨୪।୮(ଡି.ଏନ.ଏ.): ତେଲକୋଇ ଥାନା କରଦାଙ୍ଗୀ ପଞ୍ଚାୟତ ଆମ୍ବତଇଲା ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାକାର ମହାନ୍ତ(୩୭)। କଳାକାର ଏକ ଟର୍ଚ୍ଚ ସଜାଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

### ଘସିପୁରାରୁ ନାବାଳିକା ଉଦ୍ଧାର

ଆନନ୍ଦପୁର,୨୪।୮(ସ୍ୱ.ପ୍ର.): ଆନନ୍ଦପୁର ଚାଇଲ୍ଡ ଲାଇନ ପକ୍ଷରୁ ଘସିପୁରା ପେଟ୍ରୋଲ ପମ୍ପ ନିକଟରୁ ଜଣେ ଅସହାୟ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ସ୍ଥାନୀୟ ସମାଜସେବୀ ରାମ କୃଷ୍ଣ ମିଶ୍ର ୧୦୯୮ ଚାଇଲ୍ଡଲାଇନ୍‌କୁ ଫୋନ କରିଥିଲେ। ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ସଂଯୋଜକ ନରେନ୍ଦ୍ର ପରିଡା, ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ, ଆନନ୍ଦ ସାହୁ, ଗୟାଧର ଖୁଣ୍ଟିଆ, ସସ୍ମିତା ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଘସିପୁରା ଥାନାରେ ରିପୋର୍ଟ କରିଥିଲେ। ଉଦ୍ଧାର ନାବାଳିକାଙ୍କ ଘର ବ୍ରାହ୍ମଣୀପାଳ ଅଞ୍ଚଳରେ ବୋଲି ଜଣାଯାଇଛି। ମା'ବାପ ଛେଉଣ୍ଡ ନାବାଳିକା ଜଣଙ୍କ ସ୍କୁଲ ଡ୍ରେସ୍ ପିନ୍ଧି ଉକ୍ତ ଅଞ୍ଚଳରେ ବୁଲୁଥିଲେ।

### ଚାଷୀଙ୍କୁ ଘାରିଲାଣି ସାର ଚିନ୍ତା

ଚମ୍ପୁଆ,୨୪।୮(ଡି.ଏନ.ଏ.): ଚମ୍ପୁଆ କୃଷି ଜିଲା ଝୁମ୍ପୁରା ଓ ଯୋଡ଼ା ବ୍ଲକର ଚାଷୀଙ୍କୁ ୟୁରିଆ ସାର ଚିନ୍ତା ଘାରିଛି। ଧାନ ଗଛ ସାର ଆବଶ୍ୟକ କରୁଥିବା ବେଳେ ୩ ଗୋଟି ବ୍ଲକରେ ୟୁରିଆ ସାର ପାଇବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଚମ୍ପୁଆ କୃଷି ଜିଲା ଚାଷୀଙ୍କ ପାଇଁ ୩୩୦୦ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକତା ରହିଛି। ଚମ୍ପୁଆରେ ୧୩୦୦, ଯୋଡ଼ାରେ ୭୦୦ ଓ ଝୁମ୍ପୁରାରେ ୧୩୫୦ ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକତା ରହିଛି। ସେଥି ମଧ୍ୟରୁ ଚମ୍ପୁଆ ଲ୍ୟାମ୍ପକୁ ୧୯୪.୪୨, ଭଣ୍ଡାକୁ ୧୭୮.୪୨, ଉଖୁଣ୍ଡାକୁ ୧୦୯.୩୯, ଝୁମ୍ପୁରାକୁ ୩୭.୯୮ ମେଟ୍ରିକ ଟନ୍ ଓ ବେସରକାରୀ ବିକ୍ରେତାକୁ ୩୪୦ ଓ ୧୨.୨ ମେଟ୍ରିକ ଟନ୍ ପ୍ରଦାନ କରାଯାଇଛି। ସର୍ବମୋଟ ୯୫୧.୨ ମେଟ୍ରିକ ଟନ୍ ବର୍ତ୍ତମାନ ସୁଦ୍ଧା ଯୋଗାଣ ହୋଇଛି। ଅନ୍ୟପକ୍ଷରେ ଚମ୍ପୁଆ ଅଞ୍ଚଳରେ ୧୪୨୨୦, ଝୁମ୍ପୁରାରେ ୧୮୬୦୫ ଓ ଯୋଡ଼ା ଅଞ୍ଚଳରେ ୮୨୬୦ ହେକ୍ଟର ଜମି ଧାନ ଚାଷ କରାଯାଇଛି। ମୋଟ ୪୧୦୧୫ ଚାଷ ଜମିରୁ ୪୧୦୮୫ ହେକ୍ଟର ଚାଷଯୋଗ୍ୟ ହୋଇଛି। ତୁରନ୍ତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି। କୃଷି ଜିଲା ଅଧିକାରୀ ଗଜେନ୍ଦ୍ରନାଥ ଗଛାୟତଙ୍କୁ ପଚାରିବାରୁ ୧୦ ଦିନ ପୂର୍ବରୁ ସାର ଆସିବା କଥା ମାତ୍ର ବର୍ତ୍ତମାନ ସୁଦ୍ଧା ଆସିପାରି ନାହିଁ। ତୁରନ୍ତ ଏହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଖଣି କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର, ୨୪।୮(ସ୍ୱ.ପ୍ର.)


ଖଣି କାର୍ଯ୍ୟାଳୟକୁ ଘେରାଉ କରି ଫେରିଥିବା ଟ୍ରକ୍ ମାଲିକ।

**ଜିପିଏସ ଅଚଳ**
- ଖଣିଜ ପରିବହନ ବାଧାପ୍ରାପ୍ତ
- କ୍ଷତିଗ୍ରସ୍ତ ହେଉଛନ୍ତି ଟ୍ରକ୍ ମାଲିକ
- କାମ ନେଇଥିବା ସଂସ୍ଥାକୁ ଅନୁକମ୍ପା

ରାଜ୍ୟରେ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ ଖଣି ବିଭାଗ ପକ୍ଷରୁ ପରିବହନ ଯାନରେ ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଜିପିଏସ୍) ଲଗାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଖଣିଜ ପରିବହନ କରୁଥିବା ଟ୍ରକ୍ ଓ ଡରଗୁଡିକର ଗତିବିଧି ଉପରେ ଦୃଷ୍ଟି ରଖିବା ପାଇଁ ଜିପିଏସ୍ ମାଧ୍ୟମରେ କମ୍ପ୍ୟୁଟରରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସ୍ୱତନ୍ତ୍ର ସଫ୍ଟୱେର ପ୍ରସ୍ତୁତ କରାଯାଇ ରାଜ୍ୟରେ ଥିବା ୧୪ ଖଣି ସର୍କଲ ମାଧ୍ୟମରେ ଜିପିଏସ୍ ବ୍ୟବସ୍ଥା କରାଯାଇଥିଲା। ଗତ ୨୦୧୬ ଅକ୍ଟୋବର ୧ରେ ଜିପିଏସ୍ ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା। ଜିପିଏସ ଅକାମୀ ହୋଇପଡ଼ିବାରୁ ଟ୍ରକ୍‌ରେ ପରିବହନ କାର୍ଯ୍ୟ ହୋଇପାରୁନି। ଫଳରେ ଟ୍ରକ୍ ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶତାଧିକ ଟ୍ରକ ମାଲିକ କେନ୍ଦୁଝର ଖଣି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ନେଇ ଜିପିଏସ ଯୋଗାଇବାକୁ ଠିକା ନେଇଥିବା ସଂସ୍ଥାଙ୍କୁ ଖଣି ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜିଲାରେ ପାଖାପାଖି ୧୦ ହଜାର ଟ୍ରକ୍, ଟିପର ରାସ୍ତା କଡରେ ଠିଆ ହୋଇଛି।

ରାଜ୍ୟର ୧୪ଟି ସର୍କଲର ୫୬ ହଜାରରୁ ଊର୍ଦ୍ଧ୍ୱ ଟ୍ରକରେ ଲାଗିଛି ଜିପିଏସ୍। ଜିପିଏସ୍ ସର୍ଭରରେ ବାରମ୍ବାର ସମସ୍ୟା ଦେଖାଯାଉଛି। କେନ୍ଦୁଝର ଜିଲାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍‌ରେ ଉକ୍ତ ସମସ୍ୟା ଦେଖାଯାଇଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। କେନ୍ଦୁଝର ଖଣି ଅଧିକାରୀ ଏବଂ ଯୋଡ଼ା ଖଣି ମଣ୍ଡଳର ଉପନିର୍ଦ୍ଦେଶକ ଭିଡିଓ କନଫରେନ୍ସିଂରେ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ଥିବାବେଳେ ଟ୍ରକ୍ ମାଲିକମାନେ କାର୍ଯ୍ୟାଳୟରେ ଧସେଇ ପଶି ତାହାକୁ ବନ୍ଦ କରି ଦେଇଥିଲେ। ନିଜର ଦାବିକୁ ନେଇ ଟ୍ରକ୍ ମାଲିକମାନେ ଉଭୟ ଅଧିକାରୀଙ୍କୁ ଘେରାଉ କରି ରଖିଥିଲେ। ଅନ୍ୟ ସଂଘ ଅପେକ୍ଷା କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ସଦସ୍ୟମାନେ ଅଧିକ କ୍ଷତିଗ୍ରସ୍ତ ହେଉଥିବାରୁ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲେ ବୋଲି କୁହାଯାଉଛି। ଜିପିଏସର ବଜାର ମୂଲ୍ୟ ୩ରୁ ୪ ହଜାର, ତାହାକୁ ୧୨ ହଜାର ଟଙ୍କାରେ ଟ୍ରକ୍ ମାଲିକମାନେ କିଣିଥିଲେ। ସରକାରଙ୍କ ଏପରି ନିଷ୍ପତ୍ତି ପଛରେ ବଡଧରଣ ଦୁର୍ନୀତି ହୋଇଛି। ଏଥିରେ ଖଣି ବିଭାଗର ଉଚ୍ଚ ଅଧିକାରୀଙ୍କ ହାତ ରହିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଟ୍ରକ ମାଲିକ ଦେବୁ ପଟ୍ଟନାୟକଙ୍କ ସମେତ ଦିଲୀପ ପଣ୍ଡା, ବାବୁଲା ଘୋଷ, ରୁଦ୍ର ମିଶ୍ର, ବିଭୂତି ରାଉତ, ନିହାର ରଞ୍ଜନ ଦାସ, ସଞ୍ଜୟ ସିଂ, ବାବୁଲା ପଣ୍ଡା ଅଭିଯୋଗ କରିଛନ୍ତି। ଏ ନେଇ ଯୋଡା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ କହିଛନ୍ତି, ଜିପିଏସ ଯୋଗାଇଥିବା ଭେଣ୍ଡରଙ୍କ ସହ ଯୋଗାଯୋଗ କରି ସମସ୍ୟା ସମାଧାନ କରାଯାଉଛି। ବିନା ଜିପିଏସରେ ଗାଡି ଚଲାଇବା ଅନୁମତି କ୍ଷମତା ମୋର ନାହିଁ। ଏ ନେଇ ଉପରିସ୍ଥ ଅଧିକାରୀଙ୍କଠାରୁ ଯାହା ଆଦେଶ ଆସିବ ସେ ନେଇ ପଦକ୍ଷେପ ନିଆଯିବ। କେନ୍ଦୁଝର ଖଣି ଅଧିକାରୀ ଧ୍ରୁବ ଚରଣ ସାହୁଙ୍କୁ ପଚାରିବାରୁ ଜିପିଏସ ଭେଣ୍ଡରଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ସେ କହିଛନ୍ତି।

## ଛତୁଆରେ ପୋକ, ତଦନ୍ତ କଲେ ସିଡିପିଓ

କେନ୍ଦୁଝର, ୨୪।୮ (ସ୍ୱ.ପ୍ର.)

ସଦର ବ୍ଲକ ରାଇକଳା ଅଙ୍ଗନୱାଡିରେ ଯୋଗାଣ ହୋଇଥିବା ଛତୁଆରେ ଗୁରୁବାର ପୋକ ବାହାରିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ନିମ୍ନମାନର ଛତୁଆକୁ ନେଇ ଅଭିଭାବକମାନେ ସିଡିପିଓଙ୍କୁ ଅଭିଯୋଗ କରିଥିଲେ। ଏ ନେଇ ନାଏବ ସରପଞ୍ଚ ଯୋଗେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ବସି ଆଲୋଚନା ହୋଇଥିଲା। ବୈଠକରେ ସିଡିପିଓ, ସୁପରଭାଇଜର ସମେତ ଅନ୍ୟମାନେ ସାମିଲ ଥିଲେ। ସମସ୍ତ ଛତୁଆ ଫେରସ୍ତ କରିବାକୁ ନିଷ୍ପତ୍ତି ନିଆଯିବା ସହ ଶୁକ୍ରବାର ସଦର ସିଡିପିଓ ଉକ୍ତ ଗ୍ରାମକୁ ଯାଇ ଛତୁଆର ମାନ ଯାଞ୍ଚ କରିଥିଲେ।

ଉକ୍ତ ଅଙ୍ଗନୱାଡିରେ ମୁକୁନା ଗ୍ରାମର ଏକ ଏସ୍‌ଏଚ୍‌ଜି ଛତୁଆ ଯୋଗାଇ ଆସୁଥିଲା। ଆଗରୁ ନିମ୍ନମାନର ଛତୁଆ ଯୋଗାଣ ନେଇ ଅଭିଯୋଗ ହୋଇଆସୁଥିଲା। ଏପରିକି ଗତ ବର୍ଷ ପଞ୍ଚାୟତ ବୈଠକରେ ଛତୁଆରେ ପୋକ ବାହାରୁ ଥିବା ନେଇ ଅଭିଯୋଗ କ୍ରମେ ଆଲୋଚନା ହୋଇଥିଲା। ଏଭଳି ଛତୁଆ ଗ୍ରହଣ ନ କରିବାକୁ ଅଙ୍ଗନୱାଡିକୁ ପଞ୍ଚାୟତ ପକ୍ଷରୁ କୁହାଯାଇଥିଲା। ନିମ୍ନମାନର ଛତୁଆ ଯୋଗୁଁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସିଡିପିଓଙ୍କ ରିପୋର୍ଟ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ମତପ୍ରକାଶ ପାଉଛି।

## ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି


ଏସ୍‌ପି ଅଫିସ ଆସି ଗୁହାରି କରିଥିବା ଗ୍ରାମବାସୀ।

କେନ୍ଦୁଝର, ୨୪।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଆମୁଣି ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ନିଖୋଜ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗିରହିଛି। ନାବାଳିକାଙ୍କ ପରିବାର ଲୋକ ଶୁକ୍ରବାର କେନ୍ଦୁଝର ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୦ରେ ସୁବର୍ଣ୍ଣ ବସରେ ବସି ନାବାଳିକା ଜଣଙ୍କ ରାଇସୁଆଁକୁ କମ୍ପ୍ୟୁଟର ପଢିବା ପାଇଁ ଯାଇ ଆଉ ଫେରିନାହାନ୍ତି। ବହୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସଦର ଥାନା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ବାଧ୍ୟ ହୋଇ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପୋଲିସ ବିଭାଗ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ମୁସ୍କାନ କାର୍ଯ୍ୟକ୍ରମ ଚଳାଇଛନ୍ତି। ନାବାଳିକାଙ୍କ କୌଣସି ପତ୍ତା ନ ମିଳିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ନାବାଳିକାଙ୍କୁ ଉଦ୍ଧାର ହୋଇପାରିବ ବୋଲି ପରିବାର ଆଶାବ୍ୟକ୍ତ କରିଛନ୍ତି। ଝିଅଙ୍କୁ ତୁରନ୍ତ ଫେରାଇ ଆଣିବାକୁ ନାବାଳିକାଙ୍କ ମା'ବାପା ଏସପିଙ୍କୁ ନିବେଦନ କରିଛନ୍ତି।

## ଲିଖିତ ପ୍ରତିଶ୍ରୁତି ପରେ ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ

ଯୋଡ଼ା,୨୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଜୁରୁଡ଼ିସ୍ଥିତ ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ଖଣିରେ ୫ଦଫା ଦାବି ନେଇ ଶ୍ରମିକମାନେ ଖଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୫ଦିନ ଧରି ଧାରଣାରେ ବସିବା ପରେ ଶୁକ୍ରବାର ଖଣି କର୍ତ୍ତୃପକ୍ଷ, ଶ୍ରମିକ ସଂଘର କର୍ମକର୍ତ୍ତାଙ୍କ ସହ ଏକ ଆଲୋଚନା ବୈଠକ କରିଥିଲେ। ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। କମ୍ପାନୀ ପକ୍ଷରୁ ମାନବ ସମ୍ବଳ ଭାଇସ ପ୍ରେସିଡେଣ୍ଟ ସୁବ୍ରତ ମହାପାତ୍ର ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ଅଶୋକ ପତି, କେନ୍ଦୁଝର ମାଇନ୍ସ ଫରେଷ୍ଟ ୱାର୍କସ ୟୁନିୟନର ସଭାପତି ରାମକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ମହାନ୍ତଙ୍କ ସହ ବିଭିନ୍ନ ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା।

ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ସୂଚନା ଦେଇଛନ୍ତି, କମ୍ପାନୀରେ ଅବସର ବୟସ ୫୮ବର୍ଷରୁ ୬୦ବର୍ଷ ବୃଦ୍ଧି, ଗତ ୧ରୁ ବକେୟା ଥିବା ମଜୁରି ବୃଦ୍ଧି ଚୁକ୍ତିନାମା ଆସନ୍ତା ସେପ୍ଟେମ୍ବର ୧୦ ସୁଦ୍ଧା କରାଯିବ, ଶ୍ରମିକଙ୍କୁ ଉକ୍ତ ମାସ ସହ ଦରମା ପ୍ରଦାନ କରାଯିବ, ଖଣିରେ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ ପ୍ରଶାସନର ହସ୍ତକ୍ଷେପ ଯୋଗୁ ପରବର୍ତ୍ତୀ ସମୟରେ ଶ୍ରମିକ ସଂଘ, ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରି ଏହାର ନିଷ୍ପତ୍ତି ନିଆଯିବ, ଖଣିରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଠିକା ଶ୍ରମିକଙ୍କୁ ପଦବୀ ଖାଲି ଥିବା ସ୍ଥାନରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବ ଦାବି ପୂରଣ କରାଯିବାର ଲିଖିତ ପ୍ରତିଶ୍ରୁତି କମ୍ପାନୀ ପକ୍ଷରୁ ଦେବା ପରେ ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି।

## ନାଳରେ ବୁଡ଼ିଗଲେ ବାଳକ

ହାଟଡିହୀ,୨୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ବିରିଡି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ନାଳରେ ବୁଡି ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ବିରିଡି ଗ୍ରାମର ଭୀମ ମହାଳିକଙ୍କ ପୁଅ ବଣ୍ଟି ମହାଳିକ(୧୪) ନିକଟସ୍ଥ ଏକ ନାଳକୁ ଗାଧୋଇବାକୁ ଯାଇ ସେଠାରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ନନ୍ଦିପଦା ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ନିର୍ମାଣ ଶ୍ରମିକଙ୍କୁ ମିଳିଲା ସାଇକେଲ


ଜଣେ ମହିଳା ଶ୍ରମିକଙ୍କୁ ସାଇକେଲ ଦିଆଯାଉଛି।

ଚମ୍ପୁଆ, ୨୪।୮(ଡି.ଏନ.ଏ.)

ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଦ୍ୱାରା ଓଡ଼ିଶା କୋଠାବାଡି ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ ଶ୍ରମିକଙ୍କୁ ଚମ୍ପୁଆ ନଗର ଭବନଠାରେ ପରିଚୟପତ୍ର ସହ ସହାୟତା ରାଶି ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ଲୋକ ସଭା ସଦସ୍ୟ ଶକୁନ୍ତଳା ଲାଗୁରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବିଡିଓ ନୁପୁର ଚାନ୍ଦଗୋଟିଆ ଓ ଜିଲା ଶ୍ରମ ଅଧିକାରୀ ଅଜୟ ପ୍ରଧାନ ଏବଂ କେନ୍ଦୁଝର ସଦର ବିଧାୟକ ଅଭିରାମ ନାଏକ ଯୋଗଦେଇ ଓଡ଼ିଶା ସରକାରଙ୍କ ଶ୍ରମିକଙ୍କ ପାଇଁ ଥିବା ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ୭୫୦ ଜଣଙ୍କୁ ବାଇସାଇକେଲ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜୟନ୍ତ କୁମାର ନାଏକ ପରିଚାଳନା କରିଥିଲେ। ଚମ୍ପୁଆ ବ୍ଲକର ବହୁ ନିର୍ମାଣ ଶ୍ରମିକ ଏଥିରେ ଯୋଗ ଦେଇଥିଲେ।

## ମୃତ୍ୟୁର ପଥ ବାଛି ନେଲେ ରାମଚନ୍ଦ୍ର

କେନ୍ଦୁଝର, ୨୪।୮(ସ୍ୱ.ପ୍ର.)

ସଦର ଥାନା ପୋଲିସ ଶୁକ୍ରବାର ସାନଆମୁଣୀ ଗ୍ରାମର ଏକ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ନାମ ରାମଚନ୍ଦ୍ର ଲୋହାର (୫୭)। ତାଙ୍କର ୩ ପୁଅ। ସେମାନଙ୍କ ମଧ୍ୟରୁ ୨ ଜଣ ଗ୍ରାମ ବାହାରେ ରୁହନ୍ତି। ଅନ୍ୟ ଜଣେ ପୁଅ ତାଙ୍କ ସ୍ତ୍ରୀଙ୍କୁ ନେଇ ହାଣ୍ଡିଭଙ୍ଗା ଗ୍ରାମରେ ରହୁଥିଲେ।

ପରିବାର ଲୋକଙ୍କ କହିବାନୁଯାୟୀ, ଗୁରୁବାର ରାମଚନ୍ଦ୍ର ହାଣ୍ଡିଭଙ୍ଗା ଘରକୁ ଆସି ଖାଇବାକୁ ମାଗିଥିଲେ। ଖାଇବା ପ୍ରସ୍ତୁତରେ ବିଳମ୍ବ ହେବାରୁ ରାଗି ଯାଇ ପୁରୁଣା ଘର ସାନଆମୁଣୀକୁ ପଳାଇଯାଇଥିଲେ। ଉକ୍ତ ଘରେ କେହି ରହୁ ନ ଥିବା ବେଳେ ପରିତ୍ୟକ୍ତ ଅବସ୍ଥାରେ ଥିଲା। ଶୁକ୍ରବାର ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଢେଙ୍କିକୋଟ ଶିଶୁ ବିଦ୍ୟାମନ୍ଦିରର ସଫଳତା


କୃତୀ ଛାତ୍ରୀମାନଙ୍କୁ ବିଦ୍ୟାମନ୍ଦିରରେ ସମ୍ବର୍ଦ୍ଧନା ଦିଆଯାଉଛି।

ଢେଙ୍କିକୋଟ, ୨୪।୮(ଡି.ଏନ.ଏ.)

ଘଟଗାଁ ବ୍ଲକ ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ଖୋଖୋ ପ୍ରାଦେଶୀକ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ପାଇଛନ୍ତି। ଉକ୍ତ ପ୍ରତିଯୋଗିତା ସମ୍ବଲପୁରର ଧନୁପାଲିଠାରେ ଗତ ୨୧ରୁ ୨୩ ପର୍ଯ୍ୟନ୍ତ ଦୀର୍ଘ ୩ ଦିନ ଧରି ଚାଲିଥିଲା। ଏଥିରେ ଓଡ଼ିଶାର ବହୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଶିକ୍ଷୟିତ୍ରୀ ଭାରତୀ ଭୋଇଙ୍କ ନେତୃତ୍ୱରେ ବିଦ୍ୟାମନ୍ଦିରର ସ୍ମୃତିମୟୀ ଗିରି, ଭୂମିକା ମୁଣ୍ଡା, ଗାୟତ୍ରୀ ନାୟକ, ଅଲିଭା ମହାନ୍ତ, କଲ୍ୟାଣୀ ମହାକୁଡ଼, ପ୍ରିୟଦର୍ଶିନୀ ପରିଡ଼ା, ପ୍ରଜ୍ଞା ପାରମିତା ପରିଡ଼ା, ସୁନୟନା ବେହେରା, ଦୀପିକା ପରିଡ଼ା, ମୌସୁମୀ ପାତ୍ର, ପୂର୍ଣ୍ଣିମା ସାହୁ, ସ୍ମୃତିଶିଖା ନାୟକ ଏବଂ ଲିପ୍‌ସାରାଣୀ ବାରିକ ଯୋଗଦେଇ ଉଚ୍ଚକୋଟିର ଖେଳପ୍ରଦର୍ଶନ କରି ଚାମ୍ପିୟନ ହୋଇଛନ୍ତି।

ଆୟୋଜିତ ଉତ୍ସବରେ ଖୋଖୋ ଟିମ୍‌କୁ ସିଲ୍ ସମେତ ସମସ୍ତଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଉକ୍ତ ଟିମ୍ କ୍ଷେତ୍ରୀୟ ସ୍ତରକୁ ଖେଳକୁଦକୁ ଉନ୍ନତି କରିଥିବା ବେଳେ ସେମାନେ ରାଜସ୍ଥାନରେ ଖେଳିବା ପାଇଁ ବିବେଚିତ ହୋଇଥିବା କ୍ରୀଡ଼ା ଶିକ୍ଷୟିତ୍ରୀ ଭାରତୀ ଭୋଇ ପ୍ରକାଶ କରିଛନ୍ତି। ଉଦୟମାନ ଖେଳାଳୀଙ୍କୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାମନ୍ଦିରରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାମନ୍ଦିରର ସୁନାମକୁ ରାଜସ୍ଥାନରେ ମଧ୍ୟ ସର୍ବୋଚ୍ଚରେ ରଖିବା ଛାତ୍ରୀମାନେ ଅଭ୍ୟାସ ଜାରି ରଖିବେ ବୋଲି କହିଛନ୍ତି।

## ସହାୟତାର ହାତ ବଢ଼ାଇଲା ଜନକଲ୍ୟାଣ ସମିତି

ହାଟଡିହୀ,୨୪।୮(ଡି.ଏନ.ଏ.)

ହାଟଡିହୀ ବ୍ଲକ ନାହା ଗ୍ରାମରେ ଗତ ୧୩ତାରିଖରେ ଦୁଇ ଶିଶୁଙ୍କୁ ତାଙ୍କ ମା' ବିଷ ପିଆଇ ହତ୍ୟା ଉଦ୍ୟମ କରିଥିଲେ। ଉଭୟ ଶିଶୁଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘରୋଇ କଳିକୁ କେନ୍ଦ୍ରକରି ଏପରି ଘଟଣା ଘଟିଥିଲା। ଉକ୍ତ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ହାଟଡିହୀ ଅଞ୍ଚଳରେ ନୂତନ ଭାବେ ଗଢି ଉଠିଥିବା ଜନ କଲ୍ୟାଣ ସମିତି ସଙ୍ଗଠନ ସହାୟତାର ହାତ ବଢାଇଛି।

ସଙ୍ଗଠନର ସଦସ୍ୟ ତଥା ଯୁବ ଇଞ୍ଜିନିୟର ଚନ୍ଦ୍ର ମୌଳି ମହାନ୍ତି କହିଛନ୍ତି ଯେ, 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିବା ଜାଣି ସହାୟତାର ହାତ ବଢାଯାଇଛି। ବସ୍ତ୍ର, ନଗଦ ଟଙ୍କା, ଖାଦ୍ୟ ପ୍ରଦାନ କରାଯାଇଛି। ସହାୟତା ପ୍ରଦାନ ସମୟରେ ତାପସ ରାଉତ, ବିଜୟ ରାଉତ, ନିରଞ୍ଜନ ଜେନା, ଶ୍ୟାମସୁନ୍ଦର ରାଉତ, ଦିଗମ୍ବର ଦାସ, ବିଶ୍ୱରଞ୍ଜନ ଜେନା, ଅନନ୍ତ ଜେନା, ସୌମ୍ୟରଞ୍ଜନ ସାମଲ, ମୁନା ମହାନ୍ତି, ପରମାନନ୍ଦ ରାଉତ, ଗଦାଧର ରାଉତ, ଅରବିନ୍ଦ ମହାନ୍ତି, ବଳରାମ ଦାସ, ପଜେସ ମହାନ୍ତି, ପ୍ରଶାନ୍ତ ବେହେରା, ରକ୍ଷାକର ପଲତା, ରାଜୀବ ପଲତା, ମୋହନ ସା, ସତ୍ୟବ୍ରତ ରାଉତ, ହରିହର ଜେନା, ସୁନୀଲ ବେହେରା, ମନୋଜ ବେହେରା, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କା ଜମା ନାଁରେ ଠକେଇ

ପାଟଣା,୨୪।୮(ସ୍ୱ.ପ୍ର.)



ଠକେଇର ଶିକାର ହୋଇଥିବା ଗ୍ରାହକ।

**ଖଜିରାପାଟ ଗ୍ରାହକ ସେବାକେନ୍ଦ୍ର**
- ଲକ୍ଷାଧିକ ଟଙ୍କା ହେରଫେର୍
- ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ଅଭିଯୋଗ
- ଥାନାରେ ଏତଲା ଦେଲେ ଗ୍ରାହକ

ସହଜରେ ଲୋକଙ୍କ ଟଙ୍କା ନେଣଦେଣ ପାଇଁ ସରକାର ଅତ୍ୟାଧୁନିକ ଟେକ୍ନୋଲୋଜି ସହ କେତେକ ସଂସ୍ଥାଙ୍କୁ ନିୟୋଜିତ କରିଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଲୋକଙ୍କୁ କେତେ ଜଣେ ଅସାଧୁ କର୍ମଚାରୀ ଠକୁଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଖଜିରାପାଟ ପଞ୍ଚାୟତ ପଡ଼ିଆପଶି ଗ୍ରାମର ଚିନ୍ମୟ କୁମାର ପଣ୍ଡା ଖଜିରାପାଟ ବ୍ୟାଙ୍କ ଅଫ ଇଣ୍ଡିଆ ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ଜମା କରି ଠକାମିର ଶିକାର ହୋଇଛନ୍ତି। ଏ ନେଇ ଚିନ୍ମୟଙ୍କ ବାପା ମୋତିଲାଲ ଗତ ଶନିବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

୨୦୧୭ ମେ ୨୪ରେ ଚିନ୍ମୟ ଖଜିରାପାଟ ଉକ୍ତ ଗ୍ରାହକ ସେବାକେନ୍ଦ୍ରରେ ଦଶ ହଜାର ଟଙ୍କା ଜମା କରିଥିଲେ। ଗତ ୧୮ରେ ଚିନ୍ମୟ ବ୍ୟାଙ୍କ ଅଫ ଇଣ୍ଡିଆ ଉଦୟପୁର ଶାଖାକୁ ଟଙ୍କା ଉଠାଇବାକୁ ଯାଇ ଜାଣିବାକୁ ପାଇଥିଲେ ଯେ ତାଙ୍କ ଜମା ଖାତାରେ ଟଙ୍କା ନାହିଁ। ଏ ନେଇ ସେ ଶାଖା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ପରେ ଥାନାର ଦ୍ୱାରସ୍ଥ ହେବାପରେ ଟଙ୍କା ଫେରସ୍ତ ପାଇଥିଲେ। ସେହିପରି ଦୁଅଘାଟ ଗ୍ରାମର ସୁକୁମାରୀ ବେୱା ୪୫ ହଜାର ଟଙ୍କା, ଖଜିରାପାଟର ଶୁକଦେବ ମହାନ୍ତ ୨୯ ହଜାର, ଉର୍ବଶୀ ମହାନ୍ତ ୧୦ ହଜାର ଓ ବିନିଦା ଗ୍ରାମର ବିରାଙ୍ଗ ମୁଣ୍ଡା ୮ ହଜାର ଟଙ୍କା ଉକ୍ତ ଗ୍ରାହକ ସେବା କେନ୍ଦ୍ରରେ ଜମା କରିଥିଲେ। ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା ଜଣାଯାଇଛି। ଏଥିରେ ବଡ ଧରଣର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସତ୍ୟରଞ୍ଜନ ପଣ୍ଡାଙ୍କ ନାମରେ ଏକ ଚେକ୍‌ବୁକ୍‌କୁ ଚଞ୍ଚକତା କରି ୨ ଲକ୍ଷ ଟଙ୍କା ହେରଫେର କରାଯାଇଥିବା ସତ୍ୟରଞ୍ଜନ ଅଭିଯୋଗ କରିଛନ୍ତି। ଆର୍ଥିକ ଅନିୟମିତତା ବିଷୟରେ ଉଦୟପୁର ବ୍ୟାଙ୍କ ପରିଚାଳକ ପରେଶ କୁମାର ସେଠୀଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗକୁ ଏଡାଇ ଦେଇଥିଲେ। ଏ ବାବଦରେ ବ୍ୟାଙ୍କରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରାହକଙ୍କୁ ସହଯୋଗ କରୁନାହାନ୍ତି। ବ୍ୟାଙ୍କ ଅଫ ଇଣ୍ଡିଆ ନାଁରେ ଖୋଲାଯାଇଥିବା ଗ୍ରାହକ ସେବା କେନ୍ଦ୍ରରେ ଗରିବୀ ଲୋକଙ୍କ ଅର୍ଥ ହେରଫେର କରିଥିବା ଆଲୋଚନା ଜୋର ଧରିଛି। ନିରପେକ୍ଷ ତଦନ୍ତ ହେଲେ ଘୋଟାଲା ପଦାକୁ ଆସିପାରିବ। ଜମା ଟଙ୍କା ହେରଫେର କରିଥିବା ଦୋଷୀକୁ ଦଣ୍ଡ ବିଧାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।